| |
|---|
| ଆଜି - ରବିବାର |
| ତାରିଖ - ୨୪ ମଇ ୨୦୨୬ |
| ମାସ - ବୃଷ, ଦିନ - ୧୦ |
| ତିଥି - ନବମୀ, ପକ୍ଷ- ଶୁକ୍ଳ |
| ନକ୍ଷତ୍ର - ପୂର୍ବଫାଲ୍‌ଗୁନୀ, ସିଂହ ଚନ୍ଦ୍ର |
| ସୂର୍ଯ୍ୟୋଦୟ - ୫: ୧୭: ୦୦ |
| ସୂର୍ଯ୍ୟାସ୍ତ - ୬ : ୧୪ : ୦୦ |

E-mail: ajikalibls@gmail.com

ସତ ଖବର ସମସ୍ତଙ୍କ ଖବର

# ଆଜିକାଲି

Morning Edition AJIKALI ପ୍ରଭାତୀ ସଂସ୍କରଣ

ପ୍ରତିଷ୍ଠାତା - ବିସ୍ମୟ ମହାନ୍ତି


"ଅଧିକାରକୁ ହରଣ କରିଥିବା ବ୍ୟକ୍ତିଙ୍କ ବିବେକ ନିକଟରେ ନିବେଦନ କରି ହୃତ ଅଧିକାରକୁ କେବେହେଲେ ଫେରାଇ ଅଣାଯାଇପାରେ ନାହିଁ ।"

- ବି. ଆର. ଆମ୍ବେଦକର


E-News : www.Ajikali epaper.com

Vol.- 41 ISSUE- 40 R.N.I. REGD. No. 44026/86 ବାଲେଶ୍ୱର ୨୪ ମଇ ୨୦୨୬ ରବିବାର BALASORE 24 MAY 2026 SUNDAY "REGISTERED" REGISTRATION NO. BALASORE (ORISSA)/003/2023-24 Rupees - 2.00 ମୂଲ୍ୟ – ଟ.୨.୦୦


## ସରକାରୀ ରୋଜଗାର ମେଳାରେ ନବନିଯୁକ୍ତ ଯୁବକମାନଙ୍କୁ ନିଯୁକ୍ତି ପତ୍ର ବଂଟନ କଲେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆଜି ପୂର୍ବାହ୍ନ ୧୧ଟାରେ ଭିଡିଓ କନଫରେନ୍ସିଂ ମାଧ୍ୟମରେ ୧୯ତମ ରୋଜଗାର ମେଳାରେ ବିଭିନ୍ନ ସରକାରୀ ବିଭାଗ ଏବଂ ସଂଗଠନରେ ନବନିଯୁକ୍ତ ଯୁବକମାନଙ୍କୁ ୫୧,୦୦୦ ରୁ ଅଧିକ ନିଯୁକ୍ତି ପତ୍ର ବଂଟନ କରିଛନ୍ତି । ସମାବେଶକୁ ସମ୍ବୋଧିତ କରି ସେ ଏହି ଅବସରରେ ଦେଶବ୍ୟାପୀ ହଜାର ହଜାର ଯୁବକ ଯୁବତୀଙ୍କ ପାଇଁ ଏକ ଗଭୀର ଗୁରୁତ୍ୱପୂର୍ଣ୍ଣ ଦିନ ଭାବରେ ବର୍ଣ୍ଣନା କରିଛନ୍ତି । ସରକାରୀ ସେବାରେ ନୂତନ ପ୍ରବେଶକାରୀଙ୍କୁ ସ୍ୱାଗତ କରି, ସେ ରେଳ, ବ୍ୟାଙ୍କିଂ, ପ୍ରତିରକ୍ଷା, ସ୍ୱାସ୍ଥ୍ୟ ଏବଂ ଶିକ୍ଷା ସମେତ ବିଭିନ୍ନ କ୍ଷେତ୍ରରେ ଭାରତର ବିକାଶରେ ସେମାନଙ୍କର ଅବଦାନ ଉପରେ ଗୁରୁତ୍ୱାରୋପ କରିଛନ୍ତି । 'ଆଗାମୀ ବର୍ଷଗୁଡ଼ିକରେ, ଆପଣମାନେ ସମସ୍ତେ ବିକାଶିତ ଭାରତର ସ୍ୱପ୍ନକୁ ସାକାର କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବେ,' ଶ୍ରୀ ମୋଦୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି । ନିଯୁକ୍ତ ବ୍ୟକ୍ତିମାନଙ୍କୁ ଏହି ମାଇଲଖୁଂଟରେ ପହଂଚାଇବା ପାଇଁ ଉତ୍ସର୍ଗୀକୃତତା ଏବଂ କଠୋର ପ୍ରସ୍ତୁତିକୁ ସମ୍ମାନିତ କରି ପ୍ରଧାନମନ୍ତ୍ରୀ ସେମାନଙ୍କ ପ୍ରତ୍ୟେକଙ୍କୁ ହୃଦୟର ସହିତ ଅଭିନନ୍ଦନ ଜଣାଇଥିଲେ । କୌଣସି ବ୍ୟକ୍ତିଗତ ସଫଳତା ଏକାକୀ ନୁହେଁ ବୋଲି ସ୍ୱୀକାର କରି, ସେ ସେହି ପରିବାର ଏବଂ ପିତାମାତାଙ୍କୁ ମଧ୍ୟ ଶୁଭେଚ୍ଛା ଜଣାଇଥିଲେ ଯେଉଁମାନଙ୍କର ସମର୍ଥନ ଏହି ପଥରେ ଅପରିହାର୍ଯ୍ୟ ଥିଲା । ପାଂଚଟି ଦେଶକୁ ନେଇ ସଦ୍ୟ ସମାପ୍ତ କୂଟନୈତିକ ଗସ୍ତରୁ ଅନ୍ତର୍ଦୃଷ୍ଟି ବାଂଟି ପ୍ରଧାନମନ୍ତ୍ରୀ ଡଜନ ଡଜନ ରାଷ୍ଟ୍ରର ପ୍ରତିନିଧିତ୍ୱ କରୁଥିବା ବିଶ୍ୱସ୍ତରୀୟ କର୍ପୋରେସନର ନେତାମାନେ ଭାରତର ଯୁବପିଢ଼ି ଏବଂ ଏହାର ପ୍ରଯୁକ୍ତିବିଦ୍ୟା ଉନ୍ନତି ବିଷୟରେ ପ୍ରକାଶ କରିଥିବା ସ୍ପଷ୍ଟ ଉତ୍ସାହ ପ୍ରକାଶ କରିଥିଲେ । ସେ ଭାରତର ଉତ୍ଥାନରେ ଅଂଶଗ୍ରହଣ କରିବାକୁ ଆଗ୍ରହୀ ଏକ ବିଶ୍ୱ ବର୍ଣ୍ଣନା କରିଥିଲେ । 'ବିଶ୍ୱ ଭାରତର ବିକାଶ ଯାତ୍ରାର ଏକ ଅଂଶ ହେବାକୁ ଚାହୁଁଛି,' ଶ୍ରୀ ମୋଦୀ ମନ୍ତବ୍ୟ ଦେଇଥିଲେ । ଗସ୍ତର କୂଟନୈତିକ ଏବଂ ଅର୍ଥନୈତିକ ଫଳାଫଳ ବିଷୟରେ ବିସ୍ତୃତ ଭାବରେ ବର୍ଣ୍ଣନା କରି ପ୍ରଧାନମନ୍ତ୍ରୀ ପ୍ରତ୍ୟେକ ଦେଶ ସହିତ ହୋଇଥିବା କ୍ଷେତ୍ର-ନିର୍ଦ୍ଦିଷ୍ଟ ଚୁକ୍ତିନାମା ଏବଂ ଆଲୋଚନାର ରୂପରେଖା ଦେଇଥିଲେ, ଯେଉଁଥିରେ ନେଦରଲ୍ୟାଣ୍ଡ ସହିତ ସେମିକଣ୍ଡକ୍ଟର, ଜଳ, କୃଷି ଏବଂ ଉନ୍ନତ ଉତ୍ପାଦନ ଉପରେ ଆଲୋଚନା; ସ୍ୱିଡେନ ସହିତ ଇଓ ଏବଂ ଡିଜିଟାଲ୍ ନବସୃଜନ କ୍ଷେତ୍ରରେ ସହଯୋଗ ଉପରେ ଆଲୋଚନା; ନରୱେ ସହିତ ସବୁଜ ପ୍ରଯୁକ୍ତିବିଦ୍ୟା ଏବଂ ସାମୁଦ୍ରିକ ସହଯୋଗ ଉପରେ ଆଲୋଚନା; ଟଇର ସହିତ ରଣନୈତିକ ଶକ୍ତି ଏବଂ ପ୍ରଯୁକ୍ତିବିଦ୍ୟା ସହଭାଗୀତା ଉପରେ ବୁଝାମଣା; ଏବଂ ଇଟାଲୀ ସହିତ ପ୍ରତିରକ୍ଷା, ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ ଏବଂ ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ଉପରେ ଚୁକ୍ତିନାମା । ପ୍ରଧାନମନ୍ତ୍ରୀ ମୋଦୀ ସ୍ପଷ୍ଟ କରିଛନ୍ତି ଯେ ଭାରତର ଆନ୍ତର୍ଜାତୀୟ ସହଭାଗୀତା ଉଦ୍ଦେଶ୍ୟମୂଳକ ଭାବରେ ଏହାର ଯୁବପିଢ଼ିଙ୍କୁ ସେବା ଯୋଗାଇବା ପାଇଁ ସଂରଚିତ । 'ଉଦ୍ଦେଶ୍ୟ ହେଉଛି ଭାରତର ଯୁବପିଢ଼ି ନିଯୁକ୍ତି ଏବଂ ବିଶ୍ୱସ୍ତରୀୟ ପରିଚିତି ପାଇବା,' ଶ୍ରୀ ମୋଦୀ ଦୃଢ଼ ଭାବରେ କହିଛନ୍ତି । ନିଯୁକ୍ତି ସୃଷ୍ଟି ପାଇଁ ପ୍ରତ୍ୟେକ ଚୁକ୍ତିନାମାର ସିଧାସଳଖ ପ୍ରାସଙ୍ଗିକତା ପ୍ରକାଶ କରି ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି ଯେ ପ୍ରତ୍ୟେକ ନୂତନ ନିବେଶ, ପ୍ରତ୍ୟେକ ପ୍ରଯୁକ୍ତିବିଦ୍ୟା ସହଭାଗୀତା ଏବଂ ପ୍ରତ୍ୟେକ ଶିଳ୍ପ ସହଯୋଗ ଶେଷରେ ଭାରତର ଯୁବପିଢ଼ିଙ୍କ ପାଇଁ ନୂତନ ସୁଯୋଗ ସୃଷ୍ଟି କରେ । ସେ ଏହି ସହଯୋଗର ଦୀର୍ଘକାଳୀନ ଗୁରୁତ୍ୱ ଉପରେ ଆହୁରି ଗୁରୁତ୍ୱାରୋପ କରିଛନ୍ତି । 'ଏଗୁଡ଼ିକ ହେଉଛି ସେହି କ୍ଷେତ୍ର ଯାହା ଆଗାମୀ ୨୫ ବର୍ଷ ପାଇଁ ବିଶ୍ୱ ଅଭିବୃଦ୍ଧିକୁ ପରିଭାଷିତ କରୁଥିବା ଶିଳ୍ପଗୁଡ଼ିକୁ ଆକାର ଦେବ,' ଶ୍ରୀ ମୋଦୀ ଦୃଢ଼ ଭାବରେ କହିଛନ୍ତି । ଏକ ବିଶ୍ୱସ୍ତ ବିଶ୍ୱ ଯୋଗାଣ ଶୃଙ୍ଖଳ ଅଂଶୀଦାର ଭାବରେ ଭାରତର ବଢୁଥିବା ପ୍ରତିଷ୍ଠାର ଏକ କଠିନ ଉଦାହରଣ ଭାବରେ ASML-ଟାଟା ଇଲେକ୍ଟ୍ରୋନିକ୍ସ ଚୁକ୍ତିନାମାକୁ ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ ସୂଚାଇଛନ୍ତି ଯେ ଭାରତ କେବଳ କିଛି ମୁଷ୍ଟିମେୟ ଦେଶମାନଙ୍କ ମଧ୍ୟରେ ଅଛି ଯେଉଁମାନଙ୍କ ସହିତ ଡଚ୍ ସେମିକଣ୍ଡକ୍ଟର ମହାରଥୀ ଏକ ଚୁକ୍ତି ସ୍ୱାକ୍ଷର କରିଛି । ସେ ଆହୁରି କହିଛନ୍ତି ଯେ ଇଓ ଉପରେ ସ୍ୱିଡେନ ସହିତ ସହଭାଗୀତା ଏବଂ ସୁପରକମ୍ପ୍ୟୁଟିଂ ଉପରେ ଟଇର ସହିତ ସହଯୋଗ ସମାନ ଭାବରେ ଭାରତର ପ୍ରଯୁକ୍ତିବିଦ୍ୟା କ୍ଷମତାକୁ ବୃଦ୍ଧି କରିବ । 'ଏହି ଏକମାତ୍ର ଇଝଗଖ-ଟାଟା ଇଲେକ୍ଟ୍ରୋନିକ୍ସ ଚୁକ୍ତିନାମା କେବଳ ଭାରତରେ ହଜାର ହଜାର ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ,' ଶ୍ରୀ ମୋଦି ଉଲ୍ଲେଖ କରିଛନ୍ତି । ସ୍ୱଚ୍ଛ ଶକ୍ତି, ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ, ସବୁଜ ହାଇଡ୍ରୋଜେନ ଏବଂ ସ୍ଥାୟୀ ଉତ୍ପାଦନର ଦ୍ରୁତ ଅଭିବୃଦ୍ଧିକୁ ଅପାର ସୁଯୋଗର କ୍ଷେତ୍ର ଭାବରେ ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଛନ୍ତି ଯେ ସ୍ୱିଡେନ, ନରୱେ ଏବଂ ଇଟାଲୀ ସହିତ ବୃଦ୍ଧି ପାଉଥିବା ସହଯୋଗ ।

## ଆଇନ ଶୃଙ୍ଖଳା ପରିସ୍ଥିତି ସମ୍ପର୍କରେ ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର : ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଚତୁର୍ଥ ଶନିବାର ଛୁଟି ଦିନରେ ଖାରବେଳ ଭବନରେ ଅଫିସ କାର୍ଯ୍ୟ କରିବା ସହ ଉଚ୍ଚ ପଦାଧିକାରୀମାନଙ୍କ ସହିତ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିଛନ୍ତି । ରାଜ୍ୟ ସରକାର ଦୁଇ ବର୍ଷ ପୂରଣ କରିବାକୁ ଯାଉଥିବାବେଳେ ସରକାରଙ୍କ ପ୍ରତିଶ୍ରୁତି ପାଳନ, ଯୋଜନାର କ୍ରିୟାନ୍ୱୟନ, ଶିଳ୍ପାୟନ ପ୍ରକ୍ରିୟା, ନିଯୁକ୍ତି ସୁଯୋଗ ଏବଂ ଭବିଷ୍ୟତ କାର୍ଯ୍ୟ ପନ୍ଥା ସଂପର୍କରେ ମୁଖ୍ୟମନ୍ତ୍ରୀ ଆଲୋଚନା କରିଛନ୍ତି । ଆଇନଶୃଙ୍ଖଳା ପରିସ୍ଥିତିରେ ଉନ୍ନତି ଆଣିବା ପାଇଁ ପୂର୍ବରୁ ମୁଖ୍ୟମନ୍ତ୍ରୀ ଉଚ୍ଚ ସ୍ତରୀୟ ବୈଠକରେ ପୋଲିସ ପ୍ରଶାସନକୁ କେତେକ ବାସ୍ତବବାଦୀ ପରାମର୍ଶ ଦେଇଥିଲେ । ଆଜି ମୁଖ୍ୟମନ୍ତ୍ରୀ ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ଓ ପୋଲିସ ମହାନିର୍ଦ୍ଦେଶକ ୱାଇ. ବି. ଖୁରାନିଆଙ୍କ ସହିତ ସେହି ନିର୍ଦ୍ଦେଶ ଗୁଡ଼ିକର ଅନୁପାଳନ ସମ୍ପର୍କରେ ଆଲୋଚନା ମଧ୍ୟ କରିଥିଲେ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ରାଜ୍ୟର ବିକାଶ ପାଇଁ ଆଇନଶୃଙ୍ଖଳା ପରିସ୍ଥିତି ଶାନ୍ତିପୂର୍ଣ୍ଣ ହେବା ଆବଶ୍ୟକ । ତେଣୁ ପୋଲିସ ପ୍ରଶାସନ ଦକ୍ଷତା ଓ ସତର୍କତାର ସହ କାର୍ଯ୍ୟ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ । ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ପ୍ରକାଶ ମିଶ୍ର ଉପସ୍ଥିତ ଥିଲେ ।

## ଅଳ୍ପରେ ଖବର

- ଚୀନ୍‌ର ଏକ କୋଇଲା ଖଣିରେ ଭୟଙ୍କର ବିସ୍ଫୋରଣ ଘଟିଛି । ଉତ୍ତର ଚୀନ୍‌ର ଶାଂସି ପ୍ରଦେଶର ଲିଉସେନ୍ୟୁ କୋଇଲା ଖଣିରେ ଗ୍ୟାସ୍ ବିସ୍ଫୋରଣରେ ଏପର୍ଯ୍ୟନ୍ତ ୯୦ ଜଣଙ୍କର ମୃତ୍ୟୁ ହୋଇଛି । ଦୁର୍ଘଟଣା ସମୟରେ ୨୪୭ ଜଣ ଶ୍ରମିକ ଭୂତଳରେ ଥିଲେ ।
- ପୁଣି ଥରେ ଫେରିଲା କରୋନା ଭୟ ! ବିଶ୍ୱବ୍ୟାପୀ ସଂକ୍ରମଣ କମିବା ପରେ ଏବେ ସିଙ୍ଗାପୁରରେ କରୋନାର କାୟା ବିସ୍ତାର ଦେଖିବାକୁ ମିଳିଛି, ଯାହା ସାରା ବିଶ୍ୱ ପାଇଁ ଏକ ସତର୍କ ଘଂଟି ।
- ରାଜ୍ୟରେ ବଢୁଥିବା ବିଦ୍ୟୁତ ଚାହିଦା ଓ ଜରୁରୀ ପରିସ୍ଥିତିକୁ ଦୃଷ୍ଟିରେ ରଖି ଓଡ଼ିଶା ପାୱାର ଟ୍ରାନ୍ସମିଶନ କର୍ପୋରେସନ ଲିମିଟେଡ୍ (ଓପିଟିସିଏଲ) ପକ୍ଷରୁ ସମସ୍ତ କର୍ମଚାରୀଙ୍କ ଛୁଟି ବାତିଲ କରାଯାଇଛି । ସମସ୍ତ କର୍ମଚାରୀଙ୍କ ଛୁଟି ବାତିଲ୍ ସହ ମୁଖ୍ୟାଳୟ ନଛାଡିବାକୁ ନିର୍ଦ୍ଦେଶ ଦିଆଯାଇଛି ।
- ବିଶ୍ୱ କଇଁଛ ଦିବସରେ କଇଁଛ ସୁରକ୍ଷା ପାଇଁ ପ୍ରଭାତି ପରିଡା ଅପିଲ କରିଛନ୍ତି ।

## ଆଜିଠାରୁ ସ୍ଥଗିତ ରହିବ ରତ୍ନଭଣ୍ଡାର ଗଣତି କାର୍ଯ୍ୟ



ପୁରୀ : ଆଜିଠାରୁ ସ୍ଥଗିତ ରହିବ ରତ୍ନଭଣ୍ଡାର ଗଣତି କାର୍ଯ୍ୟ । ଏନେଇ ସୂଚନା ଦେଇଛନ୍ତି ଶ୍ରୀମନ୍ଦିର ପ୍ରଶାସକ ଅରବିନ୍ଦ ପାଢ଼ୀ । ଅତ୍ୟଧିକ ଗ୍ରୀଷ୍ମ ପ୍ରବାହ ଓ ଶ୍ରଦ୍ଧାଳୁଙ୍କ ଭିଡ଼ ଯୋଗୁଁ ନିଷ୍ପତି ନିଆଯାଇଛି । ଜୁନ୍ ମାସରେ ପୁନର୍ବାର ଆରମ୍ଭ କରିବାକୁ ସ୍ଥିର କରାଯାଇଛି । ଅରବିନ୍ଦ ପାଢ଼ୀ କହିଛନ୍ତି, ରତ୍ନଭଣ୍ଡାର ଗଣତି ପ୍ରକ୍ରିୟା ଆମ ସମସ୍ତଙ୍କ ପାଇଁ ଏକ ଦିବ୍ୟ ଅନୁଭୂତି । ମହାପ୍ରଭୁଙ୍କ ଅଶେଷ କୃପା ଓ ଆଶୀର୍ବାଦରୁ ସମଗ୍ର ପ୍ରକ୍ରିୟା ରାଜ୍ୟ ସରକାରଙ୍କ ଅନୁମୋଦିତ ମାର୍ଗଦର୍ଶିକା ଅନୁଯାୟୀ, ସୁଚାରୁ ତଥା ସମ୍ପୂର୍ଣ୍ଣ ସ୍ୱଚ୍ଛତାର ସହିତ ଆଗେଇ ଚାଲିଛି । ଗଜପତି ମହାରାଜାଙ୍କ ମାର୍ଗଦର୍ଶନ, ଉଚ୍ଚସ୍ତରୀୟ ଓ ପରିଚାଳନା କମିଟିର ପରାମର୍ଶ, ଜିଲ୍ଲାପାଳ, ଆରକ୍ଷୀ ଅଧୀକ୍ଷକ, ସାଥୀଅଧିକାରୀ ଏବଂ ବିଶେଷକରି ସେବକବନ୍ଧୁମାନଙ୍କ ଅକୁଣ୍ଠ ସହଯୋଗ ଯୋଗୁଁ ଏହା ସମ୍ଭବ ହୋଇପାରୁଛି ।

## ଆସନ୍ତା ୨୬ରୁ +୨ ନାମଲେଖା ଆବେଦନ

ଉଚ୍ଚ ମାଧ୍ୟମିକ ଶିକ୍ଷାପରିଷଦ୍, ଓଡ଼ିଶା



ଭୁବନେଶ୍ୱର : ଚଳିତ ଶିକ୍ଷାବର୍ଷ (୨୦୨୬-୨୭) ପାଇଁ + ୨ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି । ଆସନ୍ତା ୨୬ ତାରିଖରୁ ଜୁନ୍ ୩୦ ଯାଏଁ ଛାତ୍ରୀଛାତ୍ର ଅନଲାଇନ୍ ମାଧ୍ୟମରେ ଆବେଦନ କରିପାରିବେ । ଜୁଲାଇ ୮ରେ ପ୍ରଥମ ପର୍ଯ୍ୟାୟ ମେଧା ତାଲିକା ପ୍ରକାଶ ପାଇବ । ପ୍ରଥମ ପଯ୍ୟାୟରେ ଚୟନ ଛାତ୍ରୀଛାତ୍ର ଜୁଲାଇ ୯ରୁ ୧୫ ମଧ୍ୟରେ ସମ୍ପୃକ୍ତ ଶିକ୍ଷାନୁଷ୍ଠାନରେ ନାମ ଲେଖାଇବେ । ଅଗଷ୍ଟ ୧୨ ସୁଦ୍ଧା ସମସ୍ତ ପର୍ଯ୍ୟାୟ ନାମଲେଖା ଶେଷ ହେବା ନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ସୂଚନାଥାଉକି, ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ପାଇଁ ଜୁଲାଇ ୨୩ ତାରିଖରେ ମେଧା ତାଲିକା ପ୍ରକାଶ ପାଇବ । ଏଥିରେ ଚୟନ ହୋଇଥିବା ଛାତ୍ରଛାତ୍ରୀମାନେ ଜୁଲାଇ ୨୪ ତାରିଖରୁ ୨୮ ତାରିଖ ମଧ୍ୟରେ ନାମଲେଖାଇବେ । ଏହାପରେ ସ୍ପଟ୍ ନାମଲେଖା ପାଇଁ ଜୁଲାଇ ୩୦ରୁ ଅଗଷ୍ଟ ୨ ମଧ୍ୟରେ ପିଲାମାନେ ଚଏସ୍ ଲକିଂ କରିବେ । ୬ ତାରିଖରେ ଏହାର ମେଧା ତାଲିକା ପ୍ରକାଶ ପାଇବା ପରେ ୭ରୁ ୧୨ ତାରିଖ ମଧ୍ୟରେ ସେମାନେ ନାମଲେଖାଇ ପାରିବେ । ଏପଟେ ଜୁଲାଇ ୨୩ରୁ ଯୁକ୍ତ ଦୁଇ ପାଠପଢ଼ା ଆରମ୍ଭ କରିବାକୁ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ଲକ୍ଷ୍ୟ ରଖିଛି । ସାଧାରଣ ବର୍ଗ, ଏସ୍‌ଇବିସି, ଓବିସି ବର୍ଗର ଛାତ୍ରଛାତ୍ରୀ ଆବେଦନ ଫି ୨୦୦ ଟଙ୍କା ଦାଖଲ କରିବେ । ଏସ୍ସି, ଏସ୍ଟି ବର୍ଗର ଛାତ୍ରଛାତ୍ରୀଙ୍କ ପାଇଁ ୧୦୦ ଟଙ୍କା ଆବେଦନ ଫି ରହିଛି । ମାତ୍ର ଭିନ୍ନକ୍ଷମ ବର୍ଗର ଛାତ୍ରଛାତ୍ରୀଙ୍କ ପାଇଁ ଆବେଦନ ଫି ଛାଡ଼ କରାଯାଇଛି । ଏନେଇ ସମସ୍ତ ସୂଚନା ସାମ୍ସ ୱେବ୍ସାଇଟ୍ https://hss.samsodisha.gov.in/newHSS/index.aspxରେ ଉପଲବ୍ଧ ରହିଛି ।

## ବିଦ୍ୟୁତ ଚାହିଦା ବଢ଼ିବାରୁ ଓପିଟିସିଏଲ ପକ୍ଷରୁ ସମସ୍ତ କର୍ମଚାରୀଙ୍କ ଛୁଟି ବାତିଲ



ଭୁବନେଶ୍ୱର : ରାଜ୍ୟରେ ବଢୁଥିବା ବିଦ୍ୟୁତ ଚାହିଦା ଓ ଜରୁରୀ ପରିସ୍ଥିତିକୁ ଦୃଷ୍ଟିରେ ରଖି ଓଡ଼ିଶା ପାୱାର ଟ୍ରାନ୍ସମିଶନ କର୍ପୋରେସନ ଲିମିଟେଡ୍ (ଓପିଟିସିଏଲ) କଡ଼ା ପଦକ୍ଷେପ ନେଇଛି । ଢଚଝଈଖ ପକ୍ଷରୁ ସମସ୍ତ କର୍ମଚାରୀଙ୍କ ଛୁଟି ବାତିଲ କରାଯାଇଛି । ସଂସ୍ଥା ପକ୍ଷରୁ ଜାରି ହୋଇଥିବା ଏକ ସର୍କୁଲାର ଅନୁସାରେ, ପରବର୍ତୀ ନିର୍ଦ୍ଦେଶ ଆସିବା ପର୍ଯ୍ୟନ୍ତ କୌଣସି କର୍ମଚାରୀ ପୂର୍ବ ଅନୁମତି ବିନା ମୁଖ୍ୟାଳୟ ଛାଡ଼ି ପାରିବେ ନାହିଁ । ଏଥିସହ ସମସ୍ତ ପ୍ରକାର ଅନୁମୋଦିତ ଛୁଟିକୁ ବାତିଲ କରାଯାଇଛି । OPTCLର ମାନବ ସମ୍ପଦ ବିଭାଗ ପକ୍ଷରୁ ୨୩ ମେ ତାରିଖରେ ଏହି ସର୍କୁଲାର ଜାରି କରାଯାଇଛି । ଚିଫ୍ ଜେନେରାଲ୍ ମ୍ୟାନେଜର (HRD)ଙ୍କ ଅନୁମୋଦନରେ ଜାରି ଆଦେଶରେ କୁହାଯାଇଛି ଯେ, ରାଜ୍ୟରେ ଅତ୍ୟଧିକ ବିଦ୍ୟୁତ ଚାହିଦା ଯୋଗୁଁ ଅପ୍ରତ୍ୟାଶିତ ପରିସ୍ଥିତି ସୃଷ୍ଟି ହୋଇଛି । ବିଦ୍ୟୁତ ସରବରାହକୁ ନିରବିଚ୍ଛିନ୍ନ ରଖିବା ଏବଂ ସମସ୍ତ ଅପରେସନାଲ୍ ବ୍ୟବସ୍ଥାକୁ ସଚଳ ରଖିବା ପାଇଁ ଏହି ନିଷ୍ପତି ନିଆଯାଇଛି ।

## ଧାନ ସଂଗ୍ରହ ପ୍ରକ୍ରିୟାର ସମୀକ୍ଷା କଲେ ଯୋଗାଣ ମନ୍ତ୍ରୀ



ବରଗଡ : ବରଗଡ଼ ଜିଲାରେ ରବି ଧାନ ସଂଗ୍ରହ ପ୍ରକ୍ରିୟା ଚାଲିଛି । ଏହି ପ୍ରକ୍ରିୟାକୁ ୧୨ ଦିନ ବିତିଯାଇଛି । ହେଲେ ଧାନ ବିକ୍ରିବଟାରେ ଚାଷୀମାନେ ବିଭିନ୍ନ ସମସ୍ୟାର ସମାଧାନ ହେଉଛନ୍ତି । ଅନ୍ୟପଟେ ମିଲର୍ସଙ୍କ ଗୋଦାମ ଗତବର୍ଷର ଧାନ, ଚାଉଳରେ ଭର୍ତି ରହିଛି । ଫଳରେ ଧାନ ଉଠାଣ ମଧ୍ୟ ଶୀଥିଳ ହୋଇ ପଡ଼ିଛି । ଏଭଳି ସ୍ଥିତିରେ ଶୁକ୍ରବାର ଖାଦ୍ୟ ଯୋଗାଣ ଓ ଖାଉଟୀ କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଶୁକ୍ରବାର ବରଗଡ଼ ଗସ୍ତରେ ଆସିଥିଲେ । ସେ ସ୍ଥାନୀୟ ସର୍କିଟ ହାଉସରେ ଚଳିତ ଧାନ ସଂଗ୍ରହ ପ୍ରକ୍ରିୟା ଉପରେ ସମୀକ୍ଷା କରିଥିବା ସୂଚନା ମିଳିଛି । ସମୀକ୍ଷା ବୈଠକରେ ବରଗଡ଼ ଲୋକସଭା ସାଂସଦ(ଏମପି) ପ୍ରଦୀପ ପୁରୋହିତଙ୍କ ସମେତ ବରଗଡ଼ ବିଧାୟକ ଅଶ୍ୱିନୀ କୁମାର ଷଡ଼ଙ୍ଗୀ, ଅତାବିରା ବିଧାୟକ ନିହାର ରଞ୍ଜନ ମହାନନ୍ଦ, ବିଜେପୁର ବିଧାୟକ ସନତ କୁମାର ଗଡ଼ତିଆ, ଜିଲାପାଳ ଆଦିତ୍ୟ ଗୋୟଲଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ । ଚାଷୀମାନେ ଯେଭଳି ସୁରୁଖୁରୁରେ ଧାନ ବିକ୍ରି କରି ପାରିବେ, ସେ ଦିଗରେ ପଦକ୍ଷେପ ନେବା ପାଇଁ ମନ୍ତ୍ରୀ ପାତ୍ର ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିବା ସୂଚନା ମିଳିଛି ।

## ପେଟ୍ରୋଲ ଲିଟର ପିଛା ୮୭ ପଇସା ଏବଂ ଡିଜେଲ ଲିଟର ପିଛା ୯୧ ପଇସା ବୃଦ୍ଧି




ନୂଆଦିଲ୍ଲୀ : ରାଷ୍ଟ୍ରାୟତ ତୈଳ ଏବଂ ଗ୍ୟାସ ବିପଣନ କମ୍ପାନୀଗୁଡ଼ିକ ଶନିବାର ପୁଣି ଥରେ ପେଟ୍ରୋଲ ଏବଂ ଡିଜେଲର ମୂଲ୍ୟ ବୃଦ୍ଧି କରିଛନ୍ତି । ପେଟ୍ରୋଲ ଲିଟର ପିଛା ୮୭ ପଇସା ଏବଂ ଡିଜେଲ ଲିଟର ପିଛା ୯୧ ପଇସା ବୃଦ୍ଧି ପାଇଛି । ଏହା ବ୍ୟତୀତ ଦିଲ୍ଲୀ-ଏନସିଆରରେ ସିଏନଜିର ମୂଲ୍ୟ କିଲୋଗ୍ରାମ ପିଛା ଏକ ଟଙ୍କା ବୃଦ୍ଧି ପାଇଛି । ନୂଆ ଦର ଆଜିଠାରୁ ଲାଗୁ ହୋଇଛି । ଇଣ୍ଡିଆନ୍ ଅଏଲ୍ ୱେବସାଇଟ୍ ଅନୁଯାୟୀ, ନୂଆଦିଲ୍ଲୀରେ ପେଟ୍ରୋଲର ମୂଲ୍ୟ ଲିଟର ପିଛା ୮୭ ପଇସା ବୃଦ୍ଧି ପାଇ ୯୯.୫୧ ଟଙ୍କାରେ ପହଂଚିଛି । ଏଥି ସହିତ ଡିଜେଲର ମୂଲ୍ୟ ଲିଟର ପିଛା ୯୧ ପଇସା ବୃଦ୍ଧି ପାଇ ୯୨.୪୯ ଟଙ୍କାରେ ପହଂଚିଛି । ତୈଳ ବିପଣନ କମ୍ପାନୀମାନେ ଗତ ୯ ଦିନ ମଧ୍ୟରେ ତୃତୀୟ ଥର ପାଇଁ ପେଟ୍ରୋଲ ଏବଂ ଡିଜେଲର ମୂଲ୍ୟ ବୃଦ୍ଧି କରିଛନ୍ତି । ମେ ୧୫ ପରଠାରୁ ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟରେ ଏହା ହେଉଛି ତୃତୀୟ ବୃଦ୍ଧି । ରାଜ୍ୟ ମାଲିକାନାରେ ଥିବା ତୈଳ କମ୍ପାନୀମାନେ ପଶ୍ଚିମ ଏସିଆରେ ଚାଲିଥିବା ସଙ୍କଟ କାରଣରୁ ଶକ୍ତି ମୂଲ୍ୟ ବୃଦ୍ଧି ପାଇବାର ଭାର ଧୀରେ ଧୀରେ ଗ୍ରାହକଙ୍କ ଉପରେ ପକାଇବା ଆରମ୍ଭ କରିଛନ୍ତି । ମେ ୧୫, ରେ ମୂଲ୍ୟ ଲିଟର ପିଛା ୩ ଟଙ୍କା ବୃଦ୍ଧି କରାଯାଇଥିଲା । ଏହା ପରେ, ମେ ୧୯ ରେ ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟ ଲିଟର ପିଛା ୯୦ ପଇସା ବୃଦ୍ଧି କରାଯାଇଥିଲା । ମୋଟାମୋଟି ଭାବେ, ଇନ୍ଧନ ମୂଲ୍ୟ ଲିଟର ପିଛା ପ୍ରାୟ ୫ ଟଙ୍କା ବୃଦ୍ଧି ପାଇଛି । ଏହା ବ୍ୟତୀତ ଦିଲ୍ଲୀ-ଏନସିଆରରେ ସିଏନଜି ମୂଲ୍ୟ କିଲୋଗ୍ରାମ ପିଛା ୧ ଟଙ୍କା ବୃଦ୍ଧି ପାଇଛି । ଏହି ପରିବର୍ତନ ପରେ ଦିଲ୍ଲୀରେ ସିଏନଜି ଏବେ ୮୧ ଟଙ୍କାରେ ଉପଲବ୍ଧ ହେବ । କିଲୋଗ୍ରାମ ପିଛା ୯ ଟଙ୍କା । ଗତ ୧୦ ଦିନ ମଧ୍ୟରେ ସିଏନଜି ମୂଲ୍ୟରେ ଏହା ହେଉଛି ତୃତୀୟ ବୃଦ୍ଧି ।

# ବାଲେଶ୍ୱର ପୌରପାଳିକା ପକ୍ଷରୁ ଚାଲିଥିବା ମହାନାଳ ସଫେଇ କାର୍ଯ୍ୟର ତଦାରଖ କଲେ ସଦର ବିଧାୟକ

ବାଲେଶ୍ୱର(ନି.ପ୍ର.)ବାଲେଶ୍ୱର ସହରରୁ ଉଦବୃତ ବର୍ଷା ଜଳ ନିଷ୍କାସନ ସମସ୍ୟା ଦୀର୍ଘ ବର୍ଷ ପୁରୁଣା । ଏହି ସମସ୍ୟାର ଦୀର୍ଘମିଆଦୀ ନିରାକରଣ ପାଇଁ ମହାନାଳ ପୁନରୁଦ୍ଧାର ଯୋଜନା କାର୍ଯ୍ୟକାରୀ ପ୍ରକ୍ରିୟା ସମ୍ପ୍ରତି ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଚୂଡାନ୍ତ ପର୍ଯ୍ୟାୟରେ ପହଂଚିଛି । ତେବେ ଆସନ୍ତା ମୌସୁମୀ ବାୟୁ ପ୍ରବାହ ଜନିତ ବର୍ଷାଋତୁକୁ ଦୃଷ୍ଟିରେ ରଖି ଉଦବୃତ ବର୍ଷା ଜଳର ସୁଚାରୁ ରୂପେ ନିଷ୍କାସନ ପାଇଁ ସମସ୍ତ ମହାନାଳଗୁଡିକର ସଫେଇ କାର୍ଯ୍ୟ ଆରମ୍ଭ ହୋଇଛି । ବାଲେଶ୍ୱର ପୌରପାଳିକା ପକ୍ଷରୁ ୫୦ଲକ୍ଷ ଟଙ୍କା ଖର୍ଚ୍ଚ ଅଟକଳରେ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକୁ ସହରର ବିଭିନ୍ନ ସ୍ଥାନରେ ପହଂଚି ତଦାରଖ କରିଥିଲେ ସଦର ବିଧାୟକ ମାନସ କୁମାର ଦତ । ପ୍ରଥମେ ସହରର ଲାଲବାହାଦୂର ଶାସ୍ତ୍ରୀ ମାର୍ଗର ଶ୍ରୀନିକ୍ସ କଲେଜ ନିକଟରେ ମହାନାଳର ଅବସ୍ଥା ଦେଖିବା ସହ ସଠିକ୍ ଢଙ୍ଗରେ ସଫେଇ କାର୍ଯ୍ୟ ସାରିବାକୁ ପୌରପାଳିକା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ପରେ ଚିଡିଆପୋଲ ନିକଟରେ ମହାନାଳର ଜଳ ନିଷ୍କାସନ ବ୍ୟବସ୍ଥାର ସାମ୍ପ୍ରତିକ ଅବସ୍ଥା ଅନୁଧ୍ୟାନ ସହ ଆବଶ୍ୟକୀୟ ପଦକ୍ଷେପ ନେବାକୁ ଅଧିକାରୀଙ୍କୁ କହିଥିଲେ । ମହାନାଳଗୁଡିକୁ ମେସିନ ସାହାର୍ଯ୍ୟରେ ସଫେଇ କରାଯାଉଥିବା ବେଳେ ଯେଉଁ ସ୍ଥାନରେ ମେସିନ ନ ପହଂଚିପାରୁଛି ସେଠାରେ ଅଧିକ ସଂଖ୍ୟକ ଶ୍ରମିକ ନିୟୋଜନ ସହ ଯୁଦ୍ଧକାଳୀନ ଭିତିରେ ସଫେଇ କାର୍ଯ୍ୟ ସାରିବାକୁ ବିଧାୟକ ଶ୍ରୀ ଦତ ପରାମର୍ଶ ଦେଇଥିଲେ । ତେବେ ପୋତି ହୋଇପଡିଥିବା ମହାନାଳର ଆବଶ୍ୟକସ୍ଥଳେ ଖନନ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ । ମହାନାଳ ସଙ୍କୁଚିତ ହୋଇଥିବା ସ୍ଥାନରେ ସଫେଇ ପାଇଁ ବ୍ୟକ୍ତିଗତ ମାଲିକାନାରେ ଥିବା ଜାଗା ମାଲିକଙ୍କ ସହ ଆଲୋଚନା କରିବା ଉପରେ ବିଧାୟକ ଶ୍ରୀ ଦତ ଗୁରୁତ୍ୱାରୋପ କରିଛନ୍ତି । ଉଦବୃତ ବର୍ଷାଜଳ ନିଷ୍କାସନକୁ ନେଇ ସହରବାସୀ ଦୀର୍ଘ ଦିନ ଧରି ଯେଉଁ ସମସ୍ୟା ଭୋଗୁଛନ୍ତି, ଆଗାମୀ ଦିନରେ ଯେପରି ତାହାର ପୁନରାବୃତି ନ ହୁଏ ସେଥିପ୍ରତି ପ୍ରାଥମିକତା ଦେବାକୁ ବିଧାୟକ ଶ୍ରୀ ଦତ କହିଛନ୍ତି । ବାଲେଶ୍ୱର ସହରର ଆଖପାଖ ଅଂଚଳ ଓ ସହର ମଧ ଦେଇ ଯାଉଥିବା ମୋଟ ୬ଗୋଟି ମହାନାଳର ସଂସ୍କାର ଯୋଜନା କାର୍ଯ୍ୟକାରୀ ପାଇଁ ପ୍ରକ୍ରିୟା ସମ୍ପ୍ରତି ରାଜ୍ୟ ସରକାରଙ୍କ ପକ୍ଷରୁ ଚୂଡାନ୍ତ ପର୍ଯ୍ୟାୟରେ ପହଂଚିଛି । ବିଭିନ୍ନ ସ୍ଥାନରେ ମହାନାଳ ପ୍ଲାଷ୍ଟିକ ଆବର୍ଜନା ଦ୍ୱାରା ଅବରୋଧ ହେବାକୁ ନେଇ ଶ୍ରୀ ଦତ ଉଦବେଗ ପ୍ରକାଶ ସହ ଜନ ସାଧାରଣ କୌଣସି ପ୍ରକାର ଆବର୍ଜନା ନାଳରେ ନ ପକାଇବାକୁ ଅନୁରୋଧ କରିଛନ୍ତି । ଜଳ ନିଷ୍କାସନରେ ସୁଧାର ଆଣିବା ପାଇଁ ପୌରପାଳିକା ପକ୍ଷରୁ ଚାଲିଥିବା ଅଭିଯାନରେ ବିଧାୟକ ଶ୍ରୀ ଦତ ସହରବାସୀଙ୍କ ସହଯୋଗ କାମନା କରିଛନ୍ତି । ଏହି ଅବସରରେ ବାଲେଶ୍ୱର ପୌର ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ସିରିୟାଲ ଶୁଭ୍ର ପଟେଲ ଓ ପୌରପାଳିକା ଯନ୍ତ୍ରୀ ସୀମାଂଚଳ ମିଶ୍ରଙ୍କ ସହ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ବାଲେଶ୍ୱର ପୋରପାଳିକାର କାଉନସିଲର ଗୌରାଙ୍ଗ ଦାସ, ଉପେନ୍ଦ୍ର ଶତପଥୀ, ସୁଧାଂଶୁ ପଣ୍ଡା, ରାଜେନ୍ଦ୍ର ଚାଟାର୍ଜୀ, ପବନ କମିଳା, ଜିତେନ୍ଦ୍ର ପରମାଣିକ, ଦୁର୍ଗା ବେହେରା, ବାବୁଲି ଧଳ, ଶୈଳେନ୍ଦ୍ର ଦାଶ, ଜୟ ପ୍ରକାଶ ଦାଶ, ସଞ୍ଜୟ ବାରିକ ପ୍ରମୁଖ ଉପସ୍ଥିତ ଥିଲେ ।






## ଜଉକଣ୍ଢେଇ ଓ ଜଉଚିତ୍ରର ୫ ଦିନିଆ ପ୍ରଶିକ୍ଷଣ ଶିବିରରେ ଯୋଗଦେବେ ବାଲେଶ୍ୱରର ଶିଳ୍ପୀ ଦମ୍ପତି କେଶୁ ଓ କନକଲତା

ବାଲେଶ୍ୱର, (ନି.ପ୍ର.): ବାଲେଶ୍ୱରର ପାରମ୍ପରିକ ଲୋକକଳା ଜଉକଣ୍ଢେଇ ଓ ଜଉଚିତ୍ରର ଖ୍ୟାତି ଏବେ ରାଜ୍ୟ ଗଣ୍ଡି ଡେଇଁ ଦେଶର ଅନ୍ୟ ରାଜ୍ୟରେ ବଢ଼ିବାରେ ଲାଗିଛି । ଓଡ଼ିଶାର ବିଭିନ୍ନ ଜିଲ୍ଲା ସହ ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ ଓ ଛତିଶଗଡ଼ରେ ଆଦୃତ ହେଉଥିବା ଏହି କଳା ଏବେ ପଞ୍ଜାବରେ ପ୍ରଦର୍ଶିତ ହେବ ।ପଞ୍ଜାବର ଚିକ୍କାରା ବିଶ୍ୱବିଦ୍ୟାଳୟର ଫାଇନ ଆର୍ଟ ବିଭାଗ ପକ୍ଷରୁ ଆସନ୍ତା ଜୁନ ୧ରୁ ୫ ତାରିଖ ପର୍ଯ୍ୟନ୍ତ ୫ ଦିନିଆ ଜଉକଣ୍ଢେଇ ଓ ଜଉଚିତ୍ର ପ୍ରଶିକ୍ଷଣ ଶିବିର ଆୟୋଜନ କରାଯାଉଛି । ଏଥିପାଇଁ ବାଲେଶ୍ୱରର ପ୍ରଖ୍ୟାତ ଶିଳ୍ପୀ ଦମ୍ପତି କେଶୁ ଦାସ ଓ କନକଲତା ଦାସଙ୍କୁ ନିମନ୍ତ୍ରଣ କରାଯାଇଛି । ଜଉଚିତ୍ର ପାଇଁ କେଶୁ ଦାସ ଏବଂ ଜଉକଣ୍ଢେଇ ପାଇଁ କନକଲତା ଦାସ ପ୍ରଶିକ୍ଷଣ ପ୍ରଦାନ କରିବେ ।ଚିକ୍କାରା ବିଶ୍ୱବିଦ୍ୟାଳୟର ଫାଇନ ଆର୍ଟ ବିଭାଗର ଡିନ୍ ଡ. ରଞ୍ଜନ କୁମାର ମଲ୍ଲିକ ଆମନ୍ତ୍ରଣ ପତ୍ର ସହ ଫ୍ଲାଇଟ ଟିକେଟ ପଠାଇଥିବା କଥା ଶିଳ୍ପୀ କେଶୁ ଦାସ ପ୍ରକାଶ କରିଛନ୍ତି । ବାଲେଶ୍ୱରୀ ଜଉକଣ୍ଢେଇର କଳା, ସଂସ୍କୃତି, ପ୍ରଥା, ପରମ୍ପରା ଓ କାରିଗରୀ କୌଶଳକୁ ବିଶ୍ୱଦରବାରରେ ପହଂଚାଇବା ପାଇଁ ଶିଳ୍ପୀ ଦମ୍ପତି ନିରନ୍ତର ପ୍ରୟାସ ଜାରି ରଖିଛନ୍ତି । ଏହି ସଫଳତା ପାଇଁ ବିଭିନ୍ନ ମହଲରୁ ତାଙ୍କୁ ଶୁଭେଚ୍ଛାର ସୁଅ ଛୁଟୁଛି । ଅନ୍ୟପକ୍ଷରେ ଚଳିତ ବର୍ଷ ଦୁର୍ଗୋତ୍ସବ ୨୦୨୬ ଅବସରରେ କଲିକତାର ବିଦିଶା ଶକ୍ତି ସଂଘ ପକ୍ଷରୁ ବାଲେଶ୍ୱରୀ ଜଉକଣ୍ଢେଇ ଓ ଜଉକଣ୍ଢେଇ ବାହାଘର ସଂସ୍କୃତିକୁ ପ୍ରଦର୍ଶନ କରିବା ପାଇଁ ଚୁକ୍ତି ସ୍ୱାକ୍ଷରିତ ହୋଇସାରିଛି ବୋଲି କେଶୁ ଦାସ ସୂଚନା ଦେଇଛନ୍ତି ।



## ତ୍ରିକୋଣ ପ୍ରେମରୁ ରକ୍ତପାତ: ବୁଝାମଣା ବେଳେ ପ୍ରେମିକାଙ୍କ ମାଆ ଓ ମାମୁଁଙ୍କୁ ହାଣିଲା ପୂର୍ବତନ ପ୍ରେମିକ, ଅଭିଯୁକ୍ତ ଗିରଫ

ବାଲେଶ୍ୱର,(ନି.ପ୍ର.) ତ୍ରିକୋଣୀୟ ପ୍ରେମକୁ କେନ୍ଦ୍ର କରି ବାଲେଶ୍ୱର ସହଦେବଖୁଂଟା ଥାନା ଅଂଚଳରେ ଘଟିଛି ଏକ ଚଂଚଳକର ରକ୍ତପାତ । ପ୍ରେମ ସମ୍ପର୍କିତ ବିବାଦର ଆପୋଷ ବୁଝାମଣା ବେଳେ ଜଣେ ଯୁବକ ଧାରୁଆ ଅସ୍ତ୍ରରେ ଆକ୍ରମଣ କରି ପ୍ରେମିକାଙ୍କ ମାଆ ଓ ମାମୁଁଙ୍କୁ ଗୁରୁତର ଆହତ କରିଥିବା ଘଟଣା ସ୍ଥାନୀୟ ଅଂଚଳରେ ଚାଂଚଲ୍ୟ ସୃଷ୍ଟି କରିଛି । ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି ଘଟଣାର ତଦନ୍ତ ଜାରି ରଖିଛି ।

ସୂଚନା ଅନୁଯାୟୀ, ବିଷ୍ଣୁପ୍ରିୟା ନନ୍ଦୀଙ୍କ ସହ ଯତୀନ ପ୍ରଧାନଙ୍କ ପୂର୍ବରୁ ପ୍ରେମ ସମ୍ପର୍କ ଥିଲା । ପରେ ବିଷ୍ଣୁପ୍ରିୟା ମଠସାହି ଅଂଚଳର ତନବିର ଲେଙ୍କାଙ୍କ ସହ ସମ୍ପର୍କରେ ରହୁଥିବାରୁ ଯତୀନ ବାରମ୍ବାର ତାଙ୍କୁ ହଇରାଣ ଓ ଧମକ ଦେଉଥିବା ଅଭିଯୋଗ ହୋଇଥିଲା । ଏହାର ସମାଧାନ ପାଇଁ ଗତକାଲି ବିଳମ୍ବିତ ରାତିରେ ଷ୍ଟେସନ ପରିସରର ଏକ ନିଛାଟିଆ ସ୍ଥାନରେ ଆଲୋଚନା ପାଇଁ ଡାକାଯାଇଥିଲା । ବିଷ୍ଣୁପ୍ରିୟା ନିଜ ସୁରକ୍ଷା ଦୃଷ୍ଟିରୁ ନିଜ ମାଆ ଓ ମାମୁଁଙ୍କୁ ସାଙ୍ଗରେ ନେଇ ସେଠାକୁ ପହଂଚିଥିଲେ । ଆଲୋଚନା ବେଳେ କଥା କଟାକଟି ହେବା ପରେ ଯତୀନ ପୂର୍ବରୁ ଲୁଚାଇ ଆଣିଥିବା ଧାରୁଆ ଅସ୍ତ୍ରରେ ଉଭୟଙ୍କ ଉପରେ ଆକ୍ରମଣ କରିଥିଲା । ରାସ୍ତା ମଝିରେ ଗୋଡ଼ାଇ ଗୋଡ଼ାଇ ହାଣିବାରୁ ଉଭୟ ରକ୍ତାକ୍ତ ଅବସ୍ଥାରେ ତଳେ ପଡ଼ିଯାଇଥିଲେ ।ସ୍ଥାନୀୟ ଲୋକେ ତୁରନ୍ତ ଉଭୟଙ୍କୁ ଉଦ୍ଧାର କରି ପ୍ରଥମେ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ । ପରେ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ସେମାନଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି ।ଘଟଣା ପରେ ଅଭିଯୁକ୍ତ ଯତୀନ ପ୍ରଧାନ ଫେରାର ହେବାକୁ ଉଦ୍ୟମ କରିଥିଲେ ମଧ ଗାଡ଼ିରେ ପେଟ୍ରୋଲ ସରିଯିବାରୁ ପୋଲିସ ତାଙ୍କୁ କାବୁ କରିଥିଲା । ସହଦେବଖୁଂଟା ଥାନା ପୋଲିସ ମାମଲା ରୁଜୁ କରି ଅଧିକ ତଦନ୍ତ ଚଳାଇଛି ।



## ବିପୁଳ ପରିମାଣର ଗଞ୍ଜେଇ ଜବତ, ୨ ଗିରଫ

ବାଲେଶ୍ୱର, (ନି.ପ୍ର.): ବାଲେଶ୍ୱର ଅବକାରୀ ବିଭାଗ ପକ୍ଷରୁ ଦୁଇଟି ସ୍ଥାନରେ ଚଢ଼ାଉ କରାଯାଇ ବିପୁଳ ପରିମାଣର ଗଞ୍ଜେଇ ଜବତ କରାଯିବା ସହିତ ଦୁଇଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି ।ବାଲେଶ୍ୱର ଅବକାରୀ ଅଧିକ୍ଷକ ମନୋଜ କୁମାର ସେଠୀଙ୍କ ନିର୍ଦ୍ଦେଶକ୍ରମେ ଓ ଭ୍ରାମ୍ୟମାଣ ସ୍କ୍ୱାର୍ଡ ନିରୀକ୍ଷକ ହରିହର ସିଂଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସଦର-୨ ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ଭବେଶ ଦାସ, ଏ.ପି.ଆର୍ ଫୋର୍ସ ଓ ଅବକାରୀ କର୍ମଚାରୀମାନଙ୍କୁ ନେଇ ଗଠିତ ଏକ ସ୍ୱତନ୍ତ୍ର ଟିମ୍ ସଦର ଥାନା ଅନ୍ତର୍ଗତ କୁରୁଡ଼ା ବଜାର ଓ ଖନ୍ତାପଡ଼ା ଥାନା ଅନ୍ତର୍ଗତ ଶେରଗଡ଼ ଅଂଚଳରେ ଚଢ଼ାଉ କରିଥିଲେ ।ଚଢ଼ାଉ ସମୟରେ ମୋଟ ୨୫ କେଜି ଗଞ୍ଜେଇ ଜବତ କରାଯାଇଥିବାବେଳେ ଏଥିରେ ସମ୍ପୃକ୍ତ ଦୁଇଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି । ଗିରଫ ଅଭିଯୁକ୍ତମାନେ ହେଲେ ପଶ୍ଚିମବଙ୍ଗ ଚନନଗର ଅଂଚଳର ସୁରଜିତ ପାଲ ଓ ଜଗତସିଂହପୁର ଜିଲ୍ଲା ଗଡ଼ହରିଶପୁର ଗ୍ରାମର ଜଗନ୍ନାଥ ପଣ୍ଡା ।ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୨ ଲକ୍ଷ ୫୦ ହଜାର ଟଙ୍କାରୁ ଅଧିକ ହେବ ବୋଲି ଅବକାରୀ ବିଭାଗ ସୂଚନା ଦେଇଛି ।ଏହି ଚଢ଼ାଉରେ ସହ ଉପ-ନିରୀକ୍ଷକ ଲମ୍ବୋଦର ମହନ୍ତଙ୍କ ସହ କନେଷ୍ଟବଲ ସେକ କରିମ, ସୁବୀରକାନ୍ତ ବେହେରା, ପଙ୍କଜ ମହାନ୍ତି, ନହାନ ମୁର୍ମୁ ଓ ସୁନାରାମ ସୋରେନ ପ୍ରମୁଖ ସାମିଲ ଥିଲେ ।ଏନେଇ ଭ୍ରାମ୍ୟମାଣ ସ୍କ୍ୱାର୍ଡ ଓ ସଦର ଅବକାରୀ ଥାନା ପକ୍ଷରୁ ପୃଥକ ଭାବେ ଦୁଇଟି ମାମଲା ରୁଜୁ କରାଯାଇଛି ।



## ସୁଫଳ ଆଣିଛି ପିଏମ ସୂର୍ଯ୍ୟଘର ଯୋଜନା

ବାଲେଶ୍ୱର(ନି.ପ୍ର.) : ସରକାରଙ୍କ ପିଏମ ସୂର୍ଯ୍ୟଘର ମୁଫ୍ତ ବିଜୁଳି ଯୋଜନା ଜନାଦୃତ ହେଉଛି । ଘର ଛାତରେ ସୋଲାର ପ୍ୟାନେଲ ସ୍ଥାପନ କରି ଏହି ଯୋଜନାରେ ଉପଭୋକ୍ତମାନେ ନିଜର ବିଜୁଳି ବିଲ୍ ରେ ଆଶାତୀତ ହ୍ରାସ କରିବାରେ ସଫଳ ହେଉଛନ୍ତି । ସାଧାରଣତଃ ଗ୍ରୀଷ୍ମରେ ଉପଭୋକ୍ତାମାନେ ବିଜୁଳି ବିଲକୁ ନେଇ ଅଧିକ ଚିନ୍ତା ପ୍ରକଟ କରୁଥିଲେ ହେଁ ଏବେ ଏହି ଯୋଜନା ସେମାନଙ୍କ ପାଇଁ ବରଦାନ ସାଜିଛି । ଏପରିକି ବିଗତ ମାସରେ କେନ୍ଦୁଝର ଜିଲ୍ଲାର ୭୦୦ରୁ ଅଧିକ ଉପଭୋକ୍ତାଙ୍କ ଘରେ ବିଜୁଳି ବିଲ୍ ବାବଦକୁ ଶୂନ୍ୟ ୟୁନିଟ ବିଲିଂ ହୋଇଥିବା ଦେଖିବାକୁ ମିଳିଛି ।

କେନ୍ଦ୍ର ଅକ୍ଷୟ ଶକ୍ତି ମନ୍ତ୍ରାଳୟର ନିର୍ଦ୍ଦେଶ କ୍ରମେ ମେ' ମାସକୁ 'ସୌର ମାସ' ଭାବେ ପାଳନ କରିବା ଅବସରରେ ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ନର୍ଦର୍ଣ୍ଣ ଓଡିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଏନଓଡିଏଲ୍), ପିଏମ୍ ସୂର୍ଯ୍ୟ ଘର ମୁଫ୍ତ ବିଜୁଳି ଯୋଜନା ସହିତ ୟୁଟିଲିଟି ଲେଡ ଏଗ୍ରିଗେସନ (ୟୁଏଲ୍ ?ଏ) ମଡେଲ୍ ଅଧୀନରେ ରୁଫଟପ୍ ସୋଲାର ସ୍ଥାପନକୁ ମଧ ଆହୁରି ତ୍ୱରାନ୍ୱିତ କରିଛି । ସଂସ୍ଥା ପକ୍ଷରୁ ୧-କିଲୋୱାଟ୍ ବିଦ୍ୟୁତ୍ ସଂଯୁକ୍ତ ଘରୋଇ ଉପଭୋକ୍ତାଙ୍କୁ ଏବେ ମାତ୍ର ୧୮୭୫ ଟଙ୍କାରେ ଉଚ୍ଚ ଗୁଣମାନ ବିଶିଷ୍ଟ ସୌର ପ୍ୟାନେଲ ସ୍ଥାପନା କରାଯାଉଛି ଓ ଏହା ସହ ମିଟର ଦେୟ ବାବଦକୁ ସମାନ ମାସିକ କିସ୍ତି(ଇଏମଆଇ) ବ୍ୟବସ୍ଥା ମଧ ରହିଛି ।

ପିଏମ୍ ସୂର୍ଯ୍ୟ ଘର ଯୋଜନା ଅଧିନରେ ଏଯାବତ କେନ୍ଦୁଝର ଜିଲ୍ଲାରେ ୩,୪୦୦ରୁ ଅଧିକ ଉପଭୋକ୍ତା ନିଜ ଘରେ ସୌର ପ୍ୟାନେଲ ସ୍ଥାପନା କରିଥିବା ସୂଚନା ମିଳିଛି । କେନ୍ଦୁଝର ବୈଦ୍ୟୁତିକ ମଣ୍ଡଳ ଅଧିନରେ କେନ୍ଦୁଝର ଡିଭିଜନରେ ୯୮୭, ଯୋଡ଼ାରେ ୪୯୮ ଓ ଆନନ୍ଦପୁର ଡିଭିଜନରେ ୧୯୨୦ଜଣ ଉପଭୋକ୍ତା ପିଏମ ସୂର୍ଯ୍ୟ ଘର ଯୋଜନାରେ ସାମିଲ୍ ହୋଇଛନ୍ତି । ଏପ୍ରିଲ ମାସରେ ୭୦୪ଜଣ ଉପଭୋକ୍ତାଙ୍କ ମାସିକ ବିଜୁଳି ବିଲ୍ ଶୂନ୍ୟ ୟୁନିଟ୍ ଆସିଛି । ଏ ସମ୍ପର୍କରେ ହରିଚନ୍ଦନପୁର ଅଂଚଳର ବିଜୟ କୁମାର ସାହୁ କହନ୍ତି ଯେ, ସେ ୧-କିଲୋୱାଟର ସୋଲାର ପ୍ୟାନେଲ ଘରେ ସ୍ଥାପନ କରିଛନ୍ତି । କିଛି ମାସ ହେଲା ବିଦ୍ୟୁତ ଦେୟ ବାବଦକୁ ଶୂନ୍ୟ ୟୁନିଟ ବିଲିଂ ମଧ ହୋଇଛି । ବିଦ୍ୟୁତ୍ ଦେୟ ବାବଦ କେବଳ ସ୍ୱଳ୍ପ ନିର୍ଦ୍ଧାରିତ ଖର୍ଚ୍ଚ ଦେବାକୁ ହେଉଛି, ଏହି ଯୋଜନା ତାଙ୍କ ପରିବାର ପାଇଁ ବେଶ୍ ସହାୟକ ହୋଇଥିବା ସେ କହିଛନ୍ତି । ପିଏମ ସୂର୍ଯ୍ୟଘର ଯୋଜନାରେ ୩କିଲୋୱାଟ ସୋଲାର ବ୍ୟବସ୍ଥା ସ୍ଥାପନ କରିଥିବା ଘଟଗାଁର ସବିତା ପଲେଇ କହିଛନ୍ତି ଯେ, ଆଗରୁ ମାସିକ ବିଜୁଳି ବିଲ୍ ୧୫୦୦/୧୬୦୦ଟଙ୍କା ଆସୁଥିଲା । ସୋଲାର ବ୍ୟବସ୍ଥା କରିବା ପରେ ମାସିକ ବିଲ୍ ବହୁତ୍ କମିବା ସହ କିଛି ମାସରେ ଶହେ ଟଙ୍କାରୁ କମ୍ ଆସିଛି । ପ୍ରାୟ ୩ଶହ ୟୁନିଟ ବିଦ୍ୟୁତ୍ ସୋଲାର ପେନାଲ୍ ରୁ ଉତ୍ପାଦନ ହେଉଥିବା ମଧ ସେ ଦର୍ଶାଇଛନ୍ତି । ଏହାସହ ଅନ୍ୟ ଉପଭୋକ୍ତାଙ୍କ ବିଲିଂରେ ମଧ ଆଶାତୀତ ହ୍ରାସ ଘଟିଥିବା ସେମାନେ ଦର୍ଶାଇବା ସହ ଏହାକୁ ନେଇ ବେଶ୍ ଖୁସିବ୍ୟକ୍ତ କରିଛନ୍ତି । ତେବେ ପିଏମ୍ ସୂର୍ଯ୍ୟଘର ଯୋଜନା ବିଷୟରେ ଲୋକଙ୍କୁ ସଚେତନ କରାଇବା ପାଇଁ ଟିପିଏନଓଡ଼ିଏଲ ପକ୍ଷରୁ ବହୁବିଧ ଜନ ସଚେତନତା କାର୍ଯ୍ୟକ୍ରମ ଜାରି ରହିଛି । ଏ ସମ୍ପର୍କରେ ଅଧିକ ଜାଣିବା ପାଇଁ ଉପଭୋକ୍ତାମାନେ ନିକଟସ୍ଥ ଟିପିଏନଓଡ଼ିଏଲ କାର୍ଯ୍ୟଓଳୟ ଅଥବା ନିଃଶୁଳ୍କ ଗ୍ରାହକ ସେବା ନମ୍ବର ୧୮୦୦-୩୪୫୬-୭୧୮ କିମ୍ବା ୧୯୧୨ରେ ଯୋଗାଯୋଗ କରି ସମସ୍ତ ସୂଚନା ପାଇ ପାରିବେ ।



## ବିଧାୟକ ଅଶ୍ୱିନୀ କୁମାର ପାତ୍ର ଆଶ୍ୱସ୍ତ: ଜଳେଶ୍ୱର ନିର୍ବାଚନୀ ମକଦ୍ଦମା ଖାରଜ

ବାଲେଶ୍ୱର, (ନି.ପ୍ର.): ଓଡ଼ିଶା ହାଇକୋର୍ଟରୁ ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ରଙ୍କୁ ବଡ଼ ଆଶ୍ୱସ୍ତି ମିଳିଛି । ଜଳେଶ୍ୱର ବିଧାନସଭା ନିର୍ବାଚନକୁ ନେଇ ଦାୟର ହୋଇଥିବା ନିର୍ବାଚନୀ ମକଦ୍ଦମାକୁ ହାଇକୋର୍ଟ ଖାରଜ କରିଛନ୍ତି । ୨୦୨୪ ବିଧାନସଭା ନିର୍ବାଚନରେ ଜଳେଶ୍ୱର ଆସନରୁ ବିଜେଡି ପ୍ରାର୍ଥୀ ଭାବେ ବିଜୟୀ ହୋଇଥିବା ଅଶ୍ୱିନୀ କୁମାର ପାତ୍ରଙ୍କ ନିର୍ବାଚନକୁ ଅସିଦ୍ଧ ଘୋଷଣା କରିବା ଦାବିରେ ପରାଜିତ ବିଜେପି ପ୍ରାର୍ଥୀ ବ୍ରଜମୋହନ ପ୍ରଧାନ ହାଇକୋର୍ଟରେ ନିର୍ବାଚନୀ ଆବେଦନ ଦାୟର କରିଥିଲେ । ଏହି ମାମଲାର ଶୁଣାଣି ଗତ ଏପ୍ରିଲ ୧୫ ତାରିଖରେ ଶେଷ ହୋଇଥିବା ବେଳେ ରାୟ ସଂରକ୍ଷିତ ରହିଥିଲା ।ଶୁକ୍ରବାର ନ୍ୟାୟମୂର୍ତି ଶଶିକାନ୍ତ ମିଶ୍ରଙ୍କ ଖଣ୍ଡପୀଠ ରାୟ ପ୍ରକାଶ କରି ଆବେଦନକୁ ଖାରଜ କରିଛନ୍ତି । ସେହିସହିତ ଏହି ରାୟ ସମ୍ପର୍କରେ ନିର୍ବାଚନ କମିସନ ଓ ଓଡ଼ିଶା ବିଧାନସଭାର ବାଚସ୍ପତିଙ୍କୁ ଅବଗତ କରାଇବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଆବେଦନକାରୀ ବ୍ରଜମୋହନ ପ୍ରଧାନ ତାଙ୍କ ଆବେଦନରେ ଅଭିଯୋଗ କରିଥିଲେ ଯେ, ନିର୍ବାଚନ କମିସନଙ୍କ ନିର୍ଦ୍ଦେଶାବଳୀ ଓ ଜନପ୍ରତିନିଧି ଆଇନର ବ୍ୟବସ୍ଥାକୁ ଉଲଂଘନ କରି ଅଶ୍ୱିନୀ ପାତ୍ର ଜଳେଶ୍ୱର ପଂଚାୟତ ସମିତି ଅଧ୍ୟକ୍ଷ ମାନସ ଜେନାଙ୍କୁ ଇଲେକ୍ସନ ଏଜେଂଟ ଓ କାଉଂଟିଂ ଏଜେଂଟ ଭାବେ ନିଯୁକ୍ତ କରିଥିଲେ । ଏହି କାରଣରୁ ତାଙ୍କ ନିର୍ବାଚନକୁ ଅସିଦ୍ଧ ଘୋଷଣା କରି ପୁନଃ ନିର୍ବାଚନ ପାଇଁ ନିର୍ଦ୍ଦେଶ ଦେବାକୁ ଦାବି କରାଯାଇଥିଲା ।ଗତ ୨୦୨୪ ଅଗଷ୍ଟ ୫ ତାରିଖରେ ହାଇକୋର୍ଟ ଏହି ନିର୍ବାଚନୀ ମକଦ୍ଦମାକୁ ବିଚାର ପାଇଁ ଗ୍ରହଣ କରି ବିଧାୟକ ଅଶ୍ୱିନୀ ପାତ୍ରଙ୍କୁ ନୋଟିସ ଜାରି କରିଥିଲେ । ମାମଲାର ଶୁଣାଣି ସମୟରେ ଆବେଦନକାରୀ ବ୍ରଜମୋହନ ପ୍ରଧାନ, ବିଧାୟକ ଅଶ୍ୱିନୀ ପାତ୍ର ଓ ମାନସ ଜେନାଙ୍କ ସାକ୍ଷ୍ୟ ଗ୍ରହଣ କରାଯାଇଥିଲା ।ଉଲ୍ଲେଖଯୋଗ୍ୟ ଯେ, ୨୦୨୪ ଜଳେଶ୍ୱର ବିଧାନସଭା ନିର୍ବାଚନରେ ବିଜେଡି ପ୍ରାର୍ଥୀ ଅଶ୍ୱିନୀ କୁମାର ପାତ୍ର ୮୩,୧୦୫ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଥିବା ବେଳେ ବିଜେପି ପ୍ରାର୍ଥୀ ବ୍ରଜମୋହନ ପ୍ରଧାନ ୮୨,୭୮୬ ଭୋଟ ପାଇ ଦ୍ୱିତୀୟ ସ୍ଥାନରେ ରହିଥିଲେ ।ବିଧାୟକ ଅଶ୍ୱିନୀ ପାତ୍ରଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ବିଦ୍ୟାଧର ମିଶ୍ର ଓ ଆଇନଜୀବୀ ତରଣୀକାନ୍ତ ବିଶ୍ୱାଳ ମାମଲା ପରିଚାଳନା କରୁଥିଲେ ।



## ଧର୍ମାନ୍ତରୀକରଣ ସନ୍ଦେହରେ ହୋଟେଲରେ ଉତେଜନା

ବାଲେଶ୍ୱର,(ନି.ପ୍ର.):ବାଲେଶ୍ୱର ସହଦେବଖୁଂଟା ଥାନା ଅନ୍ତର୍ଗତ ବସଷ୍ଟାଣ୍ଡ ନିକଟସ୍ଥ ଏକ ହୋଟେଲରେ ଧର୍ମାନ୍ତରୀକରଣ ସନ୍ଦେହକୁ କେନ୍ଦ୍ର କରି ଉତେଜନା ଦେଖାଦେଇଛି । ଶୁକ୍ରବାର ସନ୍ଧ୍ୟାରେ ହୋଟେଲର ଏକ କକ୍ଷରେ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର ପ୍ରାୟ ୨୫ରୁ ଅଧିକ ଲୋକ ଏକତ୍ରିତ ହୋଇ ବୈଠକ କରୁଥିବା ସୂଚନା ମିଳିଥିଲା ।ବିଶେଷ ସୂତ୍ରରୁ ଖବର ପାଇ ବାଲେଶ୍ୱର ବଜରଙ୍ଗ ଦଳର ୧୦ରୁ ଅଧିକ କର୍ମକର୍ତା ଘଟଣାସ୍ଥଳରେ ପହଂଚି ବୈଠକ ସମ୍ପର୍କରେ ପଚରାଉଚରା କରିଥିଲେ । ଏହି ସମୟରେ କିଛି ସମୟ ପାଇଁ ଉତେଜନାପୂର୍ଣ୍ଣ ପରିସ୍ଥିତି ସୃଷ୍ଟି ହୋଇଥିବା ଜଣାପଡ଼ିଛି । ବୈଠକରେ ଉପସ୍ଥିତ ଲୋକମାନେ ଭିନ୍ନ ସମ୍ପ୍ରଦାୟର ହୋଇଥିବା ବେଳେ, ସେମାନଙ୍କ ପକ୍ଷରୁ ମିଳିଥିବା ଉତରରେ ବଜରଙ୍ଗ ଦଳ କର୍ମୀମାନେ ସନ୍ତୁଷ୍ଟ ହୋଇନଥିବା କୁହାଯାଇଛି ।ଏହାସହ ବିଭିନ୍ନ ସ୍ଥାନରେ ବୈଠକ ନାମରେ ଧର୍ମାନ୍ତରୀକରଣ କାର୍ଯ୍ୟ ଚାଲୁଥିବା ଅଭିଯୋଗ କରି ବଜରଙ୍ଗ ଦଳ କର୍ମୀମାନେ ହୋଟେଲ ବାହାରେ ବୈଠକ ଶେଷ ହେବା ପର୍ଯ୍ୟନ୍ତ ଅପେକ୍ଷା କରିଥିଲେ ।ଘଟଣାକୁ ନେଇ ସ୍ଥାନୀୟ ଅଂଚଳରେ କିଛି ସମୟ ପାଇଁ ଚର୍ଚ୍ଚାର ପରିବେଶ ସୃଷ୍ଟି ହୋଇଥିଲା ।



## ବାଲେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରଛାତ୍ରୀ ଯୁକ୍ତଦୁଇ ପରୀକ୍ଷାରେ ପାଇଲେ ଅଭୂତପୂର୍ବ ସଫଳତା

ବାଲେଶ୍ୱର(ନି.ପ୍ର.) ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ଉଶିଝର) ଦ୍ୱାରା ପରିଚାଳିତ ଯୁକ୍ତଦୁଇ ପରୀକ୍ଷାରେ ଶୋଭାରାମପୁରସ୍ଥିତ ବାଲେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଚମତ୍କାର ପ୍ରଦର୍ଶନ କରିଛନ୍ତି । କଳା, ବିଜ୍ଞାନ ଓ ବାଣିଜ୍ୟ ତିନୋଟି ବିଭାଗରେ ବିଦ୍ୟାଳୟର ଫଳାଫଳ ଉଲ୍ଲେଖନୀୟ ରହିଛି ।କଳା ବିଭାଗରେ ମୋଟ ୧୦୪ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୭ ଜଣ ପ୍ରଥମ ଶ୍ରେଣୀ, ୨୯ ଜଣ ଦ୍ୱିତୀୟ ଶ୍ରେଣୀ ଏବଂ ୩୮ ଜଣ ତୃତୀୟ ଶ୍ରେଣୀରେ ଉତୀର୍ଣ୍ଣ ହୋଇଛନ୍ତି । ବିଜ୍ଞାନ ବିଭାଗରେ ୧୭ ଜଣ ପ୍ରଥମ ଶ୍ରେଣୀ ଓ ୧୧ ଜଣ ଦ୍ୱିତୀୟ ଶ୍ରେଣୀରେ କୃତକାର୍ଯ୍ୟ ହୋଇ ଶତ ପ୍ରତିଶତ ପାସ୍ ହାର ବଜାୟ ରଖିଛନ୍ତି । ସେହିପରି ବାଣିଜ୍ୟ ବିଭାଗରେ ମଧ ଛାତ୍ରଛାତ୍ରୀମାନେ ଶତ ପ୍ରତିଶତ ସଫଳତା ହାସଲ କରିଛନ୍ତି । ବ୍ୟକ୍ତିଗତ ସଫଳତାରେ କଳା ବିଭାଗରେ ସମର କୁମାର ସାହୁ ୬୦୦ ମଧ୍ୟରୁ ୫୦୦ ନମ୍ବର ରଖି ଟପ୍ପର ହୋଇଛନ୍ତି । ବିଜ୍ଞାନରେ ପଙ୍କଜ କୁମାର ରାଉତ ୫୨୫ ନମ୍ବର ସହ ଶୀର୍ଷ ସ୍ଥାନ ଅଧିକାର କରିଥିବା ବେଳେ ବାଣିଜ୍ୟରେ ଫାରହିନ କୌଶର ୩୩୯ ନମ୍ବର ରଖି ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି ।ଏହି ଅଭୂତପୂର୍ବ ସଫଳତା ପାଇଁ ବିଦ୍ୟାଳୟର ଅଧକ୍ଷ ରତ୍ନାକର ମହାପାତ୍ର ସମସ୍ତ କୃତୀ ଛାତ୍ରଛାତ୍ରୀ, ଅଧ୍ୟାପକ-ଅଧ୍ୟାପିକା ଓ ଅଣଶିକ୍ଷା କର୍ମଚାରୀଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି । ଛାତ୍ରଛାତ୍ରୀଙ୍କ କଠିନ ପରିଶ୍ରମ ଓ ଶିକ୍ଷକଙ୍କ ନିଷ୍ଠାପର ମାର୍ଗଦର୍ଶନ ଯୋଗୁଁ ଏହି ଫଳାଫଳ ସମ୍ଭବ ହୋଇପାରିଛି ବୋଲି ସେ ପ୍ରକାଶ କରିଛନ୍ତି ।







# ଇପ୍‌ସିତାଙ୍କ ସଫଳତା : +୨ ବିଜ୍ଞାନରେ ରଖିଲେ ୫୮୧ ନମ୍ବର, ଅଂଚଳରେ ଖୁସିର ଲହରୀ



ଧାମନଗର(ନିପ୍ର): ଧାମନଗର ବ୍ଲକ ଅନ୍ତର୍ଗତ ଅର୍ଜୁନପୁର ଗ୍ରାମର ଛାତ୍ରୀ ଇପିସିତା ପ୍ରିୟଦର୍ଶିନୀ ରାଉତ ଚଳିତ +୨ ବିଜ୍ଞାନ ପରୀକ୍ଷାରେ ଚମତ୍କାର ସଫଳତା ହାସଲ କରି ସମଗ୍ର ଧାମନଗର ଅଂଚଳ ତଥା ନିଜ ଗ୍ରାମର ଗୌରବ ବଢ଼ାଇଛନ୍ତି । ସେ ମୋଟ ୬୦୦ ନମ୍ବରରୁ ୫୮୧ ନମ୍ବର ରଖି ସର୍ବୋଚ୍ଚ ସଫଳତା ଅର୍ଜନ କରିଛନ୍ତି । ଅର୍ଜୁନପୁର ଗ୍ରାମର ରବୀନ୍ଦ୍ର ରାଉତ ଓ ମାତା ନିରୁପମା ରାଉତଙ୍କ ଏକମାତ୍ର କନ୍ୟା ଇପିସିତା କଟକର ପ୍ରସିଦ୍ଧ ରେଭେନ୍ସା ହାୟର ସେକେଣ୍ଡାରୀ ସ୍କୁଲର +୨ ବିଜ୍ଞାନର ଛାତ୍ରୀ ଅଟନ୍ତି । ସୁଦୂର ମଫସଲ ଗ୍ରାମରୁ ଯାଇ କଟକ ଭଳି ସହରରେ କଠିନ ପରିଶ୍ରମ କରି ସେ ଏହି ଗୌରବମୟ ସଫଳତା ପାଇଛନ୍ତି । ଇପିସିତାଙ୍କ ଏହି କୃତିତ୍ୱ ପାଇଁ ତାଙ୍କ ପରିବାର ଓ ସ୍ଥାନୀୟ ଅଂଚଳରେ ଆନନ୍ଦର ବାତାବରଣ ଖେଳି ଯାଇଛି । ଛାତ୍ରୀଙ୍କର ଏଭଳି ଅଭୁତପୂର୍ବ ସଫଳତା ପାଇଁ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧି ଅଶୋକ ପୁହାଣ, ଅର୍ଜୁନପୁର ପଂଚାୟତର ସରପଂଚ ସରିତା ମହାନ୍ତି, ସମିତି ସଭ୍ୟ ବିଦ୍ୟାଧର ରାଉତ ଏବଂ ବିଶିଷ୍ଟ ସମାଜସେବୀ ଲକ୍ଷ୍ମୀଧର ମାଝୀ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି । ଆଗାମୀ ଦିନରେ ସେ ଜଣେ ସୁନାଗରିକ ହୋଇ ଦେଶ ଓ ଜାତିର ସେବା କରନ୍ତୁ ବୋଲି ସ୍ଥାନୀୟ ବୁଦ୍ଧିଜୀବୀମାନେ ଆଶା ପ୍ରକଟ କରିଛନ୍ତି ।

# ସେନା ହେବାକୁ ଆସିଥିଲେ : ଶବ ହୋଇ ଫେରିଲେ



ସୋର(ନିପ୍ର): ସେନା ପ୍ରଶିକ୍ଷଣ ନେଉଥିବା ଜଣେ ଛାତ୍ର ପୋଖରୀରେ ବୁଡି ଯିବା ଭଳି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ସୋରରେ । ମୃତ ଛତ୍ରଜଣକ ସୋର କଲେଜ ଛକ ନିକଟସ୍ଥ ଏକ ଘରୋଇ ସେନା ପ୍ରଶିକ୍ଷଣ ସେଂଟରର ବୋଲି ଜଣାପଡ଼ିଛି । ସୂଚନା ଅନୁସାରେ ଭଦ୍ରକ ଜିଲା ବାସୁଦେବପୁର ଅଂଚଳର ଭୋଳାନାଥ ଓଝା ସେନାରେ ଭର୍ତି ହେବା ପାଇଁ ସୋର କଲେଜ ଛକ ନିକଟସ୍ଥ ସୈନିକ ଏକାଡେମୀର ନାଁ ଲେଖାଇଥିଲେ । ସେଠାରେ ସେନା ପାଇଁ ପ୍ରସ୍ତୁତି ହେଉଥିବା ବେଳେ ଆଜି ମଧାହ୍ନରେ ପହଁରିବା ଶିଖିବାକୁ ନିକଟସ୍ଥ ପୋଖରୀକୁ ଯାଇଥିଲେ । ମାତ୍ର ସେଠାରେ ପାଣିରେ ବୁଡିଯାଇଥିଲେ । ଖବର ପାଇ ସୋର ପୁଲିସ ଓ ଅଗ୍ନିଶମ ବିଭାଗର କର୍ମଚାରୀ ପହଂଚି ଦୀର୍ଘ ଏକ ଘଂଟା ଖୋଜାଖୋଜି କରିବା ପରେ ପୋଖରୀରୁ ତାଙ୍କୁ ଉଦ୍ଧାର କରି ସୋର ଡାକ୍ତରଖାନାକୁ ଆଣିଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ତେବେ ଏହି ପ୍ରଶିକ୍ଷଣ କେନ୍ଦ୍ରର ସୁରକ୍ଷା ବ୍ୟବସ୍ଥା ଉପରେ ସାଧାରଣରେ ପ୍ରଶ୍ ?ନବାଚୀ ସୃଷ୍ଟି ହୋଇଛି । ପହଁରା ଶିକ୍ଷା ଦେବାକୁ ଯାଇଥିବା କର୍ମଚାରୀ କାହିଁକି ତୁରନ୍ତ ଉଦ୍ଧାର କରି ପାରିଲେ ନାହିଁ ଏ ନେଇ ପରିବାର ଲୋକେ ଅଭିଯୋଗ କରିଛନ୍ତି । ପୁଲିସ୍ ତରଫରୁ ଏକ ମାମଲା ରୁଜୁ ହୋଇ ବ୍ୟବଚ୍ଛେଦ ପରେ ତଦନ୍ତ ଆରମ୍ଭ ହୋଇଛି ।

# ଅପହରଣ ପରେ ଶାରୀରିକ ନିର୍ଯ୍ୟାତନା ଅଭିଯୋଗ

ନୂଆପଡ଼ା(ନିପ୍ର): ନୂଆପଡା ଜିଲ୍ଲାର ଦାଦନ ଦୁଃଖ ଥମିବାର ନାଁ ନେଉନାହିଁ । କେବେ ମାନସିକ ଶାରୀରିକ ନିର୍ଯ୍ୟାତନା ପାଇ ଆକର୍ମଣ୍ୟ ହେଉଛନ୍ତି ତ ଆଉ କେବେ ମୃତ୍ୟୁ ମୁଖରେ ପଡୁଛନ୍ତି । ହେଲେ ଦୋଷୀ ମାନଙ୍କ ବିରୁଦ୍ଧରେ ପ୍ରଶାସନର ନୀରବତା ଶ୍ରମକି ସର୍ଦ୍ଦାର, ଶ୍ରମିକ ଦଲାଲଙ୍କୁ ଆହୁରି ବଳ ଯୋଗାଉଛି । ଠିକ ଏଭଳି ଏକ ସାଙ୍ଘାତିକ ଅଭିଯୋଗ ଆସିଛି ନୂଆପଡା ଜିଲ୍ଲା ଖଡ଼ିଆଳ ଥାନା ତୁକୁଳା ମାଳପଡା ଗାଁରୁ । ଜଣେ ଶ୍ରମିକଙ୍କୁ ପ୍ରଥମେ ଅପହରଣ ପରେ ଶାରୀରିକ ନିର୍ଯ୍ୟାତନା ପରେ ମୃତ୍ୟୁମୁଖରେ ଛାଡି ଫେରାର । ଅପହୃତା ଉଦ୍ଧାର ହେଲେ ସତ ହେଲେ ପୋଲିସ ର ପଦକ୍ଷେପ ନେଇ ପ୍ରଶ୍ନ ଉଠାଇଛନ୍ତି ପୀଡିତ ପରିବାର ସଦସ୍ୟ । ଖଡ଼ିଆଳ ଥାନା ତୁକୁଳା ମାଳପଡା ଗାଁର ଜଣେ ଦିନ ମଜୁରିଆ ଧ୍ରୁବ ଶବର ନାମକ ଜଣେ ଶ୍ରମିକଙ୍କୁ ଏପ୍ରିଲ ଚାରି ଦିନ ତୁକୁଳା ଗାଁ ର ମୋହନ ମାଝୀ ନାମକ ବ୍ୟକ୍ତି ଓ କଂଟାବାଞ୍ଜିର ଶ୍ରମିକ ଦଲାଲ ପାର୍ଥମ ବେହେରା କାମର ଆଶ୍ୱସନା ଦେଖାଇ ପ୍ରଥମେ କଂଟାବାଞ୍ଜି ଓ ପରେ କେଉଁ ଅଜଣା ସ୍ଥାନକୁ ନେଇ ଯାଇଥିଲେ । ଧ୍ରୁବଙ୍କ ପୁଅ ଘନଶ୍ୟାମ ଶବର ବାପଙ୍କୁ ଦୁଇଦିନ ବିଭିନ୍ନ ସ୍ଥାନରେ ଖୋଜାଖୋଜି ପରେ ମଧ ପାଇନଥିଲେ । ପରେ ବିଶେଷ ସୂତ୍ରରୁ ମୋହନ ମାଝୀ ଓ ଶ୍ରମିକ ଦଲାଲ ପାର୍ଥମ ବେହେରା ଧ୍ରୁବଙ୍କୁ ନେଇ ଯାଇଥିବା ଖବର ଘନଶ୍ୟାମ ଜାଣିଥିଲେ । ସାଙ୍ଗେସାଙ୍ଗେ ଉଭୟଙ୍କୁ ତାଙ୍କୁ ଫୋନ୍ ମାଧ୍ୟମରେ ଯୋଗାଯୋଗ କରିଥିଲେ । ଯୋଗାଯୋଗ ପରେ ସେମାନଙ୍କ ସହ ଧ୍ରୁବ ଥିବା ତାଙ୍କ ପୁଅ ଜାଣିଥିଲେ । ଅପରପକ୍ଷ ରେ ଆସନ୍ତା ଦୁଇ ତିନି ଦିନ ଭିତରେ ଆମେ ଘରକୁ ଯିବୁ ବୋଲି ଉଭୟ ମୋହନ ମାଝୀ ଓ ପାର୍ଥମ କହିଥିବା କଥା ଘନଶ୍ୟାମ କହିଛନ୍ତି । ହେଲେ ବାପା ଘରକୁ ଫେରିନଥିବାରୁ ଘନଶ୍ୟାମ ଶବର ଉଭୟ ମୋହନ ମାଝୀ ଓ ପାର୍ଥମ ବେହେରାଙ୍କ ବିରୁଦ୍ଧରେ ଏକ ଲିଖିତ ଅଭିଯୋଗ ଖଡ଼ିଆଳ ଥାନା ରେ ଦେଇଥିଲେ । ଏହି ବିଷୟରେ ଖଡିଆଳ ଏସ ଡି ପିଓଙ୍କୁ ପଚାରିବାରୁ ହାଇଦ୍ରାବାଦ୍‌କୁ ଯାଇ ଉଦ୍ଧାର କରି ତାଙ୍କ ପୁଅଙ୍କୁ ପୀଡ଼ିତ ଧୃବ ଶବରଙ୍କୁ ହସ୍ତାନ୍ତର କରାଯାଇଛି ବୋଲି କହିଥିଲେ ।

# କାଂଶବାଂଶ ବିଜୁସେତୁ ନିର୍ମାଣରେ ଅନିୟମିତତା



ଖଇରା(ନିପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅମରିଆ ପଂଚାୟତ ଅଧିନ ଅଗ୍ନିପୁର ଗ୍ରାମରେ ୩ବର୍ଷ ପୂର୍ବରୁ ଆରମ୍ଭ ହୋଇଥିବା ବିଜୁସେତୁ ସରିବାର ନାଁଗନ୍ଧ ଧରୁନି । ଠିକାଦାରଙ୍କ ମନମାନିରେ ଚାଲିଥିବା ଏହି କାମ କୁ ନେଇ ଗ୍ରାମ୍ୟ ଉନ୍ନୟନ ବିଭାଗ ନିରବଦ୍ରଷ୍ଟା ସାଜିଥିବା ଯୋଗୁଁ ଏଥିରେ ବ୍ୟାପକ ଅନିୟମିତା ହୋଇଥିବାରୁ ଅଗ୍ନିପୁର, ଗୋବିନ୍ଦପୁର ସମେତ ୫ଖଣ୍ଡ ଗ୍ରାମର ଅଧିବାସୀ ଭିଜିଲାନ୍ସ ତଦନ୍ତ ଦାବୀ କରିଛନ୍ତି । ବର୍ଷାଦିନ ପୂର୍ବରୁ ପୋଲ କିମ୍ବା ପୋଲ ସଂଲଗ୍ନ ରାସ୍ତା କାମ ଶେଷ ନହେଲେ ଶତାଧିକ ଗ୍ରାମବାସୀ ଆନ୍ଦୋଳନକୁ ଓହ୍ଲାଇବାକୁ ଚେତାବନୀ ଦେଇଛନ୍ତିଫ ଅମରିଆ ପଂଚାୟତର ଅଗ୍ନିପୁର, ଗୋବିନ୍ଦପୁର ସମେତ ଭୀମନାଥପୁର, ପାଣିଛତ୍ର ଇତ୍ୟାଦି ଗ୍ରାମବାସୀଙ୍କ ଯାତାୟାତ ଅସୁବିଧାକୁ ଦୂର କରିବାକୁ କାଂଶବାଂଶ ନଦୀ ଉପରେ ବିଜୁ ସେତୁ ନିର୍ମାଣ ପାଇଁ ୨୦୨୩ ମସିହା ମେ ମାସରେ ତତକାଳିନ ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀଙ୍କ ଦ୍ୱାରା ଭିତିପ୍ରସ୍ତର ସ୍ଥାପନ କରାଯାଇ ଥିଲା । ଏହି ପାଇଁ ପାଖାପାଖି ୫କୋଟି ୧୬ ଲକ୍ଷ ଟଙ୍କା ପ୍ରଦାନ କରାଯାଇ ଥିଲା । ୧ବର୍ଷ ମଧ୍ୟରେ କାର୍ଯ୍ୟ ଶେଷ ପାଇଁ ଠିକାଦାର ଗ୍ରାମ୍ୟ ଉନ୍ନୟନ ବିଭାଗ ସହ ଚୁକ୍ତି କରିଥିଲେ ହେଁ ୩ବର୍ଷ ଧରି କାମ ଅସମ୍ପୂର୍ଣ୍ଣ ଥିଲେ ହେଁ ବିଭାଗ ଚୁପହୋଇ ବସିଥିବାରୁ ଠିକାଦାର କାମକୁ ଅଧାଖଣ୍ଡିଆ କରି ପକାଇ ରଖିଛନ୍ତି । କେବଳ ପୋଲର ଛାତ ପଡିଥିବା ବେଳେ ୨ପାର୍ଶ୍ୱର ରାସ୍ତା, ପାଚେରୀ କାମ ବାକିରହିଛି । କୌଣସୀ ବିଭାଗୀୟ ଯନ୍ତ୍ରୀ ଉପସ୍ଥିତ ରହୁନଥିବାରୁ କାମ ମଧ୍ୟ ଅତ୍ୟନ୍ତ ନିମ୍ନମାନର ହୋଇଥିବା ନେଇ ଗୋବିନ୍ଦପୁର ଓ ଅଗ୍ନିପୁର ଗ୍ରାମବାସୀ କହିଛନ୍ତି । ସିମେଂଟ ଭାଗମାପ ଠିକନଥିବାରୁ ବହୁ ସ୍ଥାନରୁ ଢଳେଇ ଖସିବାକୁ ଆରମ୍ଭ କଲାଣି । ଏ ସମ୍ପର୍କରେ ଅଭିଯୋଗ କରୁଥିବା ଗ୍ରାମବାସୀଙ୍କୁ ଠିକାଦାରଙ୍କ ଲୋକମାନେ ଗାଳିଗୁଲଜ କରୁଥିବାରୁ କୌଣସୀ ଗ୍ରାମବାସୀ ଭୟରେ ମୁହଁ ଖୋଲୁନଥିବା କହିଛନ୍ତି । ଏ ସମ୍ପର୍କରେ ଗ୍ରାମ୍ୟ ଉନ୍ନୟନ ବିଭାଗର ସହକାରୀ ଯନ୍ତ୍ରୀ ସଞ୍ଜୟ କୁମାର ସାହୁଙ୍କୁ ଯୋଗାଯୋଗ କରିବାରେ ବର୍ଷାଦିନ ପୂର୍ବରୁ କାମ ଶେଷ କରିବାକୁ ଠିକାଦାରଙ୍କୁ କୁହାଯାଇଥିବା କହିଛନ୍ତି ।

# ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ ଅଭିଯାନ ଉଦ୍‌ଘାଟିତ

ପାରାଦୀପ(ନିପ୍ର): ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ଅଭିଯାନ ଭାରତୀୟ ଜନତା ପାର୍ଟି (ବିଜେପି) ଦ୍ୱାରା ଆୟୋଜିତ ଏକ ସର୍ବଭାରତୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ । ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଦଳୀୟ କାର୍ଯ୍ୟକର୍ତା ମାନଙ୍କୁ ସିଦ୍ଧାନ୍ତ, ବିଚାରଧାରା ଏବଂ ରାଷ୍ଟ୍ର ନିର୍ମାଣ ଚିନ୍ତାଧାରାରେ ଅନୁପ୍ରାଣିତ କରିବା । ଏହି ପରିପ୍ରେକ୍ଷୀରେ ପାରାଦୀପ ବନ୍ଦର ବିଜୁ ସମ୍ମିଳନୀ କକ୍ଷରେ ଶୁକ୍ରବାର ଦିନ ଜଗତସିଂହପୁର ବିଜେପିର ଦୁଇଦିନିଆ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦଘାଟିତ ହୋଇ ଯାଇଛି । ବିଜେପି ଜିଲ୍ଲା ସଭାପତି ପ୍ରତାପ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଓଡିଶା ଉପ-ମୁଖ୍ୟମନ୍ତ୍ରୀ କେ.ଭି.ସିଂଦେଓ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ପ୍ରଶିକ୍ଷଣ ଅଭିଯାନର ଶୁଭ ଉଦ୍‌ଘାଟନ କରିଥିଲେ । ପାରାଦୀପ ବିଧାୟକ ତଥା ରାଜ୍ୟ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ସ୍ୱାଗତ ଭାଷଣ ଦେବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ, ବିଜେପି ପ୍ରଭାରୀ ସୁବାଷ ଜେନା, ବର୍ଗ ପ୍ରଭାରୀ ଦିବାକର ହରିଚନ୍ଦନ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସତ୍ୟବ୍ରତ ମହାପାତ୍ର, ଉପେନ୍ଦ୍ର ବିଶ୍ୱାଳ, ରାଜ କିଶୋର ବେହେରା, ସତ୍ୟ ସାରଥୀ ମହାନ୍ତି ଓ ସଞ୍ଜୟ ମହାନ୍ତି, ବିଜେପି ରାଜ୍ୟ ଉପସଭାପତି ଡ଼. ଯତୀନ ମହାନ୍ତି, ବିଜେପି ବାର୍ତା ସମ୍ପାଦକ ପୂର୍ଣ୍ଣ ଚନ୍ଦ୍ର ମଲ୍ଲିକ, ସାଧାରଣ ସମ୍ପାଦକ ଗଣେଷ ପ୍ରସାଦ ମହାନ୍ତି ପ୍ରମୁଖ ମଂଚରେ ଉପସ୍ଥିତ ରହି ଉପସ୍ଥିତ ଦଳୀୟ କର୍ମୀ ମାନଙ୍କୁ ଦଳର ସମୃଦ୍ଧି ଓ ଆଗାମୀ ପଂଚାୟତ ନିର୍ବାଚନରେ ବିଜୟ ଧାରା କୁ ବଜାୟ ରଖିବାକୁ ଆହ୍ୱାନ ଦେଇଥିଲେ । ମୁଖ୍ୟ ଅତିଥି ଶ୍ରୀ ସିଂଦେଓ ଦଳରେ ଶୃଙ୍ଖଳା ଓ ଅନୁଶାସନ ଉପରେ ଗୁରୁତ୍ୱାରୋପ କରିବା ସହ ସିଦ୍ଧାନ୍ତ, ବିଚାର ଓ ରାଷ୍ଟ୍ର ନିର୍ମାଣ ଚିନ୍ତାଧାରାରେ ଅନୁପ୍ରାଣିତ ହେବାକୁ ଶିବିରରେ କାର୍ଯ୍ୟକର୍ତାଙ୍କୁ ପରାମର୍ଶ ଦେଇଥିଲେ । ସେହିପରି ମନ୍ତ୍ରୀ ସମ୍ପଦ ସ୍ୱାଇଁ ଓ ଅନ୍ୟ ବକ୍ତାମାନେ ପ୍ରଶିକ୍ଷଣର ଗୁରୁତ୍ୱ ଉପରେ ନିଜର ବକ୍ତବ୍ୟ ରଖିଥିଲେ । ଏହି କାର୍ଯ୍ୟକ୍ରମ କୁ ବିଜେପି ଜିଲ୍ଲା ସଭାପତି ପ୍ରତାପ ମିଶ୍ର ପରିଚାଳନା କରିଥିବା ବେଳେ ପାରାଦୀପ ମଣ୍ଡଳ ସଭାପତି ସୁବ୍ରତ ପ୍ରଧାନ, ମନ୍ତ୍ରୀ ଙ୍କ ପ୍ରତିନିଧି ସର୍ବେଶ୍ୱର ବଳିୟାର ସିଂହ, ପାରିଷଦ ପ୍ରତାପ ନାୟକ, ବିଜେପି କାର୍ଯ୍ୟକର୍ତା ତପନ ତ୍ରିପାଠୀ, ସର୍ବେଶ୍ୱର ଜେନା ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ ।


**AFFIDAVIT**

By virtue of an affidavit sworn before Executive Magistrate, Balasore, Affidavit No. 3494, dated 11.05.2026, I, Manas Ranjan Pattanayak, aged about 53 years, S/o- Tarakanta Pattanayak of At-Samalpur, Po- Balia, PS- Industrial Area, Dist-Balasore, Odisha declare that I have changed my daughter's name from Tanisha Pattanayak to Naira Pattanayak. Henceforth, she shall be known as Naira Pattanayak for all purposes.

Sd/-
**Manas Ranjan Pattanayak**



No. 25001/231/2627

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION, UDALA**
e_mail =rw_udala@yahoo.com
**e_Procurement Tender Call Notice No. Online 01/RWD/UDALA/2026-27**

1. Name of the work : Building works
2. Total No. of works : 03 Nos.
3. Estimated Cost : Approx Estimated Cost Rs.40.38 to Rs.44.82 Lakhs
4. Class of Contractor : 'B'
5. EMD : EMD @ 1% of Estimated Cost Put to tender
6. Period of completion : As per Annexure
7. Other details :

**Further details can be seen from the website www.tendersorissa.gov.in**

| Procurement Officer | Bid Identification No. | Availability of tender On-line for bidding | | Last Date & Time of seeking Tender Clarification. | Date & Time of Opening of Tender in O/O S.E, Rural Works Division, Udala. |
|---|---|---|---|---|---|
| 1 | 2 | 3 | 4 | 5 | 6 |
| S.E.R.W Division, Udala. | 01(Online)/ RWD-Udala of 2026-27 | 25.05.26 at 11.00 A.M. | 01.06.26 up to 5.00 P.M. | 01.06.26 up to 3.00 P.M. | 01.06.26 at 5.30 A.M. |

OIPR. 25001/25199/1/26-27/0001

Sd/-
Superintending Engineer
R.W.Division, Udala



No. 19001/79/2627

OFFICE OF THE PANCHAYAT SAMITI RAIRANGPUR.
At/Po- Rairangpur ,Dist-Mayurbhanj.
E-Mail: ori-rairangpur@nic.in
Letter No. 1324 /dev/ dt. 21.05.2026 /
TENDER CALL NOTICE

Bid Identification No.1/2026// BDO Rairangpur

The Block Development Officer, Rairangpur on behalf of Government of Odisha invites Sealed tender on percentage (%) rate from the interested "D & C" Class contractor registered with the Govt. for execution of civil work under Panchayat samiti Rairangpur, Mayurbhanj. The eligible criteria and the details of the tender documents which can be downloaded from the website www.mayurbhanj.odisha.gov.in . Interested bidders fulfilling the eligibility criteria may submit their proposals to the O/O BDO Rairangpur only through Regd Post/Speed post . Other mode of communication will not be entertained.

No of Civil Works put to tender: 12 Nos

Terms and conditions

1. Sale & Receipt of Tender paper: from dt.25.05.2026 to 06.06.2026 up to 1.00 PM on every office working days. The last date of receipt of the bid documents will be 06.06.2026 up to 01.00PM.
2. Date of Opening of the tender paper: 09.06.2026 at 10.00 AM at the conference Hall, Panchayat samiti ,Rairangpur ,MAYURBHANJ in the presence of the bidders
3. Mode of receipt: Through either regd. Post or speed post only to O/O BDO Rairangpur, Mayurbhanj
4. Envelop should be super-scribed with the name of works for which tender paper is being submitted otherwise will be rejected.

OIPR. 19001/19147/1/26-27/0001

Sd/-
Block Development Officer
Rairangpur


# ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ରୋକିବା ପାଇଁ ପୋଲିସର ବୈଠକ

ଉଦଳା(ନିପ୍ର): ଓଡ଼ିଶାର ପଡୋଶୀ ରାଜ୍ୟ ପର୍ଶ୍ଚିମ ବଙ୍ଗ ରେ ବାଂଲାଦେଶୀ ମାନଙ୍କୁ ତଡା ଯାଉଅଛି । ମୟୂରଭଞ୍ଜ ଜିଲ୍ଲା ପର୍ଶ୍ଚିମ ବଙ୍ଗର ପଡୋଶୀ ଜିଲ୍ଲା ହୋଇଥିବାରୁ କିଛି ବାଂଲା ଦେଶୀ ବେପାର ବାଣିଜ୍ୟ କରିବା ସହିତ ଜାଗା କିଣିବା ପାଇଁ ମସୁଧା କରୁ ଥିବାର ସୂଚନା ମିଳେ । ଏହି ପରିପ୍ରେକ୍ଷୀରେ ମୟୂରଭଞ୍ଜ ଜିଲ୍ଲା ଉଦଳା ଥାନା ପରିସରରେ ବନମାଳୀ ବାରିକଙ୍କ ପୌରହିତ୍ୟରେ ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇ ଯାଇଛି । ବିଶେଷ କରି ବାଂଲା ଦେଶୀ ମାନଙ୍କ ବେପାର ବାଣିଜ୍ୟ ରୋକିବା ଓ ବିଜ୍ଞାପିତ ଅଂଚଳ ପରିଷଦ ମଧ୍ୟରେ ଭଡ଼ା ଦେଉଥିବା ବ୍ୟକ୍ତି ମାନଙ୍କୁ ସଜାଗ କରିବା ଏହି ବୈଠକର ମୁଖ୍ୟ ଉଦ୍ଦେଶ୍ୟ । ବାଂଲାଦେଶୀଙ୍କ ଯୋଗୁ ଆମ ଅଂଚଳ ରେ ଚୋରି ଓ ରାହାଜାନୀ ହେବାର ସମ୍ଭାବନାକୁ ଏଡାଇ ଦିଆ ଯାଇ ନ ପାରେ । ସେମାନଙ୍କୁ ଘର ଭଡ଼ା ନ ଦେବା ଓ ଜମି ବିକ୍ରି ନ କରିବାକୁ ବୈଠକ ରେ ପରାମର୍ଶ ଦିଆ ଯାଇଛି । ଏଥିରେ ବହୁ ବୁଦ୍ଧିଜୀବୀ, ସାମ୍ବାଦିକ, ବସ୍ ମାଲିକ ସଂଘର କର୍ମକର୍ତା ଓ ବଣିକ ସଂଘର କର୍ମକର୍ତା ଯୋଗ ଦେଇଥିଲେ ।


No. 13001/584/2627

**GOVERNMENT OF ODISHA**

**OFFICE OF THE GENERAL MANAGER,**
**WATCODIVISION, BARIPADA- 757001**
e-Mail: - eephbaripada2016@gmail.com.
NATIONAL COMPETITIVE BIDDING THROUGH e- Procurement.
Invitation For Bids (IFB) No. 04/GM/WATCO/BPD/2026-27 dt. 20.05.2026

| | | |
|---|---|---|
| 1.(a) | Name of the Work | : (i) "Construction, Testing & commissioning of the 1.00M.L. capacity R.C.C. U.G.R. at 9 M.L.D. W. T.P. Belgadia under WATCO Division, Baripada in Mayurbhanj District." |
| 1. (b) | Estimated Cost | : Rs. 62.50 Lakh |
| 2. | Period of completion | : 180 Days. |
| 3. | Date & Time of Availability of Bid Document in the Portal | : 11 hours of dt.26.05.2026 to 17 hours of dt.10.06.2026. |
| 4. | Last date/ time of receipt of bids In the portal | : dt.10.06.2026 at 17 hours |
| 5. | Date and time of opening of bids | : dt.11.06.2026 at 12:30 hours Onwards |
| 6. | Name and address of the Officer Inviting Bid | : The General Manager, WATCO Division, Baripada 757001, Odisha. Ph.9437380412 e-Mail:eephbaripada2016@gmail.com |

Further details can be seen from the website www.tendersorissa.gov.in

OIPR. 13001/13209/1/26-27/0001

Sd/-
General Manager,
WATCO Division, Baripada











ଅଯଥାରେ ଗର୍ବ କରୁଥିବା ଲୋକଟି ବୁଝିବା ଉଚିତ ଯେ ଶେଷ ସମୟରେ ନିଜ ପ୍ରାଣକୁ ମଧ ସେ ଅଟକାଇ ପାରି ନଥାଏ ।

# ଆଜିକାଲି



ଅନନ୍ତ ବିଜୟଂ ରାଜା, କୁନ୍ତୀପୁତ୍ରୋ ଯୁଧିଷ୍ଠିରଃ ।
ନକୁଳଃ ସହଦେବଶ୍ଚ, ସୁଘୋଷମଣିପୁଷ୍ପକୌ ॥
(ଶ୍ରୀମଦ୍ ଭଗବତ୍ ଗୀତା)

ଭାବାର୍ଥ : ଯୁଧିଷ୍ଠିରଙ୍କ ଅନନ୍ତବିଜୟ, ନକୁଳଙ୍କ ସୁଘୋଷ ଓ ସହଦେବଙ୍କ ମଣିପୁଷ୍ପକ ଏ ସବୁ ଶଙ୍ଖ ମଧ ସଂଗେ ସଂଗେ ବାଜିଲା ।

# ଜନନାୟକ ନୀଳମଣି ରାଉତରାୟ

ସ୍ୱାଧୀନତା ପରବର୍ତ୍ତୀ କାଳରେ ଓଡ଼ିଶାର ରାଜନୀତି କ୍ଷେତ୍ରରେ ସକ୍ରିୟ ମଙ୍ଗୁଆଳ ଭୂମିକାରେ ଅବତୀର୍ଣ୍ଣ ହୋଇଥିବା ଏବଂ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାକୁ ଲକ୍ଷ୍ୟ ସ୍ଥଳୀରେ ପହଂଚାଇବା ପାଇଁ ନିଷ୍ଠାପର ଉଦ୍ୟମ କରିଥିବା ରାଜନେତାଙ୍କ ମଧ୍ୟରେ ନୀଳମଣି ରାଉତରାୟ ଅନ୍ୟତମ । ଓଡ଼ିଶା ତଥା ଓଡ଼ିଆ ଜାତିର ସେବା ଥିଲା, ତାଙ୍କ ଜୀବନର ଏକମାତ୍ର ବ୍ରତ । ସେ କୌଣସି ସମୟରେ ମେଧାବୀ ଛାତ୍ର ନଥିଲେ । ରେଭେନ୍ସା କଲେଜରୁ ବହିଷ୍କୃତ ହୋଇଥିବା ପ୍ରଥମ ଛାତ୍ର ହେଉଛନ୍ତି ନୀଳମଣି ରାଉତରାୟ । ତାଙ୍କୁ ବହିଷ୍କାର କଲାବେଳେ ରାଭେନ୍ସାର ତତ୍କାଳୀନ ଅଧ୍ୟକ୍ଷ ଡ.ପ୍ରାଣକୃଷ୍ଣ ପରିଜା ତାଙ୍କ ଚରିତ୍ର ସାର୍ଟିଫିକେଟରେ ଲେଖିଥିଲେ ନୀଳମଣି ଚାରି ବର୍ଷର ଛାତ୍ର ଜୀବନରେ ଧ୍ୱଂସମୂଳକ କାର୍ଯ୍ୟକ୍ରମ ଦ୍ୱାରା କଲେଜକୁ ଏକ ମରୁଭୂମିରେ ପରିଣତ କରିଦେଇଥିଲେ ଏବଂ ଏ ପ୍ରକାର ଛାତ୍ରକୁ ନେଇ ପୃଥିବୀର କୌଣସି ଶିକ୍ଷାନୁଷ୍ଠାନ ଚାଲିପାରିବ ନାହିଁ । ଏପରି ନକାରାତ୍ମକ ଟିପ୍ପଣୀ ସତ୍ତ୍ୱେ ସେ କଲକାତାର ବିଦ୍ୟାସାଗର କଲେଜରୁ ସ୍ନାତକ ଉତୀର୍ଣ୍ଣ ହୋଇଥିଲେ । ବିଦ୍ୟାସାଗର କଲେଜରେ ଭର୍ତି କରାଇବାରେ ସାହାଯ୍ୟ କରିଥିଲେ ଡ. ଶ୍ୟାମାପ୍ରସାଦ ମୁଖାର୍ଜୀ । ପରବର୍ତୀ କାଳରେ ଆଇନ ଓ ରାଜନୀତି ବିଜ୍ଞାନରେ ଏମ୍‌ଏ ପଢ଼ିବା ପାଇଁ ସେ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟରେ ନାମ ଲେଖାଇଥିଲେ । ସେଠାରେ ମଧ ଆନ୍ଦୋଳନାତ୍ମକ କାର୍ଯ୍ୟରେ ମାତ୍ରାଧିକ ସଂପୃକ୍ତି ଯୋଗୁଁ ବହିଷ୍କୃତ ହୋଇଥିଲେ । ଘଟନାକ୍ରମେ ସେ କଲକାତା ବିଶ୍ୱବିଦ୍ୟାଳୟରୁ ଆଇନରେ ଡିଗ୍ରୀ ହାସଲ କରି, କଟକ ଫେରିଥିଲେ ଏବଂ ଆଇନ ବ୍ୟବସାୟ ଆରମ୍ଭ କରିଥିଲେ । ପ୍ରଜାତନ୍ତ୍ରର ସେ ଥିଲେ ପ୍ରଥମ ମୁଖ୍ୟ ପରିଚାଳକ । ଏହି ଖବରକାଗଜର ପ୍ରଚାର ପ୍ରସାର ପାଇଁ ବହୁ ଉଦ୍ୟମ କରିଥିଲେ । ନୀଳମଣିଙ୍କ ସଂପର୍କରେ ଏକ ଉଲ୍ଲେଖନୀୟ କଥା ହେଉଛି, ରାଜନୈତିକ ଜୀବନର ପ୍ରଥମ ବିଧାନସଭା ନିର୍ବାଚନ ତାଙ୍କୁ ଲଢ଼ିବାକୁ ପଡ଼ି ନଥିଲା । ତାଙ୍କ ବିରୋଧରେ କେହି ପ୍ରାର୍ଥୀ ପତ୍ର ଦାଖଲ ନକରିବାରୁ ସେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇ ୧୨ ଜୁଲାଇ ୧୯୪୮ରେ ବିଧାନସଭାର ସଦସ୍ୟ ଭାବେ ଶପଥ ଗ୍ରହଣ କରିଥିଲେ । ୧୯୫୨ରେ ନବକୃଷ୍ଣ ଚୌଧୁରୀ ମନ୍ତ୍ରିମଣ୍ଡଳରେ ସେ ଥିଲେ ଘରୋଇ ବିଭାଗର ଉପମନ୍ତ୍ରୀ; ତତ୍କାଳୀନ କନିଷ୍ଠତମ । ନାନା ବିବାଦୀୟ ପରିସ୍ଥିତିରେ ସକ୍ରିୟ ରାଜନୀତିରୁ ଅବସର ନେବା ପରେ ବନ୍ଧୁ ଓ ଶୁଭକାଂକ୍ଷୀଙ୍କ ଅନୁରୋଧ ଏଡ଼ାଇ ନ ପାରି ନୀଳମଣି ଆତ୍ମଚରିତ ରଚନାରେ ମନ ଦେଇଥିଲେ । ତାଙ୍କ ଆତ୍ମଚରିତ ସ୍ମୃତି ଓ ଅନୁଭୂତିକୁ କେହି କେହି ଓଡ଼ିଶାବାସୀଙ୍କୁ ନୀଳମଣିଙ୍କର ସର୍ବଶ୍ରେଷ୍ଠ ଅବଦାନ ବୋଲି କହନ୍ତି । ତାଙ୍କ ଆତ୍ମଚରିତ ସଂପର୍କରେ ସେ ନିଜେ ଲେଖିଛନ୍ତି... 'ଏହା ମୋର ଜୀବନ ବୃତାନ୍ତ ନୁହେଁ, ଐତିହାସିକ ପ୍ରବାହର ଏକ କ୍ରମିକ ବିବରଣୀ ମଧ ନୁହେଁ । ଏହା କେବଳ ମୋର ସ୍ମୃତି ଓ ଅନୁଭୂତିର ବୃତାନ୍ତ' । ୧୯୨୦ମେ ୨୪ ତାରିଖ ତିହିଡ଼ି ଅନ୍ତର୍ଗତ ମୁକୁନ୍ଦପୁର ଗ୍ରାମରେ ଜନ୍ମ ହୋଇଥିଲେ, ଓଡ଼ିଶାର ଏହି ପୂର୍ବତନ ମୁଖ୍ୟମନ୍ତ୍ରୀ ।

# ଗୋକୁଳାନନ୍ଦ ମହାପାତ୍ର

◆ ବିପିନ ବିହାରୀ ରାଉତ



ଗୋକୁଳାନନ୍ଦ ମହାପାତ୍ର ଜଣେ ଓଡ଼ିଆ ବୈଜ୍ଞାନିକ ଓ ବିଜ୍ଞାନ ଲେଖକ । ୧୯୨୨ ମସିହା ମଇ ୨୪ ତାରିଖରେ ଭଦ୍ରକ ସହର ଅନ୍ତର୍ଗତ କୁଆଁସଠାରେ ସେ ଜନ୍ମ ଗ୍ରହଣ କରିଥିବା ଗୋକୁଳାନନ୍ଦ ନିଜ ଗାଁ ସ୍କୁଲରୁ ପ୍ରାଥମିକ ଶିକ୍ଷା, ନାରାୟଣଚନ୍ଦ୍ର ଓ ଭଦ୍ରକ ହାଇସ୍କୁଲରୁ ମ୍ୟାଟ୍ରିକ ପାସ କରିବା ପରେ ରେଭେନ୍ସା କଲେଜରୁ ରସାୟନ ବିଜ୍ଞାନରେ ବିଏସ୍‌ସି ଏବଂ କଲିକତା ପ୍ରେସିଡେନ୍ସି କଲେଜରୁ ଏମ୍‌ଏସ୍‌ସି ପାସ କରିଥିଲେ । ୧୯୫୮ ମସିହାରେ ସେ ପିଏଚ୍‌ଡ଼ି ହାସଲ କରିଥିଲେ । ୧୯୬୧ ମସିହାରେ ଉଚ୍ଚତର ଗବେଷଣା ପାଇଁ ସେ ଆମେରିକା ଯାଇଥିଲେ । ସେ ବିଜ୍ଞାନ ପ୍ରଚାର ସମିତିର ଜଣେ ସକ୍ରିୟ ସଭ୍ୟ ଭାବେ ଏହାର ପ୍ରସାର ପାଇଁ କାର୍ଯ୍ୟ କରିଥିଲେ । ୨୦୧୦ ମସିହା ମଇ ମାସରେ ଡଃ ଗୋକୁଳାନନ୍ଦ ନିତ୍ୟାନନ୍ଦ ମହାପାତ୍ର ଫାଉଣ୍ଡେସନ ନାମରେ ଏକ ସଂସ୍ଥା ଗଠନ କରି ସେ ସମାଜର ନବଜାତ ଶିଶୁ, ଅସହାୟବୃଦ୍ଧ ଓ ଅନାଥ ଶିଶୁଙ୍କର ଥଇଥାନ ଓ ବିକାଶ ଦିଗରେ କାର୍ଯ୍ୟ କରିଥିଲେ । ବିଜ୍ଞାନ ସମ୍ବନ୍ଧୀୟ ବିଷୟକୁ ନେଇ ସେ ପ୍ରଥମେ ଓଡ଼ିଆରେ ଉପନ୍ୟାସ ଲେଖିଥିଲେ । ବିଜ୍ଞାନକୁ ସାଧାରଣ ଲୋକଙ୍କ ପାଖରେ ପହଂଚାଇବା ଓ ଜନପ୍ରିୟ କରିବା ନିମନ୍ତେ ସରଳ ଓ ସାବଲୀଳ ଭାଷାରେ ସେ ଅନେକ ବିଜ୍ଞାନ ଭିତିକ ଲେଖା ଲେଖିଛନ୍ତି । ସେ ହାଇସ୍କୁଲ ପାଇଁ ବିଭିନ୍ନ ବିଜ୍ଞାନ ଭିତିକ ପୁସ୍ତକ ଲେଖିବା ସହ ଆଇଏସସି ଶ୍ରେଣୀ ପାଇଁ ଇ□ରମିଡ଼ିଏଟ୍ କେମେଷ୍ଟ୍ରି ଲେଖିଥିଲେ । ଏହାଥିଲା ସେତେବେଳେ ଓଡ଼ିଆ ଲେଖକଙ୍କ ଦ୍ୱାରା ପ୍ରଥମ ରସାୟନ ଶାସ୍ତ୍ରର ପାଠ୍ୟପୁସ୍ତକ । ଉଭୟ ଇଂରାଜୀ ଓ ଓଡ଼ିଆ ଭାଷାରେ ସେ ୨୫ରୁ ଅଧିକ ରସାୟନ ବିଜ୍ଞାନରେ ପାଠ୍ୟପୁସ୍ତକ ରଚନା କରିଥିଲେ । ତେବେ ଉଚ୍ଚକୋଟୀର ଗବେଷଣା ପାଇଁ ସେ କୁପର ସ୍ୱର୍ଣ୍ଣପଦକ ହାସଲ କରିଥିଲେ । ଏହା ବ୍ୟତୀତ ସେ ଶାରଳା ପୁରସ୍କାର ଓ ଓଡ଼ିଶା ସାହିତ୍ୟ ଏକାଡ଼େମୀରେ ମଧ ସମ୍ମାନିତ ହୋଇଥିଲେ ।

*ଶ୍ରୀବିହାର କଲୋନୀ, କଟକ: ୯୪୩୭୬୬୬୪୫୩*



◆ଅକ୍ଷୟ କୁମାର ରାଉତ

# ଟିକି ବିପ୍ଳବୀ : ନୀଳମଣି



ପରାଧିନତାର କଳାବାଦଲ ପବିତ୍ର ଭାରତମାତକୁ କରାଏତ କରିଥାଏ । ଉଜ୍ଜ୍ୱଳମାନ ପ୍ରଚଣ୍ଡ ସୂର୍ଯ୍ୟ ରାହୁଗ୍ରସ୍ତ । ପିଡିତ, ଲାଂଛିତ, ନିଷ୍ପେସିତ, ଅବହେଳିତ ଭାରତୀୟମାନଙ୍କର କରୁଣ ଆର୍ତ ଚିତ୍କାର ବିଦେଶୀ ଶାସକଙ୍କ ନିଦକୁ ହଜାଇ ଦେଉଥାଏ । ଲୋକଙ୍କ ମନରେ ସ୍ୱାଧିନତାର ବହ୍ନି ପ୍ରଜ୍ୱୋଳିତ । ଖୋର୍ଦ୍ଧାଗଡ଼ର ପାଇକ ବିଦ୍ରୋହ ସିପାହୀ ବିଦ୍ରୋହ ପରେ ପରେ ଦେଶର ସବୁ ସ୍ଥାନରେ ସ୍ୱାଧୀନତା ସଂଗ୍ରାମ । ଏହିପରି ଏକ ମୂହୁର୍ତରେ ବାଲେଶ୍ୱର (ଭଦ୍ରକ) ଜିଲ୍ଲା ତିହିଡି ଥାନା ଅନ୍ତର୍ଗତ ମୁକୁନ୍ଦପୁର ଗ୍ରାମର ଚନ୍ଦ୍ରଶେଖର ରାଉତରାୟ ଓ ମା' କୋଇଲି ଦେବୀଙ୍କ ଅଷ୍ଟମ ଗର୍ଭରେ ୧୯୨୦ ମସିହା ମଇ ୨୪ ତାରିଖରେ ଏକ ସ୍ୱଚ୍ଛଳ ପରିବାରରେ ଜନ୍ମ ଗ୍ରହଣ କଲେ ମହାନ୍ ବିପ୍ଳବି ଜନନାୟକ ନୀଳମଣି । ଅକାଳରେ ମା'କୁ ହରାଇ ନୀଳମଣି ସାବତ ମା ଓ ବଡ଼ ଭଉଣୀମାନଙ୍କର ଯତ୍ନରେ ବଡ଼ହେଲେ । ପ୍ରାଥମିକ ଶିକ୍ଷା ପାଖ ଗାଁ ଝିଙ୍କିରିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଆରମ୍ଭ ହୋଇଥିଲା । ତା'ପରେ ତାଙ୍କ ଭିଣୋଇଙ୍କ ପାଖରେ ରହି ବାଲେଶ୍ୱର ଜୁବୁଲି ମଧ ଇଂରାଜୀ ସ୍କୁଲରେ ପାଠ ପଢ଼ିଲେ । ତାଙ୍କ ବଡ଼ଭାଇ ହରେକୃଷ୍ଣଙ୍କ ବନ୍ଧୁ ପ୍ରଧାନ ଶିକ୍ଷକ ଉଦୟ ନାରାୟଣ ମହାନ୍ତିଙ୍କ ତତ୍ତ୍ୱାବଧାନରେ ନାରାୟଣଚନ୍ଦ୍ର ମଧ ଇଂରାଜୀ ବିଦ୍ୟାଳୟର ଛାତ୍ରାବାସରେ ରହି ସେ ମାଇନର ପାଠ ଓ ଭଦ୍ରକ ହାଇସ୍କୁଲର ପାଠ ଶେଷ କରିଥିଲେ । ଜନ୍ମରୁ ନୀଳମଣି ଦରଦୀ, ସ୍ୱାଧୀନଚେତା ଓ ପରୋପକାରୀ ଥିଲେ । ବିଦ୍ୟାଳୟରେ ପଢ଼ିବା ସମୟରେ ବିହାରରେ ହୋଇଥିବା ଭୂମିକମ୍ପର ପିଡିତ ମାନଙ୍କ ସାହାଯ୍ୟ ନିମନ୍ତେ ଅର୍ଥ ସଂଗ୍ରହ କରି ପଠାଇଥିଲେ । ୧୯୩୦ ମସିହାରେ ସ୍ୱାଧିନତା ସଂଗ୍ରାମର ଏକ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟ ଥିଲା ଲବଣ ଆନ୍ଦୋଳନ ବା ଦରିଆ ଦଖଲ ଆନ୍ଦୋଳନ । ଏହି ଆନ୍ଦୋଳନ ନୀଳମଣିଙ୍କ ଉପରେ ଗଭୀର ପ୍ରଭାବ ପକାଇଥିଲା । ଝିଙ୍କିରିଆର ସଂଗ୍ରାମୀ ଭାଗବତ ସାହୁଙ୍କୁ ପୋଲିସ୍ ହାତକଡା ପକାଇ ନେବାର ଦୃଶ୍ୟ ନୀଳମଣିଙ୍କ ମନରେ ଗଭୀର ରେଖାପାତ କଲା । ସେ ବିଦେଶୀ ଶାସନ ବିରୁଦ୍ଧରେ ସ୍ୱର ଉତୋଳନ କଲେ । ସାଙ୍ଗମାନଙ୍କୁ ଧରି ଗାଁ ପଡିଆରେ ଲୁଣମାରି ଲୁଣ ପୁଡିଆଙ୍କୁ ଗାଁ ଗାଁ ବୁଲି ବାଂଟିଲେ । ଗାନ୍ଧିଙ୍କ ଡାକରାରେ କଂଗ୍ରେସର ନିଶାନିବାରଣ କାର୍ଯ୍ୟକ୍ରମରେ ଯୋଗ ଦେଉଥିବା ସମସ୍ତ କଂଗ୍ରେସ କର୍ମୀମାନଙ୍କୁ ପୋଲିସ୍ ଗିରଫ କରି ଭଦ୍ରକ ପର୍ଯ୍ୟନ୍ତ ଚଲାଇ ଚଲାଇ ନେଲେ । ନୀଳମଣି ତାଙ୍କର ସହଯୋଗୀ ବାନରସେନାଙ୍କୁ ଧରି ସତ୍ୟାଗ୍ରହୀ କର୍ମୀମାନଙ୍କ ପଛେ ପଛେ ଧ୍ୱନି ଦେଇ ନଅ ମାଇଲ ବାଟ ଚାଲି ଚାଲି ଯିବାରୁ ପୋଲିସ୍ ନୀଳମଣିଙ୍କୁ ଗିରଫ କରି ନେଇ ଭଦ୍ରକ ଜେଲକୁ ସତ୍ୟାଗ୍ରହୀ ମାନଙ୍କ ସହିତ ପଠାଇଦେଲା । ଗାଁରୁ ବାପା ଓ କଲିକତାରୁ ଭାଇ ଆସି ଭଦ୍ରକରେ ପହଁଚିଲେ । ୧୦ ଦିନ ଜେଲଦଣ୍ଡ ଭୋଗିବା ପରେ ହାକିମ ନୀଳମଣିଙ୍କୁ ଛୋଟ ପିଲା ହୋଇଥିବାରୁ ଖଲାସ୍ କରି ଦେଲେ । ଭଦ୍ରକ ସହରର କୁଆଁସ ପଡିଆରେ ଗୋଟିଏ କଂଗ୍ରେସ ସଭାକୁ ମାଜିଷ୍ଟ୍ରେଟ ନିଷିଦ୍ଧ ଘୋଷଣା କରି ସହରରେ ୧୪୪ ଧାରା ଜାରି କଲେ । ନୀଳମଣି ସ୍କୁଲ ପରେ କିଛି ସାଙ୍ଗସାଥୀଙ୍କୁ ଧରି କୁଆଁସ ପଡ଼ିଆକୁ ଚାଲିଲେ । ସେଠାରେ ଦେଖିଲେ ବହୁ ଲୋକ ଅଛନ୍ତି କିନ୍ତୁ କେହି ନେତା ନଥିବାରୁ ସଭାକାର୍ଯ୍ୟ ହୋଇ ପାରିଲା ନାହିଁ । ଛାତ୍ରମାନେ ନୀଳମଣିଙ୍କୁ ସଭାପତି ପରି ସଭାକାର୍ଯ୍ୟ ଚଳାଇଲେ । ପୋଲିସ୍ ଫଉଜ ଆସି ସବୁ ଛାତ୍ରଙ୍କୁ ଗିରଫ କରିନେଲେ । ଗିରଫ ଛାତ୍ରଙ୍କ ମଧ୍ୟରେ ଥିଲେ ମାଜିଷ୍ଟ୍ରେଟଙ୍କ ପୁଅ । ତେଣୁ ମାଜିଷ୍ଟ୍ରେଟ ନିଜେ ଥାନାକୁ ଆସି ସବୁ ପିଲାଙ୍କୁ ଛାଡି ଦେଇ କେବଳ ନୀଳମଣିଙ୍କୁ ଜେଲ ପଠାଇ ଦେଲେ । ନୀଳମଣିଙ୍କ ବାପା ଓ ଭାଇ ଆସି ମୁଚାଲିକା ଲେଖି ନୀଳମଣିଙ୍କୁ ଖଲାସ କରାଇଲେ । ୧୯୩୪ ମସିହାରେ ଗାନ୍ଧିଜୀ ହରିଜନ ପଦଯାତ୍ରା କରି ଭଦ୍ରକର ସାଳନ୍ଦୀ ନଦୀକୂଳରେ ଜୀବରାମଜୀଙ୍କ ଆଶ୍ରମରେ ରହିବା ସମୟରେ ନୀଳମଣିଙ୍କୁ ମିଳିଗଲା ଗାନ୍ଧିଜୀଙ୍କୁ ତାଳପତ୍ର ପଙ୍ଖାରେ ବିଂଚିବାର ସୁଯୋଗ । ପ୍ରଥମ ଥର ଗାନ୍ଧୀଙ୍କ ସଂସ୍ପର୍ଶରେ ଆସିବାରୁ ସେ ନିଜକୁ ଭାଗ୍ୟବାନ୍ ବୋଲି ମନେ କଲେ । ସେହି ଦିନଠାରୁ ସ୍ୱାଧୀନତା ଆନ୍ଦୋଳନ କାର୍ଯ୍ୟକ୍ରମରେ ସକ୍ରିୟ ଅଂଶ ଗ୍ରହଣ କରୁଥିଲେ । ଜାନୁଆରୀ ୨୬ ତାରିଖ ଦିନ ଘରେ ଘରେ ତ୍ରିରଙ୍ଗ ପତାକା ଉଡାଇବାକୁ କଂଗ୍ରେସ ପକ୍ଷରୁ ସ୍ଥିର କରାଗଲା । ଭଦ୍ରକ ହାଇସ୍କୁଲକୁ ଲାଗି ଦେଓ୍ୱାନୀ ଅଦାଲତ କୋଠାରେ ସରକାରୀ ପତାକା ବଦଳରେ କଂଗ୍ରେସର ତ୍ରିରଙ୍ଗା ପତାକା ଉଡୁଥିବା ଦେଖାଗଲା । ଚାରିଆଡେ ଚହଳ ପଡିଗଲା । ଟିକି ବିପ୍ଳବୀ ନୀଳମଣିର ଏ କାମ । ସରକାରୀ ମହଲରେ ନୀଳମଣି ପତାକା ଉଡାଇଥିବା ସନ୍ଦେହ କରାଯାଇ ଛାତ୍ରାବାସରେ ଖାନତଲାସ୍ ହେଲା । ମାତ୍ର ପୋଲିସ୍ କିଛି ଟେର୍ ପାଇନଥିଲା । ଟିକି ବିପ୍ଳବୀ ନୀଳମଣି ୧୯୩୬ ମସିହାରେ ଭଦ୍ରକ ହାଇସ୍କୁଲରୁ ମାଟ୍ରିକ ପାସ୍ କରି ରେଭେନ୍ସା କଲେଜରେ ବି.ଏ. ଶ୍ରେଣୀରେ ନାମ ଲେଖାଇ ଇଷ୍ଟ୍ ହଷ୍ଟେଲରେ ରହି ପାଠପଢ଼ିଲେ । ସେ ସମୟରେ ଡଃ ପ୍ରାଣକୃଷ୍ଣ ପରିଜା ଥାଆନ୍ତି ରେଭେନ୍ସା କଲେଜର ଅଧ୍ୟକ୍ଷ । ନୀଳମଣି ଛାତ୍ର ଅବସ୍ଥାରେ ପ୍ରଦେଶ କଂଗ୍ରେସ କର୍ମକର୍ତା ମାନଙ୍କ ସହିତ ଭଲ ସଂପର୍କ ରଖି କଂଗ୍ରେସ ଦଳର ସ୍ୱେଚ୍ଛାସେବକ ଭାବେ ସବୁ ସଭାସମିତିରେ ଯୋଗ ଦେଉଥିଲେ । ନୀଳମଣି ଦାବି କଲେ ଯେ, ଛାତ୍ର ୟୁନିୟନର ସଭାପତି ଅଧ୍ୟକ୍ଷ ନହୋଇ ଛାତ୍ରମାନଙ୍କ ମଧ୍ୟରୁ ନିର୍ବାଚିତ ହେବା ଉଚିତ୍ । ପରିଶେଷରେ ଛାତ୍ରମାନେ ନିର୍ବାଚନ ମାଧ୍ୟମରେ ୟୁନିୟନର ସଭାପତି ଓ କର୍ମକର୍ତା ନିର୍ବାଚନ କଲେ । ମନମୋହନ ମିଶ୍ର ରେଭେନ୍ସା କଲେଜ ଛାତ୍ର ୟୁନିୟନର ପ୍ରଥମ ସଭାପତି ଭାବେ ନିର୍ବାଚିତ ହେଲେ । ୧୯୩୮ ମସିହାରେ ଟିକି ବିପ୍ଳବୀ ଛାତ୍ରସଂଘର ସଂପାଦକ ଭାବେ ଧର୍ମଘଟ, ଧାରଣା, ସଭା ଓ ଶୋଭାଯାତ୍ରା ଆୟୋଜନ କରିଥିଲେ । ଗୋରା ଅଧ୍ୟକ୍ଷକଙ୍କ ଆଦେଶକୁ ଅମାନ୍ୟ କରି ନୀଳମଣି ଛାତ୍ରମାନଙ୍କୁ ଧରି କଟକ ମେଡିକାଲ ସ୍କୁଲ କୋଠା ଉପରେ ଜାତୀୟ ପତାକା ଉତୋଳନ କଲେ । ସେ ସମୟରେ ଆଇନ କଲେଜ ରେଭେନ୍ସା କଲେଜରେ ଚାଲୁଥିଲା । ଆଇନ କଲେଜର ଅଧ୍ୟକ୍ଷ ଜେ.ଏନ୍. ବାନାର୍ଜୀ ତାଙ୍କର ସ୍ୱତନ୍ତ୍ର କ୍ଷମତା ଅଧିକାର ପଦ ମର୍ଯ୍ୟାଦା ସଂପର୍କରେ ସରକାରକୁ ଜଣାଇଲେ । ସରକାର ଗ୍ରହଣ ନକରିବାରୁ ବାନାର୍ଜୀ ଅଧ୍ୟକ୍ଷ ପଦରୁ ଇସ୍ତଫା ଦେଇଦେଲେ । ବାନାର୍ଜୀଙ୍କୁ ସମର୍ଥନ କରି ଛାତ୍ରସଂଘ ଧର୍ମଘର ଆରମ୍ଭ କଲେ । ଏହି ଧର୍ମଘଟର ନେତୃତ୍ୱ ନୀଳମଣି ନିଜେ ନେଇ ଆଇନ କଲେଜ ଅଧ୍ୟକ୍ଷଙ୍କୁ ସ୍ୱତନ୍ତ୍ର ମର୍ଯ୍ୟାଦା ଦେବାପାଇଁ ଦାବି କରିଥିଲେ । ହରେକୃଷ୍ଣ ମହତାବଙ୍କ ମଧ୍ୟସ୍ଥତାରେ ଛାତ୍ର ପ୍ରତିନିଧିମାନେ ପ୍ରଧାନମନ୍ତ୍ରୀ ବିଶ୍ୱନାଥ ଦାସଙ୍କ ସହ ଆଲୋଚନା କରି ବିଫଳ ହେଲେ । ଛାତ୍ର କ୍ରିୟାନୁଷ୍ଠାନ କମିଟି ଓ ଛାତ୍ରସଂଘର ମିଳିତ ଧର୍ମଘଟ ଅନ୍ୟ କଲେଜକୁ ବ୍ୟାପିଲା । ଛାତ୍ରମାନଙ୍କ ଉପରେ ଦଣ୍ଡମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲା । ଛାତ୍ରମାନଙ୍କୁ ଜେଲରୁ ଖଲାସ ଓ ସେମାନଙ୍କ ବିରୁଦ୍ଧରେ ଥିବା ମୋକଦ୍ଦମା ନ ଉଠାଇବା ପର୍ଯ୍ୟନ୍ତ ଧର୍ମଘଟ ଓ ଆନ୍ଦୋଳନ ଚାଲୁ ରହିଲା । ଶେଷରେ ସରକାର ଛାତ୍ରମାନଙ୍କ ଦାବିଗୁଡିକୁ ଗ୍ରହଣ କଲାପରେ ଆନ୍ଦୋଳନ ବନ୍ଦ ହୋଇଥିଲା । ନୀଳମଣି ଛାତ୍ର ଆନ୍ଦୋଳନରେ ବହୁବାର ଜେଲ ଯାଇଥିଲେ । ୧୯୪୦ ମସିହା ଜାନୁଆରୀ ୨୬ ତାରିଖକୁ ସ୍ୱାଧୀନତା ଦିବସ ରୂପେ ପାଳନ କରିବା ପାଇଁ ଜାତୀୟ କଂଗ୍ରେସ ପକ୍ଷରୁ ସ୍ଥିର ହୋଇଥିଲା । ଏହି ସ୍ୱାଧୀନତା ଦିବସ ପାଳନ ପାଇଁ ଅଧ୍ୟକ୍ଷ ଡଃ. ପ୍ରାଣକୃଷ୍ଣ ପରିଜା ଅନୁମତି ଦେଇନଥିଲେ । ଛାତ୍ରନେତା ନୀଳମଣି ଓ ବିବୁଧେନ୍ଦ୍ର ମିଶ୍ରଙ୍କ ସହିତ ଅନ୍ୟ ଛାତ୍ରମାନେ ମହାସମାରୋହରେ ସ୍ୱାଧୀନତା ଦିବସ ପାଳନ କଲେ । ସଭାପତି ଭାବେ ନୀଳମଣି ଜାତୀୟ ପତାକା ଉତୋଳନ କଲେ । ନୀଳମଣି ଭାରତମାତାଙ୍କୁ ବିଦେଶୀ ଶାସନ କବଳରୁ ମୁକ୍ତ କରିବା ପାଇଁ ଆହ୍ୱାନ କରିଥିଲେ । ଏହାପରେ ଛାତ୍ରମାନଙ୍କ ଉପରେ ପୋଲିସ୍‌ର ଦମନ ଲୀଳା ଆରମ୍ଭ ହୋଇଗଲା । ବହୁ ଛାତ୍ର ଗିରଫ ହେଲେ । ନୀଳମଣି ଓ ବିବୁଧେନ୍ଦ୍ର ଉପରେ ୨୫ ଟଙ୍କା ଲେଖାଁଏ ଜୋରିମାନା ଓ କ୍ଷମା ପ୍ରାର୍ଥନା କରିବାକୁ ଅଧ୍ୟକ୍ଷ ପରୱାନ ଜାରି କଲେ । ଛାତ୍ରସଂଘ ଅନ୍ୟାୟ ଆଦେଶର ପ୍ରତିବାଦ କରି ଆନ୍ଦୋଳନ କରିବା ଓ ପରୀକ୍ଷା ବର୍ଜନ କରିବା ପାଇଁ ନିଷ୍ପତି ନେଲା । ରେଭେନ୍ସା କଲେଜ ପୋଲିସ୍ ଛାଉଣୀରେ ପରିଣତ ହେଲା । ବହୁ ଛାତ୍ର ଗିରଫ ହେଲେ । ଛାତ୍ରମାନେ ରାତିରେ ନିଜ ଜିନିଷପତ୍ର ମୁଣ୍ଡରେ ଧରି ଶୋଭାଯାତ୍ରା କରି ବାହାରି ଯିବା ସମୟରେ ପୋଲିସ୍ କଟକ ଜେଲଖାନା ନିକଟରେ ଛାତ୍ରମାନଙ୍କୁ ଗିରଫ କରିନେଲା । ନୀଳମଣି ଏକ ନାରୀ ବେଶରେ ପୋଲିସ୍‌କୁ ଚକ୍‌ମା ଦେଖାଇ ଖସିଗଲେ । ପରେ ନୀଳମଣି ଓ ବିଜୟ ଚନ୍ଦ୍ର ଦାସ ଗିରଫ ହୋଇ ଦଶ ଦିନ ଜେଲ୍‌ରେ ରହିଲେ । କେତେକ ବିଶିଷ୍ଟ ବ୍ୟକ୍ତି ସେମାନଙ୍କୁ ଜାମିନ୍‌ରେ ଆଣିଥିଲେ । ନୀଳମଣି ରେଭେନ୍ସା କଲେଜ ଓ ପାଟଣା ବିଶ୍ୱବିଦ୍ୟାଳୟରୁ ବହିଷ୍କାର ହେବାପରେ ଶେଷର ଡଃ. ଶ୍ୟାମପ୍ରସାଦ ମୁଖାର୍ଜୀଙ୍କ ଉଦ୍ୟମରେ ବିଦ୍ୟାସାଗର କଲେଜର ଚତୁର୍ଥ ବର୍ଷରେ ନାମ ଲେଖାଇଲେ । ବିଦ୍ୟାସାଗର କଲେଜରେ ଏକ ଛାତ୍ର ଧର୍ମଘଟ ହୋଇଥିଲା ସେଥିରେ ନୀଳମଣି ନେତୃତ୍ୱ ନେଇଥିଲେ । ଏହି ସମୟରେ ନେତାଜୀ ସୁବାଷ ଚନ୍ଦ୍ର ବୋଷ ନୀଳମଣିଙ୍କୁ ଡକାଇ ଓଡିଶାରେ କିପରି ଫରୱାର୍ଡ ବ୍ଲକ୍ ସଂଗଠିତ ହେବ ସେ ବିଷୟରେ ଆଲୋଚନା କରିଥିଲେ । ନୀଳମଣି ବିଦ୍ୟାସାଗର କଲେଜରୁ କୃତିତ୍ୱର ସହ ବି.ଏ. ପାଶ୍‌କରି ବନାରସ୍ ବିଶ୍ୱବିଦ୍ୟାଳୟରେ ଏମ୍.ଏ. ଓ ଆଇନ ଶ୍ରେଣୀରେ ନାମ ଲେଖାଇଲେ । ସେ ସମୟରେ ଡଃ. ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍ ବନାରସ୍ ବିଶ୍ୱବିଦ୍ୟାଳୟର ପ୍ରୋ-ଚାନ୍‌ସେଲର ଥିଲେ । ନୀଳମଣି ବିରଳା ଛାତ୍ରାବାସରେ ରହି ଆଇନ କଲେଜର ଅଧ୍ୟକ୍ଷ ଶ୍ରୀ ସୁବ୍ରମଣ୍ୟମ୍ ଓ ରାଜନୀତି ବିଜ୍ଞାନର ମୁଖ୍ୟ ଶ୍ରୀମୁକୁଟ ବିହାରି ଲାଲ୍‌ଙ୍କ ତତ୍ତ୍ୱାବଧାନରେ ପଢ଼ାପଢ଼ି କରୁଥିଲେ । ସେ ସମୟରେ ଭାରତୀୟ ଛାତ୍ରସଂଘର କର୍ମକର୍ତାମାନଙ୍କ ସହ ଭଲ ସଂପର୍କ ରଖିଥିଲେ । ରାଜ ନାରାୟଣ ଓ କେଦାର ପାଣ୍ଡଙ୍କ ସହ ମଧ ତାଙ୍କର ସୁସମ୍ପର୍କ ଥିଲା । ୧୯୪୧ ଜୁନ୍ ୨୨ ତାରିଖରେ ଜର୍ମାନୀ ଋଷ ଉପରେ ଆକ୍ରମଣ କରିବାରୁ ଏହାକୁ ଜନଯୁଦ୍ଧର ଆଖ୍ୟାଦେଲେ । ୧୯୪୨ ମସିହା ପାଟଣାଠାରେ ନିଖିଳ ଭାରତ ଛାତ୍ରସଂଘର ଏକ ଅଧିବେଶନ ବସିଲା । ଏଥିରେ ଓଡିଶାରୁ ସାମ୍ୟବାଦୀ ଛାତ୍ରନେତା ବିଜୟଚନ୍ଦ୍ର ଦାସ, ଗଙ୍ଗାଧର ରଥ, ଦୁର୍ଗାଚରଣ ମହାନ୍ତି ଓ ନୀଳମଣି ବନାରସ୍ ହିନ୍ଦୁ ବିଶ୍ୱବିଦ୍ୟାଳୟର ପ୍ରତିନିଧି ଭାବରେ ଯୋଗଦେଇଥିଲେ । ଛାତ୍ର ସଂଘ ସମ୍ମିଳନୀରେ ଜନଯୁଦ୍ଧ ପ୍ରସ୍ତାବକୁ ନୀଳମଣି ଘୋର ବିରୋଧ କରିଥିଲେ । ୧୯୪୨ ଅଗଷ୍ଟ ଆଠ ତାରିଖରେ ବମ୍ବେଠାରେ ଜାତୀୟ କଂଗ୍ରେସ 'ଭାରତଛାଡ଼' ପ୍ରସ୍ତାବ ଗ୍ରହଣ କରିଥିଲା । ବନାରସ୍‌ରେ ଛାତ୍ରମାନଙ୍କର ଏକ ଜରୁରୀ ବୈଠକ ବସି 'ଭାରତ ଛାଡ' ଆନ୍ଦୋଳନ କରାଯିବ ସ୍ଥିର ହେଲା । ନୀଳମଣିଙ୍କ ସହିତ ସମାଜବାଦୀ ଛାତ୍ରନେତା ରାଜନାରାୟଣ ଓ କେଦାର ପାଣ୍ଡେ ଛାତ୍ରମାନଙ୍କର ନେତୃତ୍ୱ ନେଇଥିଲେ । ନୀଳମଣି ଗିରଫ ହେବା ପୂର୍ବରୁ ଛାତ୍ରାବାସରୁ ଖସି ପଳାଇଲେ । ବନାରସରୁ ନୀଳମଣିଙ୍କୁ ବହିଷ୍କାର କରିବା ପାଇଁ ଡିଭିଜନାଲ କମିଶିନର ଆଦେଶ ଜାରି କରିଥିଲେ । ନୀଳମଣି ଲୁଚି ଛପି ଛାତ୍ରନେତାମାନଙ୍କ ସହ ବନାରସରେ 'ଭାରତ ଛାଡ' ଆନ୍ଦୋଳନକୁ ଆଗେଇନେବାର ପ୍ରଚେଷ୍ଟା ଜାରିରଖିଲେ । ବାଲେଶ୍ୱର ଜିଲ୍ଲା କଂଗ୍ରେସ କମିଟିର ସଭାପତି ମହମ୍ମଦ ହନିଫଙ୍କ ଠାରୁ ଭଦ୍ରକ ଆସି ଆନ୍ଦୋଳନରେ ସାହାର୍ଯ୍ୟ କରିବା ପାଇଁ ଖଣ୍ଡେ ଚିଠି ପାଇଲେ । ତେଣୁ ଲୁଚି ଛପି ଆସି ନିଜ ଗାଁରେ ପହଁଚିଲେ । କଂଗ୍ରେସ କର୍ମୀ ଓ ସମର୍ଥକମାନଙ୍କ ସଙ୍ଗେ ନୀଳମଣି ସଂପର୍କ ରଖି ଭାରତଛାଡ ଆନ୍ଦୋଳନକୁ ସକ୍ରିୟ କରିବାରେ ଲାଗିପଡିଲେ । ପୀରହାଟ, ତିହିଡି ପ୍ରଭୃତି ସ୍ଥାନରେ ଗୁପ୍ତ ବୈଠକ କରି ଭଦ୍ରକ - ବାନ୍ଧବାଲି ଟେଲିଫୋନ ଯୋଗାଯୋଗ ଓ ଡାକ ଚଳାଚଳ ବ୍ୟବସ୍ଥା ସଂପୂର୍ଣ୍ଣ ଅଚଳ କରି ଦିଆଗଲା । ନୀଳମଣି ଉହଁରା ଗାଁରେ ଲୁଚିକରି ଆଶ୍ରୟ ନେଲେ । ପାଣି କାଦୁଅରେ ବୁଲିବୁଲି ଭିନ୍ନ ଭିନ୍ନ ଗାଁକୁ ଗଲେ । କର, ଟିକସ, ଖଜଣା, ସରକାରଙ୍କୁ ନ ଦେବା ପାଇଁ ମତାଇଲେ । ନୀଳମଣି ଲୁଚିକରି ବିଲ ରାସ୍ତାରେ ଗାଁ କୁ ଗାଁ ବୁଲିବା ସମୟରେ ତାଙ୍କ ଗୋଡ କଟିଗଲା । ସେ ଅସୁସ୍ଥ ହୋଇପଡିଲେ । ତାଙ୍କ ଭାଇ ଖବର ପାଇ ଗାଁକୁ ନେଇଗଲେ । ପୋଲିସ୍ ଖବର ପାଇ ଅତର୍କିତ ଭାବେ ଘର ଉପରେ ଚଢ଼ାଉ କଲେ ଓ ନୀଳମଣିଙ୍କୁ ଗିରଫ କରିନେଲେ । ବିଚାରରେ ତାଙ୍କୁ ୧ ବର୍ଷ ଅଶ୍ରମ କାରାଦଣ୍ଡ ଦିଆଗଲା । ଅନ୍ୟ ବନ୍ଦୀମାନଙ୍କ ସହିତ ନୀଳମଣିଙ୍କୁ ହାତକଡି ଓ ଅଂଟାରେ ଦଉଡି ବାନ୍ଧି ଭଦ୍ରକ ଜେଲ୍‌ରୁ ରେଲଷ୍ଟେସନ୍ ପର୍ଯ୍ୟନ୍ତ ଚଲାଇ ଚଲାଇ ନିଆଗଲା । ବାଲେଶ୍ୱର ଜେଲରେ ନୀଳମଣି ଉଚ୍ଚ ଶ୍ରେଣିର ବନ୍ଦୀ ରୂପେ ରାଜନେତା ମାନଙ୍କ ସହିତ ରହିଲେ । ୧୯୪୩ ମସିହା ଅଗଷ୍ଟ ୧୭ ତାରିଖରେ ନୀଳମଣି ଖଲାସ୍ ହେଲେ ପୋଲିସ୍ ଆସିଲା ବେଳକୁ ନୀଳମଣି ଚମ୍ପଟ୍ । ରାତିରେ ଚାଲି ଚାଲି ଆଠ ମାଇଲ ଦୂର ହଳଦୀପଦା ଷ୍ଟେସନରୁ ରେଲଯୋଗେ କଲିକତା ଚାଲିଗଲେ । ଭାଇଙ୍କ ପାଖରେ ରହି ଆଇନ୍ ଶ୍ରେଣୀରେ ନାମ ଲେଖାଇ ପଢ଼ିଲେ ଓ ପାସ୍ କଲେ । ୧୯୪୭ରେ ଡିଗ୍ରୀ ହାସଲ କରି ନୀଳମଣି କଟକରେ ରାଜକିଶୋର ଦାସଙ୍କର ଜୁନିୟର ଓକିଲ ଭାବେ କାମ ଆରମ୍ଭ କଲେ । ପ୍ରଜାତନ୍ତ୍ରର ମୁଖ୍ୟ ପରିଚାଳକ ଭାବେ ଦାୟିତ୍ୱ ଗ୍ରହଣ କଲେ । ତାଙ୍କ ଚେଷ୍ଟାରେ ପ୍ରଜାତନ୍ତ୍ର ଏକ ଟ୍ରଷ୍ଟରେ ପରିଣତ ହେଲା । ସେ ଜଣେ ଟ୍ରଷ୍ଟି ରହିଲେ । ନୀଳମଣି ସୋରୋ ବିଧାନସଭା ଆସନରୁ ନିର୍ବାଚିତ ହୋଇ ୧୯୪୮ ମସିହା ଜୁଲାଇ ୧୨ ତାରିଖ ଦିନ ଏଗାରଟା ବେଳେ ଓଡିଶା ବିଧାନସଭାରେ ସଦସ୍ୟଭାବେ ଶପଥ ନେଇ ଥିଲେ । ବାଚସ୍ପତି ଲାଲ୍ ମୋହନ ପଟ୍ଟନାୟକ ନୀଳମଣିଙ୍କୁ ଶପଥ ପାଠ କରାଇଥିଲେ । ୧୯୪୯ ମସିହାରେ ନୀଳମଣି ନଳିନୀ ଦେବୀଙ୍କୁ ଭଲ ପାଇ ବୈଦିକ ରୀତିରେ ନିରାଡମ୍ବର ଭାବେ ବିବାହ କରିଥିଲେ । ନଳୀନୀ ଦେବୀଙ୍କର ଓଡିଆ, ବଙ୍ଗଳା, ଓ ହିନ୍ଦି ସାହିତ୍ୟରେ ବିଶେଷ ଦଖଲ ଥିଲା । ତାଙ୍କ ସଂପାଦନାରେ 'ମରୁତୀର୍ଥ' ନାମକ ମାସିକ ପତ୍ରିକା ପ୍ରକାଶିତ ହେଉଥିଲା । ୧୯୫୦ ଜୁଲାଇ ୨୮ରେ ତାଙ୍କର ଏକମାତ୍ର ପୁତ୍ର ବିଜୟଶ୍ରୀ ରାଉତରାୟ ଜନ୍ମ ହୋଇଥିଲା । ୧୯୫୨ରେ ନୀଳମଣି ଧାମନଗର ନିର୍ବାଚନ ମଣ୍ଡଳୀରୁ କଂଗ୍ରେସ ପ୍ରାର୍ଥଭାବେ ବିଜୟ ଲାଭ କରି, ନବକୃଷ୍ଣ ଚୌଧୁରୀଙ୍କ ମନ୍ତ୍ରୀମଣ୍ଡଳରେ ଉପମନ୍ତ୍ରୀ ଭାବେ ଫେବୃୟାରୀ ୨୦ ତାରିଖରେ ଶପଥ ଗ୍ରହଣ କରିଥିଲେ । ୧୯୫୨ରୁ ୧୯୫୭ ପର୍ଯ୍ୟନ୍ତ ଘରୋଇ ବିଭାଗର ଉପମନ୍ତ୍ରୀ ରହି ଦକ୍ଷତାର ପରିଚୟ ଦେଇଥିଲେ । ୧୯୫୭ରେ ନୀଳମଣି ଚାନ୍ଦବାଲି ନିର୍ବାଚନ ମଣ୍ଡଳୀରୁ ବିଜୟ ଲାଭକରି ହରେକୃଷ୍ଣ ମହତାବଙ୍କ ମିଳିତ ମନ୍ତ୍ରିମଣ୍ଡଳରେ ଯୋଗାଣ, ପରିବହନ ଓ ଶ୍ରମ ବିଭାଗର କ୍ୟାବିନେଟ୍ ମନ୍ତ୍ରୀଭାବେ ଦାୟିତ୍ୱ ଗ୍ରହଣ କରିଥିଲେ । ୧୯୫୯ରେ ମନ୍ତ୍ରିମଣ୍ଡଳ ସଂପ୍ରସାରିତ ହେଲା । ନୀଳମଣି ସେଥିରେ ଯୋଗାଣ ଓ ବାଣିଜ୍ୟ ବିଭାଗର କ୍ୟାବିନେଟ ମନ୍ତ୍ରୀ ହେଲେ । ୧୯୬୧ରେ ବିଜୁ ପଟ୍ଟନାୟକଙ୍କ ମନ୍ତ୍ରିମଣ୍ଡଳରେ ନୀଳମଣି ଘରୋଇ, ବାଣିଜ୍ୟ, ଶ୍ରମ ଓ ଯୋଗାଣ ବିଭାଗର କ୍ୟାବିନେଟ ମନ୍ତ୍ରୀ ହେଲେ । କାମରାଜ ଯୋଜନାରେ ବିଜୁ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ପଦରୁ ଗଲେ । ୧୯୬୩ ଅକ୍ଟୋବର ଦୁଇ ତାରିଖରେ ବୀରେନ୍ ମିତ୍ର ମୁଖ୍ୟମନ୍ତ୍ରୀ ହେଲେ । ଏହି ମନ୍ତ୍ରୀମଣ୍ଡଳରେ ନୀଳମଣି ରାଜନୈତିକ ଓ ପ୍ରଶାସନ, ଘରୋଇ, ଶ୍ରମ ଓ ଯୋଗାଣ ବିଭାଗର କ୍ୟାବିନେଟ୍ ମନ୍ତ୍ରୀ ହେଲେ । ୧୯୬୭ରେ ନୀଳମଣି ପ୍ରଦେଶ କଂଗ୍ରେସର ସଭାପତି ଭାବେ ଚାରିବର୍ଷ ରହିଲେ । ୧୯୭୧ ମସିହାରେ ବାସୁଦେବପୁର ନିର୍ବାଚନ ମଣ୍ଡଳୀରୁ ନିର୍ବାଚିତ ହୋଇ ଘରୋଇ, ଖଣି ଓ ଭୂତତ୍ତ୍ୱ, ଯୋଗାଣ ବିଭାଗର ମନ୍ତ୍ରୀ ରହିଲେ । ନନ୍ଦିନୀ ଶତପଥୀଙ୍କ ମନ୍ତ୍ରୀମଣ୍ଡଳରେ ସେ ଉପମୁଖ୍ୟମନ୍ତ୍ରୀ ଭାବେ କାର୍ଯ୍ୟ କରିଥିଲେ । ୧୯୭୬ରେ ସେ ରାଜ୍ୟସଭା ସଦସ୍ୟ ଭାବେ ରହିଥିଲେ । କେନ୍ଦ୍ରରେ ଜନତା ସରକାର ଗଠିତ ହେବାପରେ ଓଡିଶା ସମେତ ୯ ଟି ରାଜ୍ୟର କଂଗ୍ରେସ ସରକାରଙ୍କୁ ଭାଙ୍ଗି ଦିଆଗଲା । ମଧ୍ୟବର୍ତୀକାଳୀନ ନିର୍ବାଚନ କରାଗଲା । ବାସୁଦେବପୁର ନିର୍ବାଚନ ମଣ୍ଡଳୀରୁ ପ୍ରାର୍ଥୀ ହୋଇ ନୀଳମଣି ବିଜୟ ଲାଭ କଲେ । ୧୯୭୭ ଜୁନ୍ ୨୬ ତାରିଖରେ ନୀଳମଣି ରାଉତରାୟ ଓଡିଶାର ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କଲେ । ୧୯୮୯ ନିର୍ବାଚନରେ ପୁରୀ ଲୋକସଭା ଆସନରୁ ନିର୍ବାଚିତ ହୋଇ ଭି.ପି. ସିଂହଙ୍କ ମନ୍ତ୍ରୀମଣ୍ଡଳରେ ପ୍ରଥମେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଓ ପରେ ଜଙ୍ଗଲ ଓ ପରିବେଶ ବିଭାଗର କ୍ୟାବିନେଟ ମନ୍ତ୍ରୀ ହୋଇ ଥିଲେ । ନୀଳମଣି ରାଉତରାୟ ପିଲା ବେଳରୁ ଛୋଟ ବିପ୍ଳବୀ ଭାବେ ସ୍ୱାଧିନତା ଆନ୍ଦୋଳନରେ ଯୋଗ ଦେଇ ଓଡିଶାର ରାଜନୀତିରେ ଷାଠିଏ ବର୍ଷରୁ ଅଧିକ କାଳ ଜଡିତ ଥିଲେ । ସେ ବିଧାୟକରୁ ସାସଂଦ, ଉପମନ୍ତ୍ରୀରୁ ମନ୍ତ୍ରୀ, ଉପମୁଖ୍ୟ ମନ୍ତ୍ରୀରୁ ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ରମନ୍ତ୍ରୀ ଭାବେ ଆସନ ଅଳଙ୍କୃତ କରି ସେ ଜଣେ ଖ୍ୟାତନାମା ସମାଜସେବୀ, ସାମ୍ବାଦିକ, ରାଜନିତିଜ୍ଞ ଓ ପ୍ରଶାସକ ଭାବେ ଉଭା ହୋଇଥିଲେ । ତାଙ୍କର ସରଳ ଓ ନମ୍ର ବ୍ୟବହାର ପାଇଁ ସେ ଜନସାଧାରଣଙ୍କର ସ୍ନେହ ଓ ଶ୍ରଦ୍ଧା ଲାଭ କରିଥିଲେ । ଶେଷ ସମୟରେ ଲେଖା ପଢ଼ାରେ ସମୟ ଅତିବାହିତ କରିଥିଲେ । ଏହି ମହାନ୍ ଜନନାୟକ ୨୦୦୪ ମସିହା ଅକ୍ଟୋବର ମାସ ୪ ତାରିଖ ଦିନ ଇହଲିଳା ସମ୍ବରଣ କରିଥିଲେ ।

*ପାରାଦ୍ୱୀପଗଡ଼, କୁଜଙ୍ଗ, ଜଗତ୍‌ସିଂହପୁର,ମୋ : ୯୯୩୭୬୯୧୪୭୫*

## ଶୁଭ ଜନ୍ମ ଦିନ ଅବସରରେ

# ବଚ୍ଛେନ୍ଦ୍ରୀ ପାଲ

◆ ବାଦଲ ଭୂୟାଁ



ବଚ୍ଛେନ୍ଦ୍ରୀ ପାଲ ଏଭେରେଷ୍ଟ ଶୃଙ୍ଗରେ ପାଦ ଥାପିଥିବା ପ୍ରଥମ ଭାରତୀୟ ମହିଳା । ସେ ଏହି ସଫଳତା ହାସଲ କରିବାରେ ବିଶ୍ୱର ପଂଚମ ମହିଳା । ବଚ୍ଛେନ୍ଦ୍ରୀ ପାଲଙ୍କ ଜନ୍ମ ବର୍ତମାନ ଉତରାଖଣ୍ଡ ରାଜ୍ୟର ଉତରକାଶୀ ଜିଲ୍ଲାର ନକୁରୀ ଗାଁରେ ୧୯୫୪ ମସିହା ମଇ ୨୪ ତାରିଖରେ ହୋଇଥିଲା । ସେ ଜଣେ ମେଧାବୀ ଓ ପ୍ରତିଭାଶାଳୀ ଛାତ୍ରୀ ହୋଇଥିଲେ ମଧ ତାଙ୍କୁ ଚାକିରୀ ମିଳିନଥିଲା । ଶେଷରେ ନିରାଶ ହୋଇ ସେ ନେହେରୁ ଇନ୍‌ଷ୍ଟିଚ୍ୟୁଟ ଅଫ୍ ମାଉଂଟେନିଅରିଂରେ ପଢ଼ିବା ପାଇଁ ଆବେଦନ କଲେ । ଏଠାରୁ ବାଛେନ୍ଦ୍ରୀଙ୍କୁ ନୂଆ ବାଟ ମିଳିଗଲା । ମାତ୍ର ତାଙ୍କର ଏହି କ୍ୟାରିୟରକୁ ତାଙ୍କ ପରିବାର ଓ ସମ୍ପର୍କୀୟମାନେ ବିରୋଧ କରିଥିଲେ । ୧୯୮୪ ମସିହାରେ ୪ର୍ଥ ଏଭେରେଷ୍ଟ ଅଭିଯାନ ଆରମ୍ଭ ହୋଇଥିଲା । ଏହି ଅଭିଯାନ ପାଇଁ ବଚ୍ଛେନ୍ଦ୍ରୀଙ୍କ ସମେତ ୭ ମହିଳା ଓ ୧୧ ପୁରୁଷଙ୍କୁ ନିଆଗଲା । ଏହି ଦଳ ଦ୍ୱାରା ୧୯୮୪ ମସିହା ମଇ ୨୩ ତାରିଖରେ ଅପରାହ୍ନ ୧ଟା ୭ ମିନିଟରେ ୨୯୦୨୮ ଫୁଟ ଉଚ୍ଚତାରେ ଭାରତୀୟ ଜାତୀୟ ପତାକା ଉଡାଯାଇଥିଲା । ଏହା ସହ ଏଭେରେଷ୍ଟରେ ସଫଳତାର ସହ ପାଦ ରଖିବାରେ ସେ ବିଶ୍ୱର ପଂଚମ ମହିଳା ହୋଇପାରିଥିଲେ । ଏହାପରେ ୧୯୯୪ ମସିହାରେ ହରିଦ୍ୱାରରୁ କଲିକତା ପର୍ଯ୍ୟନ୍ତ ଗଙ୍ଗାନଦୀରେ ୨୫୦୦ ଦୀର୍ଘ ଜଳପଥ ଯାତ୍ରାର ନେତୃତ୍ୱ ନେଇଥିଲେ । ହିମାଳୟ ଗଳିରେ ଭୂଟାନ, ନେପାଳ, ଲେହ ଓ ସିଆଚେନ ଦେଇ ଯାଇଥିବା କାରାକୋରମ ପର୍ବତମାଳାର ୪ ହଜାର କିମି ଲମ୍ବା ଗିରିପଥର ଯାତ୍ରା ସେ ପୂରଣ କରିଥିଲେ, ଯାହାକୁ ଏହି ଦୁର୍ଗମ ଅଂଚଳରେ ପ୍ରଥମ ମହିଳା ଅଭିଯାନ ବୋଲି କୁହାଯାଏ । ତେବେ ଭାରତ ସରକାରଙ୍କ ପକ୍ଷରୁ ତାଙ୍କୁ ପଦ୍ମଶ୍ରୀ, ଅର୍ଜୁନ ପୁରସ୍କାର, ଜାତୀୟ ଦୁଃସାହସିକତା ପୁରସ୍କାରରେ ସମ୍ମାନିତ କରାଯିବା ସହ ଗୀନିଜ ରେକର୍ଡ଼ରେ ମଧ ସାମିଲ କରାଯାଇଥିଲା ।

*ପ୍ରତିଷ୍ଠାତା ସମ୍ପାଦକ 'ସିଂହଭୂମ', ୪ଜି ପ୍ରତାପ ଆପାର୍ଟମେଂଟ, ୭ ଏକ୍ସଟେନସନ ରୋଡ଼, ପୁରୁଣା ସୋନାରୀ, ଜାମସେଦପୁର: ୭୪୮୮୯୯୮୫୩୨*











# ଖାଦ୍ୟ ସୁରକ୍ଷା କ୍ଷେତ୍ରରେ ବୈପ୍ଲବିକ ପଦକ୍ଷେପ; ଓଡ଼ିଶାର ଦ୍ୱିତୀୟ ତଥା ଦେଶର ତୃତୀୟ 'ଅନ୍ନପୂର୍ତି ଗ୍ରେନ୍ ଏଟିଏମ୍' ଝାରସୁଗୁଡ଼ା ଜିଲ୍ଲାରେ ଲୋକାର୍ପିତ

**✸ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ, ରାଜସ୍ୱ ମନ୍ତ୍ରୀ, ଏବଂ ବିଧାୟକଙ୍କ ଦ୍ୱାରା ହେଲା ଶୁଭ ଉଦ୍ଘାଟନ✸ବ୍ଲକ ସ୍ତରକୁ ହେବ ସମ୍ପ୍ରସାରଣ✸ ଆଗାମୀ ଦିନରେ ନୂତନ ୫୫ଟି ଗ୍ରେନ୍ ଏଟିଏମ୍ ସ୍ଥାପନ ପାଇଁ ମାନ୍ୟବର ମନ୍ତ୍ରୀଙ୍କ ଘୋଷଣା**

ଝାରସୁଗୁଡ଼ା : ଓଡ଼ିଶା ସରକାର ଏବଂ ଜାତିସଂଘର ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମର ମିଳିତ ସହଯୋଗରେ ହିତାଧିକାରୀଙ୍କୁ ଅତି ସହଜ, ସ୍ୱଚ୍ଛ ଏବଂ ଉନ୍ନତ ମାଧମରେ ଖାଦ୍ୟଶସ୍ୟ ଯୋଗାଇବା ପାଇଁ ଝାରସୁଗୁଡ଼ା ଠାରେ ଲୋକାର୍ପିତ ହୋଇଯାଇଛି ପ୍ରଯୁକ୍ତିବିଦ୍ୟା ଆଧାରିତ 'ଅନ୍ନପୂର୍ତି ଗ୍ରେନ୍ ଏଟିଏମ୍' । ଏହା ଓଡ଼ିଶାର ଦ୍ୱିତୀୟ ଏବଂ ସମଗ୍ର ଭାରତ ବର୍ଷର ତୃତୀୟ ଗ୍ରେନ୍ ଏଟିଏମ୍ । ଏହି ଅତ୍ୟାଧୁନିକ ବ୍ୟବସ୍ଥାକୁ ମାନ୍ୟବର ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଶ୍ରୀଯୁକ୍ତ ସୁରେଶ ପୂଜାରୀ ଏବଂ ମୁଖ୍ୟ ଅତିଥି ଭାବେ ଓଡ଼ିଶା ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ତଥା ବିଜ୍ଞାନ ଓ ବୈଷୟିକ ପ୍ରଯୁକ୍ତିବିଦ୍ୟା ବିଭାଗର ମାନ୍ୟବର ମନ୍ତ୍ରୀ ଶ୍ରୀଯୁକ୍ତ କୃଷ୍ଣ ଚନ୍ଦ୍ର ପାତ୍ର, ଝାରସୁଗୁଡ଼ାର ମାନ୍ୟବର ବିଧାୟକ ଶ୍ରୀଯୁକ୍ତ ଟଙ୍କଧର ତ୍ରିପାଠୀ ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିଛନ୍ତି । ଏହି ଗୌରବମୟ ଅବସରରେ ଝାରସୁଗୁଡ଼ା ଜିଲ୍ଲାପାଳ ଶ୍ରୀ କୁଣାଲ ମୋତିରାମ ଚହ୍ୱାଣ ଏବଂ ଭାରତର ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମର ଉପ-ନିର୍ଦ୍ଦେଶିକା ନୋଜୋମି ହାସିମୋଟୋ, ଶ୍ରୀଯୁକ୍ତ ହିଂମାଶୁ ବଳ, ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ, ମୁଖ୍ୟ, କ୍ଷେତ୍ରୀୟ କାର୍ଯ୍ୟାଳୟ, ଓଡ଼ିଶା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ । ଏହି ଲୋକାର୍ପିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଡ଼ିଶା ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ତଥା ବିଜ୍ଞାନ ଓ ବୈଷୟିକ ପ୍ରଯୁକ୍ତିବିଦ୍ୟା ବିଭାଗର ମାନ୍ୟବର ମନ୍ତ୍ରୀ ଶ୍ରୀଯୁକ୍ତ କୃଷ୍ଣ ଚନ୍ଦ୍ର ପାତ୍ର ରାଜ୍ୟବାସୀଙ୍କ ଉଦ୍ଦେଶ୍ୟରେ କହିଛନ୍ତି ଯେ, 'ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଦୂରଦୃଷ୍ଟିସମ୍ପନ୍ନ ଚିନ୍ତାଧାରା ଯୋଗୁଁ ଆଜି ଓଡ଼ିଶାର ଖାଦ୍ୟ ସୁରକ୍ଷା କ୍ଷେତ୍ରରେ ଏକ ଐତିହାସିକ ସଫଳତା ମିଳିଛି ।



## ଗ୍ରେନ୍ ଏଟିଏମ୍'ର ପ୍ରମୁଖ ବୈଶିଷ୍ଟ୍ୟ ସମୂହ

★ମାତ୍ର ୪୦ ସେକେଣ୍ଡ ମଧ୍ୟରେ ୨୫ କିଲୋଗ୍ରାମ ପର୍ଯ୍ୟନ୍ତ ଖାଦ୍ୟଶସ୍ୟ ପ୍ରଦାନ କରିବାରେ ସକ୍ଷମ ★ଶସ୍ୟ ଓଜନରେ କୌଣସି ତ୍ରୁଟି ହେବାର ସମ୍ଭାବନା ନାହିଁ★ସର୍ବାଧିକ ୨୫୦୦ କିଲୋଗ୍ରାମ ପର୍ଯ୍ୟନ୍ତ ଶସ୍ୟ ସଂରକ୍ଷଣ କ୍ଷମତା★ଏକ ସମୟରେ ୨ଟି ଭିନ୍ନ ଖାଦ୍ୟ ସାମଗ୍ରୀ ବିତରଣ ବ୍ୟବସ୍ଥା★ଗ୍ରାହକମାନେ ସହଜରେ ବୁଝିପାରିବା ଭଳି ସରଳ ନିର୍ଦ୍ଦେଶାବଳୀ

# ବୌଦ୍ଧ ଜିଲା ପ୍ରଶାସନ ଦ୍ୱାରା ଛାତ୍ରଛାତ୍ରୀଙ୍କ ପାଇଁ କ୍ୟାରିଅର କାଉନସେଲିଂ ଅଭିଯାନ

ବୌଦ୍ଧ : (ହି.ସ.)- ବୌଦ୍ଧ ଜିଲା ପ୍ରଶାସନ ଦ୍ୱାରା ଭିନ୍ନ ପରିସ୍ଥିତିରେ ରହୁଥିବା ଛାତ୍ରଛାତ୍ରୀଙ୍କ ପାଇଁ ଏକ କ୍ୟାରିଅର କାଉନସେଲିଂ ଅଭିଯାନ ଆୟୋଜିତ ହୋଇଛି କ୍ଷ ଯେଉଁ ଛାତ୍ରଛାତ୍ରୀମାନେ ଆନୁଷ୍ଠାନିକ ଓ ଅଣ-ଆନୁଷ୍ଠାନିକ ସେବା ବ୍ୟବସ୍ଥାରେ ସହାୟତା ପାଇ ଦଶମ ଏବଂ ଦ୍ୱାଦଶ ବାର୍ଷିକ ପରୀକ୍ଷାରେ ସଫଳତାର ସହ ଉତୀର୍ଣ୍ଣ ହୋଇଛନ୍ତି, ସେମାନଙ୍କୁ ଦକ୍ଷତାଭିତିକ ଏବଂ ନିଯୁକ୍ତିଭିତିକ ଶିକ୍ଷା ଦିଗରେ ମାର୍ଗଦର୍ଶନ କରିବା ପାଇଁ ଏକ୍ସପର୍ଟ ମାନଙ୍କ ଦ୍ୱାରା କାଉନସେଲିଂ କରାଯାଇଥିଲା । ଜିଲ୍ଲାପାଳ ବିଭୂତି ଭୂଷଣ ନାୟକ ମୁଖ୍ୟ ଅତିଥି ଭାବରେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ ଓ ଶିଶୁ ମାନଙ୍କୁ ବୈଷୟିକ ଶିକ୍ଷା, ନିଯୁକ୍ତି ଭିତିକ ଶିକ୍ଷା, ଧନ୍ଦାମୂଳକ ଓ ବୃତିଗତ ଶିକ୍ଷା ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ, ସରକାରଙ୍କ ତରଫରୁ ଦିଆଯାଉଥିବା ସମସ୍ତ ସୁବିଧାର ସୁଦୁପଯୋଗ କରିବାକୁ ପରାମର୍ଶ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଛାତ୍ର ଏବଂ ଅଭିଭାବକଙ୍କ ମଧ୍ୟରେ ଆଇଟିଆଇ, ଡିପ୍ଲୋମା ଇଞ୍ଜିନିୟରିଂ, ହୋଟେଲ ମ୍ୟାନେଜମେଂଟ, ନର୍ସିଂ, କମ୍ପ୍ୟୁଟର କୋର୍ସ ଏବଂ ଅନ୍ୟାନ୍ୟ ବୃତିଗତ ତାଲିମ କାର୍ଯ୍ୟକ୍ରମ ଭଳି ବିଭିନ୍ନ ବୈଷୟିକ ଏବଂ ବୃତିଗତ ପାଠ୍ୟକ୍ରମ ବିଷୟରେ ସଚେତନତା କରାଯାଇଥିଲା । ସଂଯୋଜକ ତଥା ପରାମର୍ଶଦାତା ମାନେ ଛାତ୍ରଛାତ୍ରୀ ମାନଙ୍କୁ ବିଭିନ୍ନ ଶିଳ୍ପରେ ଦକ୍ଷ ବୃତିଗତଙ୍କ ପାଇଁ ବର୍ଦ୍ଧିତ ଚାହିଦା ବିଷୟରେ ସୂଚନା ଦେଇଥିଲେ ଏବଂ ସେମାନଙ୍କୁ ସେମାନଙ୍କର ଆଗ୍ରହ, ଦକ୍ଷତା ଏବଂ ଭବିଷ୍ୟତର ଚାକିରି ସୁଯୋଗ ଉପରେ ଆଧାର କରି କ୍ୟାରିଅର ପଥ ବାଛିବାକୁ ଉତ୍ସାହିତ କରିଥିଲେ । ବୈଷୟିକ ଶିକ୍ଷା ଏବଂ ବୃତିଗତ ତାଲିମ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା, ଯାହା ବ୍ୟବହାରିକ ଜ୍ଞାନ ଏବଂ ଦ୍ରୁତ ନିଯୁକ୍ତି ସୁଯୋଗ ପ୍ରଦାନ କରେ । ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ ଯୋଗଦେଇ ଶିଶୁ ମାନଙ୍କୁ ଭଲ ପାଠ ପଢିବାକୁ ଓ କଠିନ ପରିଶ୍ରମ କରି ଏକ ଉତମ ନାଗରିକ ହେବାକୁ ପରାମର୍ଶ ଦେଇଥିଲେ । ଅନ୍ୟତମ ସମ୍ମାନିତ ଅତିଥି ଭାବରେ ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷ ଦାମୋଦର ସାହୁ ଯୋଗଦେଇ ଶିଶୁମାନଙ୍କ ଉଜ୍ଜଳ ଭବିଷ୍ୟତ କାମନା କରିଥିଲେ । ଅନ୍ୟତମ ସମ୍ମାନିତ ଅତିଥି ଭାବରେ ସେକ୍ରେଟାରୀ ଡ଼ି ସି ଡି ଏ ରାଜେନ୍ଦ୍ର ମେହେର ଯୋଗଦେଇ ଶିଶୁମାନଙ୍କୁ ବୃତିଗତ ଓ ବୈଷୟିକ ଶିକ୍ଷା ଗ୍ରହଣ କରି ସମାଜରେ ନିଜର ପରିଚୟ ସୃଷ୍ଟି କରିବାକୁ ପରାମର୍ଶ ଦେଇଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରାହୁଲ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏହି ଅଧିବେଶନ ସମୟରେ, ଛାତ୍ରଛାତ୍ରୀମାନଙ୍କୁ ଶିଳ୍ପ ତାଲିମ ପ୍ରତିଷ୍ଠାନ, ପଲିଟେକ୍ନିକ୍ ଡିପ୍ଲୋମା, ହୋଟେଲ ମ୍ୟାନେଜମେଂଟ, ନର୍ସିଂ ଏବଂ କମ୍ପ୍ୟୁଟର ଶିକ୍ଷାରେ ପାଠ୍ୟକ୍ରମ ଗ୍ରହଣ କରିବାର ଲାଭ ବିଷୟରେ ଅବଗତ କରାଯାଇଥିଲା । ଶିଳ୍ପ ଅନୁଷ୍ଠାନର ମୁଖ୍ୟ ତଥା ପରାମର୍ଶଦାତା ମାନେ ଏହି ପାଠ୍ୟକ୍ରମ ଗୁଡ଼ିକ ଛାତ୍ରଛାତ୍ରୀ ମାନଙ୍କୁ କିପରି ଆତ୍ମନିର୍ଭରଶୀଳ ହେବାରେ ସାହାଯ୍ୟ କରିବ ଏବଂ ସେମାନଙ୍କୁ ସରକାରୀ ଏବଂ ବେସରକାରୀ ଉଭୟ କ୍ଷେତ୍ରରେ ଚାକିରି ପାଇଁ ପ୍ରସ୍ତୁତ କରିବା ସେନେଇ ସଚେତନ କରିଥିଲେ । ପ୍ରଶିକ୍ଷକ ଭାବରେ ଜିଲ୍ଲା ନିଯୋଜନ ଅଧିକାରୀ ଅଜୟ କୁମାର ଦାଶ , ଅଧକ୍ଷ ସରକାରୀ ଶିଳ୍ପନୁଷ୍ଠାନ ସୁବୋଧ କୁମାର ପାଣିଗ୍ରାହୀ, ଅଧକ୍ଷ ସରକାରୀ ପଲିଟେକନିକ ପ୍ରଦୀପ୍ତ କୁମାର ସାହୁ, ଅଧକ୍ଷା ସରକାରୀ ଏ ଏନ ଏମ ସେ[ର ପ୍ରଜ୍ଞା ପରମିତା ରଥ, ନିର୍ଦେଶକ ଜନ ଶିକ୍ଷା ସଂସ୍ଥାନ ଅରୁଣ କୁମାର ପ୍ରଧାନ, ରାଜ୍ୟ ହୋଟେଲ ପରିଚାଳନା ପ୍ରତିଷ୍ଠାନ ବଲାଙ୍ଗୀରରୁ ଶ୍ରୀମତୀ ମଧୁସ୍ମିତା ସାହୁ ଓ ଶ୍ରୀମତୀ ସତ୍ୟବତୀ ମିଶ୍ର ଯୋଗଦେଇ ଥିଲେ । ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ ମାନଙ୍କୁ ପାରମ୍ପରିକ କ୍ଷେତ୍ର ବାହାରେ ଆଧୁନିକ କ୍ୟାରିଅର ସୁଯୋଗ ଅନୁସନ୍ଧାନ କରିବାକୁ ମଧ ପ୍ରେରଣା ଦିଆଯାଇଥିଲା ।

# ନୂଆପଡ଼ାରେ ପୋଲିସ-ମାଜିଷ୍ଟ୍ରେଟ ସମନ୍ୱୟ ବୈଠକ

ନୂଆପଡା : (ହି.ସ.)- ନୂଆପଡା ଜିଲ୍ଲା ପୋଲିସ ଓ ମାଜିଷ୍ଟ୍ରେଟ ସମନ୍ୱୟ ବୈଠକ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ମୁଖ୍ୟାଳୟ ସମ୍ମିଳନୀ କକ୍ଷରେ ଆଜି ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅମ୍ରିତପାଲ ସିଂ, ଅତିରିକ୍ତ ଜିଲ୍ଲାପାଳ ସୁବାସ ଚନ୍ଦ୍ର ରଇତ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ରଞ୍ଜିତ ନାୟକ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପଜିଲ୍ଲାପାଳ ସୁର୍ମି ସୋରେନ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡଃ. ଦ୍ୱାରିକାନାଥ ଶତପଥୀ, ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର, ଅବକାରୀ ଅଧିକ୍ଷକ ସଂଘମିତ୍ରା ପ୍ରଧାନ, ଆର୍ଟିଓ ଶର୍ମିଳା ମହାରଣା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମାକାନ୍ତ ବିଶ୍ୱାସଙ୍କ ସମେତ ବିଭିନ୍ନ ଜିଲ୍ଲାସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ । ବୈଠକରେ ସମସ୍ତଙ୍କୁ ସ୍ୱାଗତ କରି ଜିଲ୍ଲାପାଳ ବୈଠକର ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ କରାଇଥିଲେ । ପୋଲିସ ଓ ପ୍ରଶାସନ ମଧ୍ୟରେ ଉତମ ସମନ୍ୱୟ ଏବଂ ବୁଝାମଣା ରହିଲେ ଲୋକଙ୍କ ସମସ୍ୟା ତଳସ୍ତରରେ ଶୀଘ୍ର ସମାଧାନ ହୋଇପାରିବ ବୋଲି ସେ କହିଥିଲେ । ଅପରାଧକୁ ପ୍ରାରମ୍ଭିକ ସ୍ତରରୁ ରୋକିବା, ମାମଲାଗୁଡ଼ିକର ଯୁକ୍ତିସଙ୍ଗତ ତଦନ୍ତ ଓ ଶୀଘ୍ର ନିଷ୍କର୍ଷକୁ ପହଂଚିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ପ୍ରତ୍ୟେକ ଥାନା ଅଧିକାରୀଙ୍କୁ ପ୍ରତି ମାସ ଶାନ୍ତି କମିଟି ବୈଠକ କରିବାକୁ ମଧ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅମ୍ରିତପାଲ ସିଂ କହିଥିଲେ ଯେ, ପୋଲିସ୍ ଓ ପ୍ରଶାସନ ମଧ୍ୟରେ ଉତମ ସମନ୍ୱୟ ପାଇଁ ଏକ ବିଶ୍ୱସନୀୟ ଓ ବ୍ୟାପକ ଡାଟାବେସ୍ ର ଆବଶ୍ୟକତା ରହିଛି । ସେ କହିଥିଲେ, ପୋଲିସ୍ ଓ ପ୍ରଶାସନିକ ଅଧିକାରୀମାନେ ଯଦି ଲୋକଙ୍କ ସମସ୍ୟା ଶୁଣି ତାହାର ତୁରନ୍ତ ସମାଧାନ କରନ୍ତି, ତେବେ ଅନେକ ଅଘଟଣକୁ ପୂର୍ବରୁ ଏଡାଇ ଦିଆଯାଇପାରିବ । ଜିଲ୍ଲାପାଳ ଅଧିକାରୀମାନଙ୍କୁ ସମସ୍ୟାର ମୂଳକୁ ଯାଇ ସମାଧାନ କରିବା ସହ ଲୋକଙ୍କ ପ୍ରତି ସମ୍ବେଦନଶୀଳ ହେବାକୁ ପରାମର୍ଶ ଦେଇଥିଲେ । ବୈଠକରେ ସୂଚନା ଦିଆଯାଇଥିଲା ଯେ, ୨୦୨୬ ମସିହାର ପ୍ରଥମ ତ୍ରୟମାସିକରେ ଜିଲ୍ଲାରେ ମୋଟ ୬୦୮ଟି ମାମଲା ରୁଜୁ ହୋଇଛି । ଏଥିରେ ୨ଟି ହତ୍ୟା, ୮ଟି ଦୁଷ୍କର୍ମ, ୧୭ଟି ଚୋରି, ୪୯୯ଟି ବିଭିନ୍ନ ପ୍ରକାରର ମାମଲା ଓ ୫୨ଟି ସଡ଼କ ଦୁର୍ଘଟଣା ମାମଲା ରହିଛି । ନୂଆପଡ଼ା ଉପନିର୍ବାଚନକୁ ଶାନ୍ତିପୂର୍ଣ୍ଣ ଓ ସୁଚାରୁ ଭାବେ ପରିଚାଳନା କରି ଆଇନଶୃଙ୍ଖଳା ବଜାୟ ରଖିଥିବାରୁ ପୋଲିସ୍ ଅଧିକାରୀଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ ଜିଲ୍ଲାପାଳ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଜିଲ୍ଲାବାସୀଙ୍କୁ ପୋଲିସ୍ ଓ ପ୍ରଶାସନ ଉପରେ ଆସ୍ଥା ରଖି ଶାନ୍ତି ଓ ସଂହତିପୂର୍ଣ୍ଣ ପରିବେଶରେ ଜୀବନଯାପନ କରିବାକୁ ଅନୁରୋଧ କରିଥିଲେ । ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ରଇତ ଧନ୍ୟବାଦ ଅର୍ପଣ କରିଥିଲେ ।

# ଡିଜିଟାଲ ଠକେଇ ଉପରେ ସଚେତନତା କାର୍ଯ୍ୟକ୍ରମ

ଜୟପୁର : (ହି.ସ.)- ଏଟିସି ଏନସିସି ଶିବିରରେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ମୁଖ୍ୟ ଶାଖା, ଜୟପୁର ପକ୍ଷରୁ ଏକ "ଡିଜିଟାଲ ଠକେଇ ସଚେତନତା କାର୍ଯ୍ୟକ୍ରମ" ଆୟୋଜିତ ହୋଇଥିଲା । ଏହି ସଚେତନତା କାର୍ଯ୍ୟକ୍ରମକୁ ଉପ ବ୍ୟାଙ୍କ ପ୍ରବନ୍ଧକ ପଙ୍କଜ କୁମାର ମାଝୀ ଏବଂ ସହକାରୀ ପ୍ରବନ୍ଧକ ସାଇ ସୁଦର୍ଶନ ଜେନା ପରିଚାଳନା କରିଥିଲେ । କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଏନ୍ସିସି କ୍ୟାଡେଟମାନଙ୍କୁ ବୃଦ୍ଧି ପାଉଥିବା ସାଇବର ଅପରାଧ ଓ ଡିଜିଟାଲ ବ୍ୟାଙ୍କିଂ ଠକେଇ ସମ୍ପର୍କରେ ସଚେତନ କରିବା । ଅଧିକାରୀମାନେ ଓଟିପି ଠକେଇ, ଫିଶିଂ କଲ୍, ଭୁଆ ଋଣ ପ୍ରଲୋଭନ, ୟୁପିଆଇ ଠକେଇ, ଏଟିଏମ କାର୍ଡ କ୍ଲୋନିଂ ଓ ସୋସିଆଲ ମିଡିଆ ମାଧ୍ୟମରେ ପଠାଯାଉଥିବା ଭୁଆ ଲିଙ୍କ ଭଳି ବିଭିନ୍ନ ଡିଜିଟାଲ ଠକେଇ ବିଷୟରେ ବିସ୍ତୃତ ତଥ୍ୟ ଦେଇଥିଲେ । ସେମାନେ କ୍ୟାଡେଟମାନଙ୍କୁ କୌଣସି ପରିସ୍ଥିତିରେ ଓଟପି, ପିନ, ପାସୱାର୍ଡ କିମ୍ବା ସିଭିଭି ନମ୍ବର ଅଜଣା ବ୍ୟକ୍ତିଙ୍କ ସହ ସେୟାର୍ ନ କରିବାକୁ ପରାମର୍ଶ ଦେଇଥିଲେ । ସୁରକ୍ଷିତ ଡିଜିଟାଲ ବ୍ୟାଙ୍କିଂ ପ୍ରଣାଳୀ ବ୍ୟବହାର କରିବା ସହିତ ଅନଲାଇନ ଲେନଦେନ ସମୟରେ ସତର୍କ ରହିବା ଓ ସନ୍ଦେହଜନକ କାର୍ଯ୍ୟକଳାପ ହେଲେ ତୁରନ୍ତ ବ୍ୟାଙ୍କ କିମ୍ବା ସାଇବର କ୍ରାଇମ୍ ହେଲ୍ପଲାଇନକୁ ଜଣାଇବାକୁ ମଧ ଅନୁରୋଧ କରିଥିଲେ । ଏହି ସଚେତନତା କାର୍ଯ୍ୟକ୍ରମ କ୍ୟାଡେଟମାନଙ୍କ ପାଇଁ ବହୁତ ଶିକ୍ଷାଦାୟକ ଓ ଉପକାରୀ ସାବିତ ହୋଇଥିଲା । ଏପରି ଗୁରୁତ୍ୱପୂର୍ଣ୍ଣ ଓ ସମୟୋପଯୋଗୀ କାର୍ଯ୍ୟକ୍ରମ ଆୟୋଜନ କରିଥିବାରୁ ଏନ୍ସିସି ପକ୍ଷରୁ ଏସବିଆଇ ମୁଖ୍ୟ ଶାଖା, ଜୟପୁରର ଅଧିକାରୀମାନଙ୍କୁ ଧନ୍ୟବାଦ ଜଣାଯାଇଥିଲା ।

# ଆନ୍ତଃ ଜିଲ୍ଲା ପେନସନ ଅଦାଲତ କୋରାପୁଟରେ ଉଦଘାଟିତ

ଜୟପୁର : (ହି.ସ.)- ଅବସରପ୍ରାପ୍ତ ସରକାରୀ କର୍ମଚାରୀଙ୍କ ବକେୟା ପେନସନ ଓ ଭବିଷ୍ୟନିଧି ସମସ୍ୟାର ତ୍ୱରିତ ସମାଧାନ ପାଇଁ କୋରାପୁଟ, ନବରଙ୍ଗପୁର ଓ ମାଲକାନଗିରି ଜିଲ୍ଲାର ଅବସରପ୍ରାପ୍ତ କର୍ମଚାରୀଙ୍କ ପାଇଁ ଦୁଇଦିନିଆ ଆନ୍ତଃ ଜିଲ୍ଲା ପେନସନ ଅଦାଲତ ଆଜି କୋରାପୁଟ ସଦଭାବନା ଗୃହଠାରେ ଉଦଘାଟିତ ହୋଇଛି । ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ, ଜିଲ୍ଲା ପ୍ରଶାସନ ଓ ପ୍ରଧାନ ମହାଲେଖାକାର (ଏଜି) ଓଡ଼ିଶା କାର୍ଯ୍ୟାଳୟର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ଅଦାଲତରେ ପ୍ରଥମ ଦିନରେ ୬୯୨ଟି ପେନସନ ଓ ଭବିଷ୍ୟନିଧି ସମ୍ବନ୍ଧୀୟ ଅଭିଯୋଗ ଏବଂ ୧୨୧ଟି ଅବସରପ୍ରାପ୍ତ ଶିକ୍ଷକ-କର୍ମଚାରୀଙ୍କ ଅବସରକାଳୀନ ବକେୟା ପ୍ରାପ୍ୟ ଅଭିଯୋଗର ଶୁଣାଣି କରାଯାଇଛି । ଉଦଘାଟନୀ କାର୍ଯ୍ୟକ୍ରମରେ କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟୱାନ ମହାଜନ ୧୯ ଜଣ ଅବସରପ୍ରାପ୍ତ କର୍ମଚାରୀଙ୍କୁ ପେନସନ ମଞ୍ଜୁର ଆଦେଶ ପତ୍ର ପ୍ରଦାନ କରିଥିଲେ । ସେ ତିନୋଟି ଜିଲ୍ଲାର ଅବସରପ୍ରାପ୍ତ କର୍ମଚାରୀଙ୍କ ବକେୟା ପ୍ରାପ୍ୟ ତୁରନ୍ତ ସମାଧାନ କରିବାକୁ ଉପସ୍ଥିତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ପେନସନ ଓ ଭବିଷ୍ୟନିଧି ଉପ ମହାଲେଖାକାର ଶୁଭମ ବୈଜ୍ୟନାଥ ସ୍ୱାମୀ କହିଛନ୍ତି, ଅବସର ନେବାକୁ ଥିବା କର୍ମଚାରୀଙ୍କ ଆବେଦନପତ୍ର ଅବସର ପୂର୍ବରୁ ଏଜି କାର୍ଯ୍ୟାଳୟକୁ ପଠାଇଲେ ଅବସର ଦିନ ହିଁ ପେନସନ, ଗ୍ରାଚୁଇଟି ଓ ଭବିଷ୍ୟନିଧି ପ୍ରଦାନ ସମ୍ଭବ ହେବ । ସାଧାରଣ ପ୍ରଶାସନ ବିଭାଗ ନିର୍ଦ୍ଦେଶକ ସୁକାନ୍ତ କୁମାର ବେହେରା କହିଛନ୍ତି, ଉପାନ୍ତ ଜିଲ୍ଲାଗୁଡ଼ିକର ପେନସନ ସମସ୍ୟା ସମାଧାନ ପାଇଁ ରାଜ୍ୟ ସରକାର ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଗ୍ରହଣ କରିଛନ୍ତି । ଏଜି କାର୍ଯ୍ୟାଳୟର ଏହି ପଦକ୍ଷେପକୁ ସେ ଉଚ୍ଚ ପ୍ରଶଂସା କରିଛନ୍ତି । କାର୍ଯ୍ୟକ୍ରମରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅତିରିକ୍ତ ଶାସନ ସଚିବ କେଦାର ସିଂହ, ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ନାୟକ, ମାଲକାନଗିରି ଅତିରିକ୍ତ ଜିଲ୍ଲାପାଳ ସୋମନାଥ ପ୍ରଧାନ, ଯୁଗ୍ମ ସଚିବ ଅସିତ କୁମାର ପାଣି, ଉପ ଜିଲ୍ଲାପାଳ ପ୍ରେମଲାଲ ହିଆଲ, ବରିଷ୍ଠ ଲେଖା ଅଧିକାରୀ ଶରତ କୁମାର ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ । ଏଜି କାର୍ଯ୍ୟାଳୟ ପକ୍ଷରୁ ପିପିଟି ମାଧ୍ୟମରେ ପେନସନ ଅଟକିବାର କାରଣ ଓ ସମାଧାନ ଉପରେ ଆଲୋଚନା କରାଯାଇଥିଲା । ଆସନ୍ତାକାଲି ତିନୋଟି ଜିଲ୍ଲାର ଅବସରପ୍ରାପ୍ତ ପୋଲିସ କର୍ମଚାରୀଙ୍କ ପାଇଁ ପେନସନ ଅଦାଲତ ଅନୁଷ୍ଠିତ ହେବ । ଏହି କାର୍ଯ୍ୟକ୍ରମକୁ ବରିଷ୍ଠ ଲେଖା ଅଧିକାରୀ ଅଭିଜିତ କୁମାର, ସହକାରୀ ଲେଖା ଅଧିକାରୀ ରବି କୁମାର, ଓମ ପ୍ରକାଶ, ପ୍ରଦୀପ କୁମାର, ରୋହିତ କୁମାର, ମୋହନ କୁମାର, ସଞ୍ଜୟ କୁମାର, ପୁରୁଷୋତମ ବଳ, ରଣବୀର କୁମାର, ଜିଲ୍ଲା ପ୍ରଶାସନର ପିଂଟୁ ସାହୁ ପରିଚାଳନା କରିଥିଲେ ।

# ଧାନ ମଣ୍ଡି ଶୁଭାରମ୍ଭ

ନୂଆପଡ଼ା : (ହି.ସ.)- ରାଜ୍ୟରେ ବରଗଡ଼ ପରେ ନୂଆପଡା ଜିଲ୍ଲାରେ ଆରମ୍ଭ ହେଲା ରବି ଧାନ ମଣ୍ଡି । ଖରିଆର ରୋଡ ନିୟନ୍ତ୍ରିତ ବଜାର କମିଟି ତରଫରୁ ଆଜି ଠାରୁ ନୂଆପଡ଼ା ଜିଲ୍ଲାରେ ରବି ଧାନ କ୍ରୟର ଶୁଭାରମ୍ଭ କରାଯାଇଛି । ଖଡ଼ିଆଳ ଉପ ବଜାର ପ୍ରାଙ୍ଗଣରେ ଏନେଇ ଅନୁଷ୍ଠିତ ଉଦଘାଟନୀ ସମାରୋହରେ ଖଡ଼ିଆଳ ବିଧାୟକ ଅଧିରାଜ ପାଣିଗ୍ରାହୀ, ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାସ, ଖଡ଼ିଆଳ ବ୍ଲକ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ନନ୍ଦ ପ୍ରମୁଖ ଯୋଗଦେଇ ରବି ଧାନ କ୍ରୟ ପାଇଁ ରହିଥିବା ବ୍ୟବସ୍ଥା ଉପରେ ଆଲୋଚନା କରିଥିଲେ । ଚଳିତ ବର୍ଷ ରବି ଧାନ ବିକ୍ରୟ ପାଇଁ ୧୯,୩୪୭ ଜଣ ଚାଷୀ ପଞ୍ଜୀକୃତ ହୋଇଥିବା ବେଳେ, ଏହା ଗତ ବର୍ଷ ତୁଳନାରେ ୬,୦୫୦ ଜଣ ଅଧିକ ଓ ପ୍ରାୟ ୪୫ ପ୍ରତିଶତ ବୃଦ୍ଧି ହୋଇଛି । ଏହି ବର୍ଷ ଜିଲାରେ ୨୬ ଟି ପେକ୍ସ ମାଧ୍ୟମରେ ୫୧ ଟି ମଣ୍ଡିରେ ଧାନ କ୍ରୟ କରାଯିବ ବୋଲି ସୂଚନା ଦିଆଯାଇଛି । ୨୫ ତାରିଖରୁ ଜିଲ୍ଲାର ପ୍ରାୟ ମଣ୍ଡିରୁ ଧାନ କିଣା ଆରମ୍ଭ ହେବା ନେଇ ସୂଚନା ମିଳିଛି । ଆସନ୍ତା ୨୫ ତାରିଖରୁ ଅନ୍ୟାନ୍ୟ ମଣ୍ଡି ଆରମ୍ଭ ହେବାକୁ ଥିବାବେଳେ ପ୍ରତ୍ୟେକ ମଣ୍ଡିରେ ସିସି କ୍ୟାମେରା ସହ ପାନୀୟ ଜଳ ବ୍ୟବସ୍ଥା ଓ ଆନୁଷଙ୍ଗିକ ସୁବିଧା ସୁଯୋଗ ଯୋଗାଇ ଦିଆଯିବ ବୋଲି ଜିଲ୍ଲାପାଳ କହିଛନ୍ତି । ଏବର୍ଷ ସାଢ଼େ ସାତ ଲକ୍ଷ କ୍ୱିଂଟାଲ ଧାନ କ୍ରୟ କରାଯିବାକୁ ଲକ୍ଷ୍ୟ ରହିଥିବା ବେଳେ ସାଢ଼େ ଚାରିଲକ୍ଷ କ୍ୱିଂଟାଲ ପାଇଁ ଟୋକନ୍ ଆସି ସାରିଛି ବୋଲି ବିଧାୟକ କହିଥିଲେ । ପଡୋଶୀ ଛତିଶଗଡ଼ ରାଜ୍ୟରୁ ଧାନ ନ ଆସିବା ପାଇଁ ଛଅଟି ସ୍ଥାନରେ ସି ସି କ୍ୟାମେରା ସହ ଲୋକ ମୁତୟନ ହେବେ ବୋଲି ଜିଲ୍ଲାପାଳ କହିଛନ୍ତି । ଆଜିର ଉଦଘାଟନୀ ସମାରୋହରେ ଅନ୍ୟମାନଙ୍କ ମଧ୍ୟରେ ସାଂସଦ ପ୍ରତିନିଧି ଜ୍ଞାନ ରଞ୍ଜନ ମେଘ, ଜିଲ୍ଲା ପରିଷଦ ସଦସ୍ୟ ଚିତ ରଞ୍ଜନ ବେହେରା, ସରପଂଚ ସୁବାସିନୀ ପାନ, ପେକ୍ସ ସଭାପତି ଗୋପୀନାଥ ରାଉତ ପ୍ରମୁଖ ମଂଚାସୀନ ଥିବାବେଳେ ଏସିଏସଓ ଖଣ୍ଡୁରାମ ନାଏକ ସଭା ପରିଚାଳନା କରିଥିଲେ । ଏହି ଅବସରରେ ୩ ଗୋଟି ସଚେତନତା ରଥ ଶୁଭାରମ୍ଭ କରାଯାଇଥିବା ବେଳେ ଏହି ରଥଗୁଡିକ ଜିଲ୍ଲା ସାରା ବୁଲି ଲୋକଙ୍କୁ ସଚେତନତା ସୃଷ୍ଟି କରିବା । ଆଜିର ଏହି କାର୍ଯ୍ୟକ୍ରମରେ ଖଡ଼ିଆଳ ପେକ୍ସର ସମସ୍ତ କର୍ମଚାରୀ ନେତୃତ୍ୱ ନେଇଥିଲେ ।

# ବାଲ୍ୟ ବିବାହ ସମାପ୍ତି ପାଇଁ "ଜିଲ୍ଲା କାର୍ଯ୍ୟଯୋଜନା ୨୦୨୪-୨୦୨୯" ଉନ୍ମୋଚିତ

ଜୟପୁର : (ହି.ସ.)- ବାଲ୍ୟ ବିବାହ ସମାପ୍ତି ନିମନ୍ତେ "ଜିଲ୍ଲା କାର୍ଯ୍ୟଯୋଜନା (ଡ଼ିଏପି ) ୨୦୨୪-୨୦୨୯" ସ୍ଥାନୀୟ ଦକ୍ଷତା ବିକାଶ କେନ୍ଦ୍ର ଠାରେ ,ଉନ୍ମୋଚିତ ହୋଇଯାଇଛି । ଏହି ଅବସରରେ ଜିଲ୍ଲାପାଳ ମନୋଜ ସତ୍ୟୱାନ ମହାଜନ କହିଥିଲେ, "୨୦୩୦ ସୁଦ୍ଧା କୋରାପୁଟକୁ ବାଲ୍ୟ ବିବାହ ମୁକ୍ତ କରିବା ପାଇଁ ସମସ୍ତ ବିଭାଗ ମଧ୍ୟରେ ସମନ୍ୱୟ, ଠିକ୍ ସମୟରେ ହସ୍ତକ୍ଷେପ ଓ ଅଦ୍ୱିକା, ସ୍କିମ୍ ହାଟ, ୧୦୯୮ ମାଧ୍ୟମରେ ସମୁଦାୟ ସହଭାଗିତା ଜରୁରୀ ।" ସେ ପ୍ରତ୍ୟେକ ଝିଅ ପାଖରେ ସରକାରୀ ଯୋଜନା ପହଂଚାଇବା ଉପରେ ଗୁରୁତ୍ୱ ଦେବାକୁ ଆହ୍ୱାନ କରିଥିଲେ । କାର୍ଯ୍ୟକ୍ରମରେ ଆରକ୍ଷୀ ଅଧୀକ୍ଷକ ଶ୍ରୀ ଅମ୍ପିତ ମହାନ୍ତି, ଉପ-ଜିଲ୍ଲାପାଳ ପ୍ରେମଲାଲ ହିଆଲ ଯୋଗଦେଇ ଆଇନ ଶୃଙ୍ଖଳା ଓ ପ୍ରଶାସନିକ ସହଯୋଗ ବିଷୟରେ ମତ ରଖିଥିଲେ । ୟୁନିସେଫ , ଭୁବନେଶ୍ୱରର ଶିଶୁ ସୁରକ୍ଷା ପରାମର୍ଶଦାତା ଶ୍ରୀ ଘାସିରାମ ପଣ୍ଡା ଜିଲ୍ଲା କାର୍ଯ୍ୟଯୋଜନାର ଲକ୍ଷ୍ୟ, ବିଭାଗୀୟ ଦାୟିତ୍ୱ, ନିରୀକ୍ଷଣ-ରିପୋର୍ଟିଂ ପ୍ରଣାଳୀ ଏବଂ କନଭର୍ଜେନ୍ସ ମେକାନିଜିମ୍ ଉପରେ ବିସ୍ତୃତ ଉପସ୍ଥାପନା କରିଥିଲେ । ସେ ଡିଏପି ୨୦୨୪-୨୦୨୯ର କୌଶଳ ଓ ବର୍ତମାନର ଜିଲ୍ଲା ସ୍ଥିତି ବିଷୟରେ ସୂଚନା ଦେଇଥିଲେ । ମହିଳା ଓ ଶିଶୁ ବିକାଶ ବିଭାଗରୁ ପ୍ରସନ୍ନ ମିଶ୍ର, ଉଡ-ଅଦ୍ୱିକା ସେଂଟର ଅଫ୍ ଏକ୍ସିଲେନ୍ସ, କିଶୋରୀ ସଶକ୍ତିକରଣରେ ଅଦ୍ୱିକାର ଭୂମିକା ଉପରେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମରେ ଜିଲ୍ଲା ପ୍ରକଳ୍ପ ସଂଯୋଜକ, ମମତା ଶ୍ରୀମତୀ ସମଦୁଆର ସ୍ୱାଗତ ଭାଷଣ ଦେଇଥିଲେ ଓ ସୁରକ୍ଷା-ସହ-କାର୍ଯ୍ୟକ୍ରମ ଅଧିକାରୀ ସୁଶ୍ରୀ ସୀମା ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । କାର୍ଯ୍ୟକ୍ରମରେ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଏବଂ ସମସ୍ତ ସିଡିପିଓ ଅଂଶଗ୍ରହଣ କରିଥିଲେ । ଆଲୋଚନାରେ ସମସ୍ତ ଅଧିକାରୀ ଗ୍ରାମ ପଂଚାୟତ ସ୍ତରରେ କାର୍ଯ୍ୟାନ୍ୱୟନ, ଡାଟା ସେୟାରିଂ ଏବଂ ମାସିକ ସମୀକ୍ଷା ପାଇଁ ସଂକଳ୍ପ ନେଇଥିଲେ ।

# ୩୪ ଲିଟର ଦେଶୀ ମଦ ଜବତ, ଦୁଇ ଗିରଫ

ଭୁବନ : (ହି.ସ.)- ଢେଙ୍କାନାଳ ଜିଲ୍ଲା ଭୁବନ ଅବକାରୀ ବିଭାଗ ବୁଧବାର ୩୪ ଲିଟର ଦେଶୀ ମଦ ଜବତ କରିବା ସହ ଘଟଣାରେ ଦୁଇ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିବା ସୂଚନା ମିଳିଛି । ଭୁବନ ଥାନା ଅନ୍ତର୍ଗତ ଶୁଣ୍ଡି କାଟେଣୀ ଓ କୀର୍ତନପୁର ଅଂଚଳରେ ଚୋରା ଦେଶୀ ମଦ କାରବାର ହେଉଥିବା ଖବର ପାଇ ଅବକାରୀ ନିରୀକ୍ଷକ ବୁଲୁ ପାତ୍ର ବୁଧବାର ସକାଳେ ସଦଳବଳେ ପାଟ୍ରୋଲିଂରେ ଯାଇଥିଲେ । ଶୁଣ୍ଡି କାଟେଣୀ ଗ୍ରାମର ସଫା ବେହେରାଙ୍କ ଠାରୁ ୧୬ ଲିଟର ଓ କୀର୍ତନପୁର ଗ୍ରାମର ରବି ନାରାୟଣ ଧୀରଙ୍କ ଠାରୁ ୧୮ ଲିଟର ( ସମୁଦାୟ ୩୪ ଲିଟର) ଦେଶୀ ମଦ ଜବତ କରାଯାଇ ଉଭୟ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା । ଭୁବନ ଅବକାରୀ ଇନ୍ସପେକ୍ଟର ବୁଲୁ ପାତ୍ରଙ୍କ ତତ୍ତ୍ୱାବଧାନରେ କନଷ୍ଟେବଲ ଶ୍ରଦ୍ଧାଞ୍ଜଳି ସାମଲ, ସୁଜିତ ନାୟକ, ଆଲୋକ କୁମାର ଜେନା ସହଯୋଗ କରିଥିଲେ । ଏ ସମ୍ପର୍କରେ କେଶ୍ ନଂ ୨୮/୨୦୨୬-୨୭ ଓ ୨୯/୨୦୨୬ ରେ ମାମଲା ରୁଜୁ କରାଯାଇ ଅଭିଯୁକ୍ତ ଦ୍ୱୟଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଅବକାରୀ ବିଭାଗ ପକ୍ଷରୁ ଜଣାପଡ଼ିଛି ।

# ଟପ୍ପର ଚିନ୍ମୟୀ ଓ ବନିତାଙ୍କୁ ସମ୍ବର୍ଦ୍ଧନା

ଭୁବନ : (ହି.ସ.)- ଭୁବନ ମହିଳା ହାୟର ସେକେଣ୍ଡାରୀ ସ୍କୁଲର ଯୁକ୍ତ ଦୁଇ କଳା ଛାତ୍ରୀ ଚିନ୍ମୟୀ ନାୟକ ୫୨୮ ( ୮୮ ପ୍ରତିଶତ) ଓ ବାଜି ରାଉତ ସ୍ମୃତି ହାୟର ସେକେଣ୍ଡାରୀ ସ୍କୁଲରେ ୫୪୧ ( ୯୦) ପ୍ରତିଶତ ନମ୍ବର ରଖି ଟପ୍ପର ହୋଇଥିବା ବନିତା ସାହୁଙ୍କୁ କଲେଜ ତରଫରୁ ସମ୍ବର୍ଦ୍ଧିତ କରାଯାଇଛି । ଭୁବନ ମହିଳା ମହାବିଦ୍ୟାଳୟରେ ଯୁକ୍ତ ଦୁଇ ଅଧ୍ୟକ୍ଷା ଶ୍ରୀମତୀ ସୁପ୍ତିମୟୀ ସେନଙ୍କ ସଭାପତିତ୍ୱରେ ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷ ଦିଲ୍ଲୀପ କୁମାର ଦାସ ମୁଖ୍ୟ ଅତିଥି ଓ ଡଃ. ମମତା ପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଚିନ୍ମୟୀ ନାୟକଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରିବା ସହିତ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ଅନୁରୂପ ଭାବେ ବାଜି ରାଉତ କଲେଜରେ ଟପ୍ପର ବନିତା ସାହୁଙ୍କୁ ମଧ ସମ୍ବର୍ଦ୍ଧନା ଦିଆଯାଇଛି । ଉଭୟ ଛାତ୍ରୀ ସେମାନଙ୍କ ସଫଳତା ପାଇଁ କଠିନ ପରିଶ୍ରମ, ଭଗବାନଙ୍କ ଆଶୀର୍ବାଦ ଓ ଟିୟୁସନ ସାର୍ ମନ୍ମଥ ପତିଙ୍କ ଉନ୍ନତମାନର ଶିକ୍ଷାଦାନ ଓ ମାର୍ଗଦର୍ଶନକୁ ଶ୍ରେୟ ଦେଇଛନ୍ତି । ଚିନ୍ମୟୀ ଓ ବନିତା ଭବିଷ୍ୟତରେ ଶିକ୍ଷୟିତ୍ରୀ ହେବାକୁ ଲକ୍ଷ୍ୟ ରଖିଛନ୍ତି ।

# ଜୟପୁର ପୌରପାଳିକାର ସାଧାରଣ ପରିଷଦ ବୈଠକ

ଜୟପୁର : (ହି.ସ.) - ଜୟପୁର ପୌର ସଭାଗୃହ ରେ ଆଜି ସାଧାରଣ ପରିଷଦ ବୈଠକରେ ଅନୁଷ୍ଠିତ ହୋଇଛି । ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ପୂଜା ରାଉତ ଙ୍କ ଆହ୍ୱାନରେ ଅନୁଷ୍ଠିତ ବୈଠକ ରେ ମୁଖ୍ୟ ଅତିଥି ଭାବେ ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି ଯୋଗ ଦେଇଥିଲେ । ସହରର ପରିଛନ୍ନତା, ପାନୀୟ ଜଳ, ରାସ୍ତାଘାଟ, ଆଲୋକୀକରଣ ଓ ଜନସାଧାରଣଙ୍କ ମୌଳିକ ସମସ୍ୟା ସମ୍ବନ୍ଧରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା ।ସ୍ୱଚ୍ଛ ଓ ସୁନ୍ଦର ଜୟପୁର ଗଠନ ପାଇଁ ମଶା ନିୟନ୍ତ୍ରଣ ଉଦ୍ଦେଶ୍ୟରେ ମଶା ନିପାତ ତେଲ କ୍ରୟ କରିବାକୁ ନିଷ୍ପତି ଗ୍ରହଣ ହେଲା । ଗତ ବୈଠକରେ ପାରିତ ହୋଇଥିବା ବଜେଟ୍ ବିଲ୍ ଆଜି ଅନୁମୋଦନ ପାଇଲା । ସେହିପରି ସାନିଟେସନ୍ ଟେଣ୍ଡର ସମ୍ବନ୍ଧୀୟ ଅନିୟମିତତା, କାଉନସିଲର ମାନଙ୍କ ଅଭିଯୋଗ ଓ ବିଭିନ୍ନ ସମସ୍ୟାକୁ ଜିଲ୍ଲାପାଳ ଗୁରୁତ୍ୱ ସହ ଅନୁଧ୍ୟାନ କରୁଛନ୍ତି । ଟାଟା ପାୱାରର ମନମାନି, ବାରମ୍ବାର ବିଦ୍ୟୁତ୍ କାଟ ସମସ୍ୟା, ସ୍ମାର୍ଟ ମିଟର ଲାଗୁକରଣ, ମିଟର ଭଡ଼ା ଆଦାୟ ଓ ଅପସାରିତ ନହୋଇଥିବା ବିଦ୍ୟୁତ୍ ଖୁଂଟ ସମସ୍ୟା ସମ୍ପର୍କରେ ମଧ ବୈଠକରେ ବିସ୍ତୃତ ଆଲୋଚନା ହୋଇଛି । ସ୍ମାର୍ଟ ମିଟର ଲଗାଇବା ବନ୍ଦ ନ ହେଲେ ଟାଟା ପାୱାର କୁ ଘେରାଉ କରାଯିବ ବୋଲି ବିଧାୟକ ବାହିନୀପତି ଚେତାବନୀ ଦେଇଛନ୍ତି କ୍ଷ ବିଧାନସଭାରେ ବିଧାୟକ ବାହିନୀପତି ଏହି ପ୍ରସଙ୍ଗ ଉଠାଇଥିବାରୁ ସ୍ମାର୍ଟ ମିଟର ଓ ମିଟର ଭଡ଼ା ପ୍ରକ୍ରିୟା ବର୍ତମାନ ବନ୍ଦ ରହିଛି । ଯଦି କେହି ସ୍ମାର୍ଟ ମିଟର ଲଗାଇବା ପାଇଁ ଆସନ୍ତି, ତେବେ ସେଥିରେ ସମସ୍ତେ ଏକତ୍ରିତ ଭାବେ ବିରୋଧ କରିବାକୁ ବିଧାୟକ ବାହିନୀପତି ନିବେଦନ କରିଛନ୍ତି । ବୈଠକ ରେ ପୌର ଅଧ୍ୟକ୍ଷ ନରେନ୍ଦ୍ର କୁମାର ମହାନ୍ତି, ଉପାଧ୍ୟକ୍ଷ ବି. ସୁନିତା, ପୌର ଯନ୍ତ୍ରୀ ଅଜୟ ଜାନି ଙ୍କ ସହ କାଉନସିଲର ଓ ବିଭିନ୍ନ ଲାଇନ ଡ଼ିପାଟମେଂଟର ଅଧିକାରୀ ମାନେ ଉପସ୍ଥିତ ଥିଲେ

# ରୋଜଗାର ମେଳାରେ ଓଡ଼ିଶାରୁ ୧୮୬ ନିଯୁକ୍ତି ପତ୍ର ବଂଟନ

ଭୁବନେଶ୍ୱର: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶନିବାର ଦିନ ୧୯ତମ ଜାତୀୟ ରୋଜଗାର ମେଳାର ଅଂଶସ୍ୱରୂପ ଭିଡିଓ କନଫରେନ୍ସି ମାଧ୍ୟମରେ ନବନିଯୁକ୍ତ ଯୁବକଯୁବତୀମାନଙ୍କୁ ୫୧,୦୦୦ ରୁ ଅଧିକ ନିଯୁକ୍ତି ପତ୍ର ବଂଟନ କରିଛନ୍ତି । ଦେଶବ୍ୟାପୀ ୪୭ଟି ସ୍ଥାନରେ ଏକକାଳୀନ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କ୍ରମରେ ଭୁବନେଶ୍ୱରରେ କେନ୍ଦ୍ର ଜନଜାତି ବ୍ୟାପାର ମନ୍ତ୍ରୀ ଶ୍ରୀ ଜୁଏଲ ଓରାମଙ୍କ ଅଧ୍ୟକ୍ଷତାରେ ରେଳ ଅଡିଟୋରିୟମ ଠାରେ ଆଂଚଳିକ ରୋଜଗାର ମେଳା ଅନୁଷ୍ଠିତ ହୋଇଥିଲା । ସମାବେଶକୁ ସମ୍ବୋଧିତ କରି ଶ୍ରୀ ଓରାମ ନବନିଯୁକ୍ତ ପ୍ରାର୍ଥୀମାନଙ୍କୁ ସାଧୁତା ଓ ନିଷ୍ଠା ବଜାୟ ରଖି ନିଜ ନିଜ ସଂଗଠନ ମଧ୍ୟରେ ସମ୍ମାନ ଅର୍ଜନ କରିବାକୁ ଏବଂ ନିଜର ସରକାରୀ କର୍ତ୍ତବ୍ୟ ସମ୍ପାଦନ ସମୟରେ ଜନସାଧାରଣଙ୍କ ସହ ସମ୍ମାନଜନକ ବ୍ୟବହାର କରିବାକୁ ଉତ୍ସାହିତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଓଡ଼ିଶାରୁ ମନୋନୀତ ୧୮୬ ଜଣ ପ୍ରାର୍ଥୀଙ୍କୁ ବିଭିନ୍ନ ସରକାରୀ ପଦବୀ ପାଇଁ ନିଯୁକ୍ତିପତ୍ର ପ୍ରଦାନ କରାଯାଇଥିଲା । ଏହି ନବନିଯୁକ୍ତ ପ୍ରାର୍ଥୀମାନେ ଭାରତ ସରକାରଙ୍କ ବିଭିନ୍ନ ମନ୍ତ୍ରଣାଳୟ ଏବଂ ବିଭାଗରେ ଯୋଗଦେବେ, ଯେଉଁଥିରେ ରେଳ ମନ୍ତ୍ରଣାଳୟ, ଗୃହ ମନ୍ତ୍ରଣାଳୟ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ, ଆର୍ଥିକ ସେବା ବିଭାଗ ଏବଂ ଉଚ୍ଚଶିକ୍ଷା ବିଭାଗ ଆଦି ଅନ୍ତର୍ଭୁକ୍ତ । ଭୁବନେଶ୍ୱରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅନେକ ବିଶିଷ୍ଟ ଅତିଥି ଯୋଗ ଦେଇଥିଲେ, ଯେଉଁମାନଙ୍କ ମଧ୍ୟରେ ପୂର୍ବତଟ ରେଳପଥର ମହାପ୍ରବନ୍ଧକ ଶ୍ରୀ ପରମେଶ୍ୱର ଫୁଙ୍କୱାଲ; ଏମ୍ସ ଭୁବନେଶ୍ୱରର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପ୍ରଫେସର ଡାକ୍ତର ଆଶୁତୋଷ ବିଶ୍ୱାସ; ଆଇଆଇଟି ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର ଶ୍ରୀପଦ କର୍ମକାର; ଓଡ଼ିଶା ସର୍କଲର ଚିଫ୍ ପୋଷ୍ଟ ମାଷ୍ଟର ଜେନେରାଲ ନିର୍ମଳଜିତ ସିଂହ; ଓଡ଼ିଶା ଏସଏଲବିସିର ମହାପ୍ରବନ୍ଧକ ଓ କନଭେନର ପ୍ରଣବ କୁମାର ବିଶ୍ୱାସ; ଭୁବନେଶ୍ୱରର ଆଂଚଳିକ ଭବିଷ୍ୟ ନିଧି କମିଶନର-୨ ଆବେଶ ମିଶ୍ର ଏବଂ ଭୁବନେଶ୍ୱରର ଏଜିଏମ (ଆକାଉଂଟସ୍) ବିକାଶ ରଞ୍ଜନ ସାହୁ ସାମିଲ ଥିଲେ । ରୋଜଗାର ମେଳା ହେଉଛି ଭାରତ ସରକାରଙ୍କ ଏକ ପ୍ରମୁଖ ପଦକ୍ଷେପ, ଯାହାର ଲକ୍ଷ୍ୟ ହେଉଛି ନିଯୁକ୍ତି ସୃଷ୍ଟିକୁ ତ୍ୱରାନ୍ୱିତ କରିବା ଏବଂ ଦେଶର ଯୁବବର୍ଗଙ୍କୁ ଅର୍ଥପୂର୍ଣ୍ଣ ଜୀବିକା ନିର୍ବାହର ସୁଯୋଗ ପ୍ରଦାନ କରିବା । ଏହି କାର୍ଯ୍ୟକ୍ରମ ଆରମ୍ଭ ହେବା ଦିନଠାରୁ ଦେଶବ୍ୟାପୀ ଆୟୋଜିତ ୧୯ଟି ରୋଜଗାର ମେଳା ମାଧ୍ୟମରେ ପ୍ରାୟ ୧୨ ଲକ୍ଷ ନିଯୁକ୍ତିପତ୍ର ବଂଟନ କରାଯାଇସାରିଛି ।

# ବିଏସ୍ଏନ୍ଏଲ୍‌ର କାର୍ଯ୍ୟପନ୍ଥା ସମ୍ପର୍କରେ ସମୀକ୍ଷା କଲେ ମନ୍ତ୍ରୀ

ଭୁବନେଶ୍ୱର: ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗ ମନ୍ତ୍ରୀ ଡ଼. ମୁକେଶ ମହାଲିଙ୍ଗ ଭାରତ ସଂଚାର ନିଗମ ଲିମିଟେଡ଼ (ବିଏସଏନଏଲ)ର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଅଧ୍ୟକ୍ଷତା କରି 'ଭାରତ ନେଟ୍ ପରିଯୋଜନା' ଫେଜ୍-୩ ର ପ୍ରଗତି ଏବଂ ଆଗାମୀ କାର୍ଯ୍ୟପନ୍ଥା ସମ୍ପର୍କରେ ସମୀକ୍ଷା କରିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ଡିଜିଟାଲ୍ ଇଣ୍ଡିଆ' ସଂକଳ୍ପକୁ ତୃଣମୂଳ ସ୍ତରରେ ସଫଳ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱାଧୀନ ସରକାର ପ୍ରତିବଦ୍ଧତାର ସହ କାର୍ଯ୍ୟ କରୁଛି । ଗ୍ରାମୀଣ ଓଡ଼ିଶାକୁ ଡିଜିଟାଲ୍ ଭାବେ ସଶକ୍ତ କରିବା ଦିଗରେ ଭାରତନେଟ୍ ପ୍ରକଳ୍ପ ଏକ ମାଇଲଷ୍ଟୋନ ସାବ୍ୟସ୍ତ ହେବ । ହାଇସ୍ପିଡ ଇଂଟରନେଟ୍ ସେବା ମାଧ୍ୟମରେ ଶିକ୍ଷା, ସ୍ୱାସ୍ଥ୍ୟ, ଇ-ଗଭର୍ନାନ୍ସ ଓ ଡିଜିଟାଲ୍ ଅର୍ଥନୀତିକୁ ଗ୍ରାମ ସ୍ତରରେ ଆହୁରି ସୁଦୃଢ଼ କରାଯିବ ବୋଲି ମାନ୍ୟବର ମନ୍ତ୍ରୀ ଡ଼. ମହାଲିଙ୍ଗ ଏହି ସମୀକ୍ଷା ଅବସରରେ କହିଥିଲେ । ଏହି ଯୋଜନା ପାଇଁ କେନ୍ଦ୍ର ସରକାର ଓଡ଼ିଶା ପ୍ରଦେଶରେ ପ୍ରାୟ ୪୦୦୦ କୋଟି ଟଙ୍କା ଖର୍ଚ୍ଚ କରିବେ । ଏହାକୁ ଆଗାମୀ ୩ ବର୍ଷରେ ଶେଷ କରାଯିବ । ବ୍ଲକକୁ ଗୋଟିଏ ୟୁନିଟ ହିସାବରେ ବ୍ଲକ ଅପ୍ଟିକାଲ ଫାଇବର ସଂଯୋଗୀକରଣ କେନ୍ଦ୍ର ପ୍ରତିଷ୍ଠା କରାଯାଇ, ସେଠାରୁ ପଂଚାୟତକୁ ଯୋଡି ପଂଚାୟତ ଅପ୍ଟିକାଲ ଫାଇବର ସଂଯୋଗୀକରଣ କେନ୍ଦ୍ର କରାଯିବ ଓ ପଂଚାୟତରୁ ଘରକୁ ଘର ସଂଯୋଗ କରାଯିବ । ଏହି ଯୋଜନା ପାଇଁ ଆବେଦନ କଲାପରେ ଆବେଦନକାରୀଙ୍କୁ ଅପ୍ଟିକାଲ ଫାଇବର ସଂଯୋଗୀକରଣ ଦିଆଯିବ । ଏଥିରେ ଆବେଦନକାରୀଙ୍କୁ ଟେଲିଫୋନ ଏବଂ ବ୍ରୋଡବ୍ୟାଣ୍ଡ ଯୋଗାଇ ଦିଆଯିବ । ଏହା ଫଳରେ ଗ୍ରାମୀଣ ଓଡିଶା କୁ ନିରବିଚ୍ଛିନ ଇଂଟରନେଟ୍ ସେବା ଭିତିଭୂମିକୁ ଆହୁରି ସୁଦୃଢ଼ କରାଯିବ ଏବଂ 'ଭାରତ ନେଟ୍ ପରିଯୋଜନା' ଫେଜ୍-୩ ରେ ଏହାକୁ ଶେଷ କରାଯିବାକୁ ଲକ୍ଷ ରଖାଯାଇଛି । ଏହି ବୈଠକରେ ବିଏସଏନଏଲ ବୋର୍ଡର ନିର୍ଦ୍ଦେଶକ (ଏଂଟରପ୍ରାଇଜେସ୍) ପାପା ସୁଧାକର ରାଓ, ବିଏସଏନଏଲ ଓଡ଼ିଶା ସର୍କଲର ମୁଖ୍ୟ ପ୍ରବନ୍ଧକ ଶ୍ରୀ ଡି.କେ. ବେହେରା ଏବଂ ଓକାକର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଦୀପ ରାଉତଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀ ମାନେ ଉପସ୍ଥିତ ଥିଲେ ।

# ସିଟି ଷ୍ଟେସନରେ ଇଂଟରସିଟି ରହଣି ପାଇଁ ପ୍ରୋଗ୍ରେସିଭ ସମ୍ବଲପୁର ପକ୍ଷରୁ ଦାବି

ସମ୍ବଲପୁର(ହିସ): ପ୍ରୋଗ୍ରେସିଭ ସମ୍ବଲପୁରର ଏକ ପ୍ରତିନିଧି ଦଳ ଆବାହକ ସଞ୍ଜିତ ମହାନ୍ତିଙ୍କ ନେତୃତ୍ୱରେ ବିଭିନ୍ନ ସଂଗଠନର ପ୍ରତିନିଧି ଦଳ ଆଜି ସମ୍ବଲପୁର ଡିଆରଏମଙ୍କୁ ଭେଟି ସମ୍ବଲପୁର ଓ ପାଖ ପାଖି ଅଂଚଳର ରେଳ ଯାତ୍ରୀମାନଙ୍କ ସୁବିଧା ପାଇଁ ସମ୍ବଲପୁର-ପୁରୀ ଇଂଟରସିଟି ଏକ୍ସପ୍ରେସ (୧୮୩୦୩) ଓ ପୁରୀ-ସମ୍ବଲପୁର ଇଂଟରସିଟି ଏକ୍ସପ୍ରେସର (୧୮୩୦୪) ସମ୍ବଲପୁର ଲୋକଙ୍କ ପାଇଁ କେତେ ଗୁରୁତ୍ୱପୂର୍ଣ୍ଣ ସେ ଦିଗରେ ଆଲୋକପାତ କରିଥିଲେ । ଏହି ଟ୍ରେନ ସମ୍ବଲପୁର ଓ ପଶ୍ଚିମ ଓଡ଼ିଶାକୁ ରାଜଧାନୀ ଭୁବନେଶ୍ୱର ସହ ଯୋଡ଼ିଥିବା ଏକ ପ୍ରମୁଖ ଯାତ୍ରୀବାହୀ ଟ୍ରେନ ହୋଇଥିବା ବେଳେ ହଜାର ହଜାର ସରକାରୀ ଓ ଘରୋଇ କର୍ମଚାରୀ, ଛାତ୍ରଛାତ୍ରୀ, ଉଚ୍ଚ ଚିକିତ୍ସା ଯାଉଥିବା ରୋଗୀ, ବ୍ୟବସାୟୀ ଓ ସାଧାରଣ ଲୋକ ଏହା ଉପରେ ନିର୍ଭର କରିଥାନ୍ତି । ପୁରୀ-ସମ୍ବଲପୁର ଇଂଟରସିଟି ଟ୍ରେନର ନିୟମିତ ବିଳମ୍ବ ଯୋଗୁଁ ଅନେକ ସମୟରେ ଟ୍ରେନ ରାତି ୧୨ଟା ପରେ ସମ୍ବଲପୁର ପହଂଚୁଥିବାରୁ ଯାତ୍ରୀମାନେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବିଶେଷ କରି ମହିଳା, ବୟସ୍କ, ରୋଗୀ ଓ ଦୈନିକ ଯାତ୍ରୀମାନଙ୍କ ପାଇଁ ଏହା ଗୁରୁତର ସମସ୍ୟା ସୃଷ୍ଟି କରୁଛି । ସେହିପରି ସମ୍ବଲପୁର ରେଳ ଷ୍ଟେସନର ୫ ଓ ୬ ନମ୍ବର ପ୍ଲାଟଫର୍ମରୁ ଇଂଟରସିଟି ଟ୍ରେନ ଚଳାଚଳ ଯୋଗୁଁ ସାଧାରଣ ତଥା ସମସ୍ତ ବର୍ଗର ଯାତ୍ରୀଙ୍କୁ ହେଉଥିବା ଅସୁବିଧା ସମ୍ପର୍କରେ ମଧ୍ୟ ଡିଆରଏମଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା । ପ୍ରୋଗ୍ରେସିବ ସମ୍ବଲପୁର ପକ୍ଷରୁ ସମ୍ବଲପୁର ସିଟି ଷ୍ଟେସନରେ ସମ୍ବଲପୁର-ପୁରୀ ଇଂଟରସିଟି ଟ୍ରେନର ରହଣି ପ୍ରଦାନ ପାଇଁ ଦୃଢ ଦାବି କରାଯାଇଥିଲା ବିଶେଷ ଭାବରେ ଫାଟକ ଷ୍ଟେସନ (ସମ୍ବଲପୁର ରୋଡ଼ ଷ୍ଟେସନ) ବନ୍ଦ ହୋଇଯାଇଥିବାରୁ ସହରର ଅନ୍ୟ ଅଂଚଳର ବହୁ ସଂଖ୍ୟକ ଯାତ୍ରୀ ସିଟି ଷ୍ଟେସନରେ ରହଣି ଦାବି କରୁଛନ୍ତି । ଡିଆରଏମ ପ୍ରତିନିଧି ଦଳକୁ ଆଶ୍ୱାସନ ଦେଇ କହିଥିଲେ ଯେ, ଉଠାଯାଇଥିବା ଦାବିଗୁଡ଼ିକୁ ରେଳ ପ୍ରଶାସନ ପକ୍ଷରୁ ଗୁରୁତ୍ୱ ସହ ବିଚାର କରାଯାଉଛି । ଯାତ୍ରୀମାନଙ୍କ ସୁବିଧା ପାଇଁ ଲିଫ୍ଟ ଓ ଏସ୍କାଲେଟର ବ୍ୟବସ୍ଥା କରାଯିବ, ସମ୍ବଲପୁର ସିଟି ଷ୍ଟେସନର କାର୍ଯ୍ୟ ଶୀଘ୍ର ସମ୍ପୂର୍ଣ୍ଣ କରାଯିବ, ଏବଂ ସମ୍ବଲପୁର ସିଟି ଷ୍ଟେସନରେ ଇଂଟରସିଟି ଟ୍ରେନର ହଲ୍ଟ ପ୍ରଦାନ ପ୍ରସ୍ତାବ ଉପରେ ପଦକ୍ଷେପ ନେବା ପାଇଁ ସୂଚନା ଦେଇଥିଲେ ।

# ରୋଟାରୀ କ୍ଲବ୍ ଶାଶ୍ୱତର ସ୍ୱାସ୍ଥ୍ୟ ସଚେତନତା ଶିବିର ଓ ଆଣ୍ଠୁ ରୋଗ ସମ୍ପର୍କିତ କର୍ମଶାଳା, 'ଫାଇଭ୍ ପି' ଉପରେ ଡାକ୍ତରଙ୍କ ଗୁରୁତ୍ୱାରୋପ




ବାଲେଶ୍ୱର: ଭୁବନେଶ୍ୱର ଉତ୍କଳ ହସ୍ପିଟାଲ ଓ ବାଲେଶ୍ୱର ରୋଟାରୀ କ୍ଲବ୍ ଶାଶ୍ୱତ ପକ୍ଷରୁ ଆଜି ସନ୍ଧ୍ୟାରେ ସ୍ୱାସ୍ଥ୍ୟ ସଚେତନତା ଶିବିର ଓ ଆଣ୍ଠୁ ରୋଗ ସମ୍ପର୍କିତ ଏକ କର୍ମଶାଳା ସହରର ଆଇଟିଆଇ ଛକସ୍ଥିତ ଓଡ଼େଶା ଭବନରେ ଅନୁଷ୍ଠିତ ହୋଇଯାଇଛି । କ୍ଲବ୍ ର ସଭାପତି ରୋଟାରିୟାନ୍ ଡକ୍ଟର ଲକ୍ଷ୍ମୀ ନାରାୟଣ ମହାନ୍ତି ଏଥିରେ ସଭାପତିତ୍ୱ କରିବା ସହ ଶିବିର ଆୟୋଜନ ସମ୍ପର୍କରେ ଆଲୋକ ପାତ କରିଥିଲେ । ପ୍ରତ୍ୟେକ ବ୍ୟକ୍ତିଙ୍କ ପାଇଁ ସ୍ୱାସ୍ଥ୍ୟ ହିଁ ସମ୍ପଦ ହୋଇଥିବା ବେଳେ ସମସ୍ତେ ଏଥିପ୍ରତି ଯତ୍ନବାନ ହେବାର ଆବଶ୍ୟକତା ରହିଛି ବୋଲି ଡ. ମହାନ୍ତି କହିଥିଲେ । ଭୁବନେଶ୍ୱର ଉତ୍କଳ ହସ୍ପିଟାଲ ର ସୁନାମଧନ୍ୟ ଅସ୍ଥିଶଲ୍ୟ ବିଶେଷଜ୍ଞ ଡା.ପ୍ରଦୀପ କୁମାର ସାହୁ କାର୍ଯ୍ୟକ୍ରମରେ ଯୋଗ ଦେଇ 'ନି ରିପ୍ଲେସ୍ମେଂଟ୍ ସର୍ଜରୀ' ଉପରେ ଆଲୋଚନା କରିଥିଲେ । ବିଶେଷ କରି ଆଣ୍ଠୁରୋଗୀମାନଙ୍କ ପାଇଁ ଚିକିତ୍ସା ଠାରୁ ଆରମ୍ଭ କରି ଅପରେସନ୍ ହେବା ପର୍ଯ୍ୟନ୍ତ ବିଭିନ୍ନ ପଦ୍ଧତି ଉପରେ ସମସ୍ତଙ୍କୁ ପ୍ରାଞ୍ଜଳ ଭାବେ ବୁଝାଇଥିଲେ । ସେହିପରି ଦୈନନ୍ଦିନ ବ୍ୟାୟମ ସାଙ୍ଗକୁ ବୟସ୍କ ଆଣ୍ଠୁରୋଗୀଙ୍କ ପାଇଁ 'ଫାଇଭ୍ ପି' ବା ୫ଟି 'ପି' ଉପରେ ଡାକ୍ତର ସାହୁ ଗୁରୁତ୍ୱାରୋପ କରିଥିଲେ । ସେଥି ମଧ୍ୟରୁ ତଳେ ବସି ପୂଜା ନ କରି ଛିଡ଼ା ହୋଇ ପୂଜା କରିବା, ପିଢ଼ା ବ୍ୟବହାର କମ୍ କରିବା, ପନିକିରେ ବସି ପରିବା କାଟିବା ବଦଳରେ ଛୁରୀରେ ପରିବା କାଟିବା, ଅତି ଆବଶ୍ୟକ ନ ହେଲେ ପାହାଚ ନ ଚଢ଼ିବା, ପାଇଖାନରେ କମୋର୍ଟ ବ୍ୟବହାର କରିବା ପାଇଁ ପରାମର୍ଶ ଦେଇଥିଲେ । ସେହିପରି ଡା. ସାହୁ ରୋଗୀମାନଙ୍କର ବିଭିନ୍ନ ପ୍ରଶ୍ନ ର ଉତର ରଖିଥିଲେ । କ୍ଲବ୍ ର ସମ୍ପାଦକ ରୋଟାରିୟାନ୍ ରାଜକିଶୋର ମିଶ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ପୂର୍ବତନ ସଭାପତି ରୋଟାରିୟାନ୍ ଡ. ଉପେନ୍ଦ୍ର ନାଥ ପାତ୍ର ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ କ୍ଲବ ପକ୍ଷରୁ ଡା.ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । କ୍ଲବ୍ ର ପୂର୍ବତନ ସଭାପତି ରୋଟାରିୟାନ୍ ହୃଷିକେଷ ସାହୁ, ରୋଟାରିୟାନ୍ ସୁକୁମାର ନାୟକ, ରୋଟାରିୟାନ୍ ବିଜୟ କୁମାର ଦାସ୍, ରୋଟାରିୟାନ୍ ଶିଶିର ଚନ୍ଦ୍ର ଜେନା, ରୋଟାରିୟାନ୍ ସୀତାରାମ ସେଠୀ, ରୋଟାରିୟାନ୍ ଶଶାଙ୍କ ଶେଖର ଦେ, ରୋଟାରୀ ଶାଶ୍ୱତ କ୍ଲବ୍ ଇନରହ୍ୱିଲ୍ ର ସଂପାଦିକା ରୋଟାରିୟାନ୍ ସୁସନ୍ଧ୍ୟା ସ୍ୱାଇଁ, ସଦସ୍ୟା ବିଜୟଲକ୍ଷ୍ମୀ ମିଶ୍ର, ଆରତୀ ମଲ୍ଲିକ୍ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ଏହି ଶିବିରରେ ସହରର ବିଭିନ୍ନ ସ୍ଥାନରୁ ଶତାଧିକ ରୋଗୀ ଓ ସେମାନଙ୍କର ପରିବାର ଯୋଗ ଦେଇଥିଲେ ।

# ଜନ ଭାଗିଦାରୀ ଅଭିଯାନରେ ସଫେଇ କାର୍ଯ୍ୟକ୍ରମ



କଟକ(ନିପ୍ର): ଜନ ଜାତୀୟ ଗରିମା ଉତ୍ସବ ଅବସରରେ ଦେଶବ୍ୟାପୀ ଚାଲିଥିବା ଜନ ଭାଗୀଦାରୀ - ସବସେ ଦୂର ସବସେ ପେହଲେ ବା ସବୁଠାରୁ ଦୂରରେ ସର୍ବପ୍ରଥମେ ଅଭିଯାନ ଅନ୍ତର୍ଗତ ଆଜି କଟକ ଜିଲ୍ଲାର ଆଠଗଡ ବ୍ଲକ ରେ ଏକ ସ୍ୱଚ୍ଛତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । କାର୍ଯ୍ୟକ୍ରମରେ ନାଏବ ସରପଂଚ, ଓ ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଗ୍ରାମବାସୀଙ୍କୁ ସ୍ୱଚ୍ଛତାର ଗୁରୁତ୍ୱ ସମ୍ପର୍କରେ ସଚେତନ କରିଥିଲେ । ଗ୍ରାମର ରାସ୍ତାଘାଟ, ସାର୍ବଜନୀନ ସ୍ଥାନ ଓ ପରିବେଶ ପରିଷ୍କାର ରଖିବା ସହ ସ୍ୱାସ୍ଥ୍ୟକର ଜୀବନଯାପନ ପାଇଁ ସମସ୍ତଙ୍କୁ ସଚେତନ ହେବାକୁ ଆହ୍ୱାନ କରାଯାଇଥିଲା । ସେହିପରି ବାରଙ୍ଗ ଓ ଟାଙ୍ଗୀ-ଚୌଦ୍ୱାର ବ୍ଲକରେ ଜନଶୁଣାଣି, ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହୋଇଥିଲା । ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀମାନେ ଶିବିରରେ ଉପସ୍ଥିତ ରହି ଗ୍ରାମବାସୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ବିଭିନ୍ନ ରୋଗର ଚିହ୍ନଟ କରି ଆବଶ୍ୟକ ଚିକିତ୍ସା ପରାମର୍ଶ ଦେଇଥିଲେ । ଏହା ସହ ରୋଗୀମାନଙ୍କୁ ବିନା ମୂଲ୍ୟରେ ଔଷଧ ବଂଟନ କରାଯାଇଥିଲା । ଜନ ଶୁଣାଣିରେ ବିଭିନ୍ନ ବିଭାଗ ସମ୍ପର୍କିତ ଅଭିଯୋଗ ହସ୍ତଗତ ହୋଇଥିଲା । ସମସ୍ତ କାର୍ଯ୍ୟ ସୂଚାରୁ ରୂପେ ପରିଚାଳନା କରିବା ପାଇଁ ସମ୍ପୃକ୍ତ ବ୍ଲକର ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ମାନେ ଉପସ୍ଥିତ ରହି ସହଯୋଗ କରିଥିଲେ । ଗ୍ରାମାଂଚଳରେ ସରକାରଙ୍କ ଲୋକାଭିମୁଖୀ ଯୋଜନା ପହଂଚାଇବା ଜନଭାଗୀଦାରୀ ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ।

# ଠକେଇ ମାମଲାରେ ଜଣେ ଗିରଫ

ଜୟପୁର(ହିସ): ଠକେଇ ମାମଲା ରେ ଜଣେ ଅଭିଯୁକ୍ତ କୁ ଗିରଫ କଲା ଜୟପୁର ଟାଉନ ପୋଲିସ । ଗିରଫ ଅଭିଯୁକ୍ତ ଜଣକ ହେଲେ ଲକ୍ଷ୍ମୀ କାନ୍ତ ପଣ୍ଡା । ଏନେଇ ଆଜି ଜୟପୁର ଟାଉନ ଥାନା ରେ ସାମ୍ବାଦିକ ସମ୍ମିଳନୀ କରି ଏସଡ଼ିପିଓ ଅର୍ଚ୍ଚିତା ମିତଲ ସୂଚନା ଦେଇଛନ୍ତି । ସୂଚନା ଅନୁଯାଇ ୨୦୨୬ ମସିହା ମେ ୧୧ ତାରିଖ ଦିନ, ଜୟପୁରର ନୂଆ ସାହିର ବାସିନ୍ଦାମାନେ ଅଭିଯୋଗ କରିଥିଲେ ଯେ ସେମାନଙ୍କ ଗଳିରେ ରହୁଥିବା ଲକ୍ଷ୍ମୀକାନ୍ତ ପଣ୍ଡା ନାମକ ଜଣେ ବ୍ୟକ୍ତି ସେମାନଙ୍କୁ ଆର୍ଥିକ ସହାୟତା ଯୋଗାଇଦେବା ନାମରେ ବ୍ୟାଙ୍କ ଖାତା ଖୋଲିବା, ରିହାତି ଦରରେ ଋଣ ଯୋଗାଇବା, ଶୀଘ୍ର ଋଣ ବଂଟନ କରିବା ଆଦି ପ୍ରତିଶ୍ରୁତି ଦେଇଥିଲେ । ତାଙ୍କ କଥାରେ ବିଶ୍ୱାସ କରି ଓ ଆଶ୍ୱାସନା ପାଇ ଲୋକମାନେ ତାଙ୍କୁ ନଗଦ ଟଙ୍କା ଓ ଅଳଙ୍କାର ଦେଇଥିଲେ । କିନ୍ତୁ ଦିନେ ସେମାନେ ଦେଖିଲେ ଯେ ଲକ୍ଷ୍ମୀକାନ୍ତ ପଣ୍ଡାଙ୍କ ଫୋନ୍ ସ୍ୱିଚ୍ ଅଫ୍ ଅଛି ଏବଂ ସେ ଅଂଚଳରୁ ଫେରାର ହୋଇଯାଇଛନ୍ତି । ଏହି ମାମଲାକୁ ଗୁରୁତର ସହ ନେଇ ପୋଲିସ ମାମଲା ରୁଜୁ କରି ମାମଲାର ତଦନ୍ତ ଆରମ୍ଭ କରିଥିଲା । ତଦନ୍ତ ସମୟରେ ପୋଲିସ ଜାଣିବାକୁ ପାଇଲା ଯେ ଅଭିଯୁକ୍ତଙ୍କ ନାମରେ ପୂର୍ବରୁ କଟକ, ପୁରୀ, ଯାଜପୁର, ବାଲେଶ୍ୱର ଓ ଭଦ୍ରକ ଭଳି ଜିଲ୍ଲାରେ ଅନେକ ଅଭିଯୋଗ ଦାଖଲ ହୋଇଛି । ସେ ଜଣେ ଫେରାର ଅଭିଯୁକ୍ତ ଥିଲେ ଏବଂ ବାଲେଶ୍ୱର ଜିଲ୍ଲାରେ ତାଙ୍କ ବିରୋଧରେ ଏନବିଡବ୍ଲୁ ପାଇଁ ମଧ୍ୟ ପ୍ରାର୍ଥନା କରାଯାଇଥିଲା । ବିଶ୍ୱସ୍ତ ଗୁଇନ୍ଦା ସୂଚନା ଏବଂ ସାଇବର ସେଲରୁ ତଥ୍ୟ ଆଧାରରେ ଟିମ୍ ଅଭିଯୁକ୍ତ ଜଣକ ରାଉରକେଲାରେ ଥିବା ଜାଣିବାକୁ ପାଇଥିଲା । ସୂଚନା ଆଧାରରେ ଏକ ଟିମ ଅଭିଯୁକ୍ତ କୁ ଗିରଫ ପାଇଁ ରାଉରକେଲା ଯାଇ ଗିରଫ କରିଥିଲା । ଅଭିଯୁକ୍ତ ଠାରୁ ପୋଲିସ ମୋଟ ୨୦ ଲକ୍ଷ ଟଙ୍କାର ମୂଲ୍ୟବାନ ସାମଗ୍ରୀ ଜବତ କରାଯାଇଥିଲା, ଯେଉଁଥିରେ ୩.୯୨ ଲକ୍ଷ ଟଙ୍କା ନଗଦ, ୧୩ ଲକ୍ଷ ଟଙ୍କାର ସୁନା ଓ ରୂପା ଅଳଙ୍କାର, ଗୋଟିଏ ହେରା ଗ୍ଲାମର ମୋଟରସାଇକେଲ, ଏବଂ ଅପରାଧରୁ ଅର୍ଜିତ ଟଙ୍କାରେ କିଣାଯାଇଥିବା ଅନ୍ୟାନ୍ୟ ସାମଗ୍ରୀ ଯେପରିକି ଏସି , ଫର୍ଣ୍ଣିଚର, କମ୍ପ୍ୟୁଟର ଆଦି ରହିଛି । ଏହା ସହିତ ୧୭ ଟି ଥିବା ଆଇଏମଇ ଆଇ ୯ ଟି ମୋବାଇଲ୍ ହ୍ୟାଣ୍ଡ ସେଟ୍ ଏବଂ ୭ ଟି ସିମ୍ କାର୍ଡ ମଧ୍ୟ ଜବତ କରାଯାଇଥିଲା । ପୋଲିସ ତାଙ୍କ ଘରୁ ୩୧ ଟି ଅତିରିକ୍ତ ସିମ୍ କାର୍ଡ ସହିତ ୩ ଟି ମେମୋରୀ କାର୍ଡ ମଧ୍ୟ ପାଇଥିଲା । ପ୍ରମାଣ ଆଧାରରେ ପୋଲିସ ଟିମ୍ ଅଭିଯୁକ୍ତ ଲକ୍ଷ୍ମୀକାନ୍ତ ପଣ୍ଡାଙ୍କୁ ଗିରଫ କରିଥିଲା ।

# ଭାଜପା ମହିଳା ମୋର୍ଚ୍ଚାର ଜନ ଆକ୍ରୋଶ ସମାବେଶ

ଜୟପୁର(ହିସ): କୋରାପୁଟ ଜିଲ୍ଲା ବୋରିଗୁମ୍ମା ଜୋନ ଭାରତୀୟ ଜନତା ପାର୍ଟି ମହିଳା ମୋର୍ଚ୍ଚା ପକ୍ଷରୁ ଆଜି ବୋରିଗୁମ୍ମା ମଣ୍ଡଳ ଅଂଚଳରେ ଏକ ବିଶାଳ ଜନ ଆକ୍ରୋଶ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି ଓ ମହିଳା ବିଲକୁ ବିରୋଧୀ ଦଳ ବିରୋଧ କରାଯାଇଥିବା ପ୍ରସଙ୍ଗକୁ ନେଇ ଭାଜପା ପକ୍ଷରୁ ଏହି ପ୍ରତିବାଦ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ଓ ସ୍ଥାନୀୟ ରାମ ମନ୍ଦିର ପ୍ରାଙ୍ଗଣରୁ ପଦଯାତ୍ରା ଆରମ୍ଭ ହୋଇ ଟ୍ରାଫିକ ଛକ ପର୍ଯ୍ୟନ୍ତ ପଦଯାତ୍ରା ବାହାରିଥିଲା । ପଦଯାତ୍ରାରେ ମହିଳା ମୋର୍ଚ୍ଚାର ଶତାଧୁକ କର୍ମୀ ଓ ନେତୃ ସାମିଲ ହୋଇ ବିରୋଧୀ ଦଳଙ୍କ ବିରୋଧରେ ବିଭିନ୍ନ ସ୍ଲୋଗାନ ଦେଇଥିଲେ ମହିଳା ବିଲକୁ ବିରୋଧ କରି ମହିଳାମାନଙ୍କ ସ୍ୱାଭିମାନକୁ କଂଗ୍ରେସ ଓ ବିଜେଡ଼ି ଦ୍ୱାରା ଆଘାତ କରାଯାଇଛି ବୋଲି ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ଅଭିଯୋଗ କରାଯାଇଥିଲା ଓ ଏହି ସମାବେଶରେ ମହିଳା ମୋର୍ଚ୍ଚା ନେତ୍ରୀ ଦୀପାଞ୍ଜଳୀ ପଣ୍ଡା, ବାସନ୍ତୀ ଶତପଥୀ, ଅଞ୍ଜଳୀ ମିଶ୍ର, ସ୍ୱାତି ହୋତା, ସୀମା କରଣ, ଭବାନୀ ରେଡ଼ି ଓ ଅନ୍ୟ ଭାଜପା ନେତ୍ରୀ ପ୍ରମୁଖ ଉପସ୍ଥିତ ରହି ଆନ୍ଦୋଳନର ନେତୃତ୍ୱ ନେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ବୋରିଗୁମ୍ମା ମଣ୍ଡଳ ସଭାପତି ବିଘ୍ନେଶ୍ୱର ଷଡ଼ଙ୍ଗୀ, ରାଜ ସିଂ, ଶ୍ରୀନିବାସ ରାଓ, ଚକ୍ର ଗାଦବ, ସିମାଂଚଳ ମହାରଣା, ପ୍ରବୀନ, ଜଗଦୀଶ, ମାନସ ରଥ, ନରହରି ଫେଂଟିଆ, ଗଜେନ୍ଦ୍ର ବିଶୋଇ, ରଞ୍ଜନ ମିଶ୍ର,ସରଭ ଦୋରାଙ୍କ ସମେତ ବହୁ ସଂଖ୍ୟକ ଦଳୀୟ କର୍ମକର୍ତ୍ତା ଓ ସ୍ଥାନୀୟ ନେତୃବୃନ୍ଦ ଉପସ୍ଥିତ ଥିଲେ ।

# ବିଦ୍ୟୁତ୍ କାଟକୁ ନେଇ ସାମ୍ବାଦିକ ସମ୍ମିଳନୀ: ଟିପିସିଓଡିଏଲ୍ କାର୍ଯ୍ୟାଳୟ ଘେରାଉ ୨୫ରେ



ନୟାଗଡ଼(ନିପ୍ର): ନୟାଗଡ଼ ଜିଲ୍ଲାରେ ସୃଷ୍ଟି ହୋଇଥିବା ବିଦ୍ୟୁତ୍ ବିଭ୍ରାଟକୁ ନେଇ ଆସନ୍ତା ୨୫ ତାରିଖ ସୋମବାର ବିଦ୍ୟୁତ୍ କାର୍ଯ୍ୟାଳୟ ଘେରାଉ କରିବାକୁ ଚେତାବନୀ ଦେଇଛି ବିଜୁ ଜନତା ଦଳ । ଆଜି ଜିଲ୍ଲା ବିଜେଡି କାର୍ଯ୍ୟାଳୟରେ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ, ରାଜ୍ୟ ସରକାରଙ୍କ ଅପରଗତା ଯୋଗୁଁ ବିଦ୍ୟୁତ୍ ବିଭ୍ରାଟ ପରିସ୍ଥିତି ସୃଷ୍ଟି ହୋଇଥିବା କହିଛନ୍ତି । ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀ ବିଜୁଳି କାଟ ହେବ ନାହିଁ ବୋଲି ଘୋଷଣା କରିଥିବା ବେଳେ ଏବେ ପରିସ୍ଥିତି ଭୟଙ୍କର ସମୟରେ ବିଭିନ୍ନ ଆଳ ଦେଖାଉଥିବା ଅଭିଯୋଗ କରିଛନ୍ତି । ସାଧାରଣ ଲୋକ, ରୋଗୀ ଓ ଛାତ୍ରଛାତ୍ରୀମାନେ ବିଦ୍ୟୁତ୍ ବିଭ୍ରାଟ କାରଣରୁ ନାହିଁ ନଥିବା ହଇରାଣ ହେଉଛନ୍ତି । ଭାରପ୍ରାପ୍ତ ଟାଟା ପାୱାର ଯେଉଁଳି ଖାମଖିଆଲି ଢଙ୍ଗରେ ବିଜୁଳି ଶକ୍ତି ପରିଚାଳନା କରି ଲକ୍ଷ ଲକ୍ଷ ବିଦ୍ୟୁତ୍ ଉପଭୋକ୍ତାଙ୍କୁ ଘୋର ସଙ୍କଟ ଭିତରକୁ ଠେଲୁଛି । ବିଜୁ ଜନତା ଦଳ ଏହାର ଦୃଢ଼ ନିନ୍ଦା କରିବା ସହିତ ତୁରନ୍ତ ଏହାର ପ୍ରତିକାର ପାଇଁ ଦାବୀ ରଖିଛି । ସ୍ମାର୍ଟ ମିଟର ବସାଇ ଅଘୋଷିତ ଭାବରେ ରାତି ଅଧିଆ ଲାଇନ କାଟି ଦେଉଥିବା ଟାଟା ପାୱାର ଯେତେବେଳେ ବିଦ୍ୟୁତ୍ ଶୁଳ୍କ ଆଦାୟରେ ଏକ ଘଂଟା ବି ବିଳମ୍ବ କରୁନାହିଁ, ସେତିକି ବେଳେ ମରାମତି ଆଳରେ ଘଂଟା ଘଂଟା, ଦିନ ଦିନ ଧରି ବିଜୁଳି କାଟିବା, ଉପଭୋକ୍ତାଙ୍କୁ ଅନ୍ଧାରରେ ରଖିବା, ଲୋ- ଭୋଲଟେଜ ସମସ୍ୟା ସୃଷ୍ଟିକରି ଲକ୍ଷ ଲକ୍ଷ ଟଙ୍କାର ମୋଟର, କମ୍ପୁଟରକୁ ପୋଡି ଅଚଳ କରିଦେବା, ରୋଗୀ, ବୃଦ୍ଧ, ଶିଶୁଙ୍କୁ ଗରମରେ ସଢ଼ାଇ ମାରିବା, ସ୍ୱାସ୍ଥ୍ୟକେନ୍ଦ୍ର ଓ ପାନୀୟ ଜଳ ଯୋଗାଣରେ ଅଚଳାବସ୍ଥା ସୃଷ୍ଟି ହେବା, ଅଫିସ ଦପ୍ତରର କମ୍ପ୍ୟୁଟରକୁ ନିକମା କରି ଲୋକଙ୍କ କାମରେ ବ୍ୟାଘାତ ସୃଷ୍ଟି କରିବା , ପୁଣି ବିଦ୍ୟୁତ୍ ଶୁଳ୍କ ବୃଦ୍ଧି କରିବା ଭଳି ଉପଭୋକ୍ତା - ବିରୋଧୀ ପଦକ୍ଷେପରେ ସାମାନ୍ୟ ହେଳା କରୁନାହିଁ ଟାଟା ପାୱାର । ବିଜେପି ସରକାର ତିନି ଶହ ୟୁନିଟ୍ ବିଦ୍ୟୁତ୍ ବିଲ୍ ଛାଡ କରିବାରେ ସରକାରୀ ଘୋଷଣା ନାମା ଶୀତଳ ଭଣ୍ଡାରକୁ ଚାଲି ଯାଇଛି । ସମଗ୍ର ଜିଲ୍ଲାରକୁ ନିରନ୍ତର ବିଦ୍ୟୁତ୍ ଯୋଗାଣ, ୩ ଶହ ୟୁନିଟ୍ ମାଗଣ ବିଦ୍ୟୁତ୍ ?, ମାତ୍ରଧିକ ଦେୟ ଆଦାୟ କମାଇବା, କୃଷ୍ଟ କ୍ଷେତକୁ ମାଗଣ ବିଦ୍ୟୁତ୍ ଯୋଗାଣ ପାଇଁ ନୟାଗଡ଼ ବିଧାୟକ ଦାବି ରଖିଛନ୍ତି । ଆସନ୍ତା ୨୫ ତାରିଖ ଟିପିସିଓଡିଏଲ୍ କାର୍ଯ୍ୟାଳୟ ଘେରାଉ କରିବା ପାଇଁ ଆହ୍ୱାନ ଦେଇଛନ୍ତି । ଏହି ସମ୍ମିଳନୀରେ ନୟାଗଡ଼ ବ୍ଲକ ବିଜେଡି ସଭାପତି ଭଞ୍ଜକିଶୋର ମହାପାତ୍ର, ପୌରାଂଚଳ ସଭାପତି ଦାଶରଥି ସାହୁ, ଜିଲ୍ଲା ଯୁବ ବିଜେଡି ସଭାପତି ଦୁର୍ଯ୍ୟୋଧନ ବେହେରା, ଜିଲ୍ଲା ପରିଷଦ ସଦସ୍ୟ ସରୋଜ ରଣସିଂ, ସୁବାଷ କହଁର, କ୍ଷୀରୋଦ ମହାପାତ୍ର, ବ୍ଲକ ଉପାଧ୍ୟକ୍ଷ ଲକ୍ଷ୍ମୀପ୍ରିୟା ବେହେରା, ପୂର୍ବତନ ଛାତ୍ର ବିଜେଡି ସଭାପତି ନୀଳମାଧବ ପଣ୍ଡା ପ୍ରମୂଖ ଉପସ୍ଥିତ ରହିଥିଲେ ।





## ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ "ସୁରକ୍ଷିତ ବାଲ୍ୟକାଳ, ସୁରକ୍ଷିତ ଭବିଷ୍ୟତ" ଶୀର୍ଷକ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ

ବ୍ରହ୍ମପୁର / ଛତ୍ରପୁର (ନି.ପ୍ର.): ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଗଞ୍ଜାମ ପକ୍ଷରୁ "ସୁରକ୍ଷିତ ବାଲ୍ୟକାଳ, ସୁରକ୍ଷିତ ଭବିଷ୍ୟତ" ଶୀର୍ଷକ ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ଆଜି ଛତ୍ରପୁର ସ୍ଥିତ ବିଜ୍ଞାନ ମହାବିଦ୍ୟାଳୟଠାରେ ଆୟୋଜିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ଶ୍ରୀ ବ୍ୟୋମକେଶ ନାୟକ ଅଧ୍ୟକ୍ଷତା କରି "ନାଲସା ଜାଗୃତି ଯୋଜନା-୨୦୨୫" ସମ୍ପର୍କରେ ବିସ୍ତୃତ ସୂଚନା ଦେଇଥିଲେ । ସେ ସାଧାରଣ ଲୋକଙ୍କୁ ନିଶୁଳ୍କ ଆଇନ ସହାୟତା, ନ୍ୟାୟ ପ୍ରାପ୍ତିର ସୁବିଧା ଏବଂ ସଚେତନତାର ଆବଶ୍ୟକତା ବିଷୟରେ ଛାତ୍ରଛାତ୍ରୀମାନଙ୍କୁ ଅବଗତ କରାଇଥିଲେ । ଛତ୍ରପୁର କୋର୍ଟର ବରିଷ୍ଠ ଦେୱାନୀ ବିଚାରପତି




ଶ୍ରୀମତୀ ପୂଜା ଦେ ଜେଜେ ସିପିସି ଆଇନ ସମ୍ପର୍କରେ ଆଲୋକପାତ କରିଥିଲେ । ସେ ଶିଶୁମାନଙ୍କ ଅଧିକାରର ସୁରକ୍ଷା ଓ ଶିଶୁ ନ୍ୟାୟ ବ୍ୟବସ୍ଥାର ବିଭିନ୍ନ ପ୍ରାସଙ୍ଗିକ ଦିଗ ଉପରେ ଉପସ୍ଥାପନ କରିଥିଲେ । ସେହିପରି ଛତ୍ରପୁର ଉପଖଣ୍ଡିୟ ନ୍ୟାୟିକ ମାଜିଷ୍ଟ୍ରେଟ ଶ୍ରୀମତୀ ବିଷ୍ଣୁପ୍ରିୟା ସାମନ୍ତରାୟ ନିଶୁଳ୍କ ଆଇନ ସେବା ପ୍ରଦାନ ବ୍ୟବସ୍ଥା ଓ ଏହାର ସୁଫଳ ସମ୍ପର୍କରେ ଛାତ୍ରଛାତ୍ରୀମାନଙ୍କୁ ସଚେତନ କରାଇଥିଲେ । ଜେଏମଏଫସି ଶ୍ରୀମତୀ ସ୍ୱାଗତିକା ସ୍ୱାଇଁ ନ୍ୟାୟ ପ୍ରଦାନ ପ୍ରଣାଳୀ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ଅବଗତ କରାଇବା ସହ ଆଇନ ପ୍ରତି ସଚେତନ ହେବାକୁ ପ୍ରେରଣା ଦେଇଥିଲେ ।କଲେଜର ଅଧ୍ୟକ୍ଷ ସ୍ୱାଗତ ଭାଷଣରେ ଏପରି କାର୍ଯ୍ୟକ୍ରମ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆଇନ ସଚେତନତା ବୃଦ୍ଧି କରୁଥିବା କଥା କହିଥିଲେ । କଲେଜର ପ୍ରଶାସନିକ ଅଧିକାରୀ ଧନ୍ୟବାଦ ଅର୍ପଣ କରିଥିଲେ । ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମଟି ଶ୍ରୀ ବ୍ୟୋମକେଶ ନାୟକଙ୍କ ତତ୍ତ୍ୱାବଧାନରେ ସମ୍ପାଦିତ ହୋଇଥିଲା ।

## ବ୍ରହ୍ମପୁର ବିଧାୟକଙ୍କ ୩ନଂ ୱାର୍ଡ଼ ପରିଦର୍ଶନ

ବ୍ରହ୍ମପୁର (ନି.ପ୍ର.): ବ୍ରହ୍ମପୁର ମହାନଗର ନିଗମ ଅନ୍ତର୍ଗତ ୱାର୍ଡ ନମ୍ବର ୩୪ ରେ ମାନ୍ୟବର ବ୍ରହ୍ମପୁର ବିଧାୟକ ଶ୍ରୀ କେ. ଅନୀଲ କୁମାରଙ୍କ ପରିଦର୍ଶନ । ଏହି ପରିଦର୍ଶନ ସମୟରେ ୱାର୍ଡ ବାସିନ୍ଦାମାନେ ନାଳ ସମସ୍ୟା, ଭାଙ୍ଗିଥିବା ରାସ୍ତା, ଖାଲ ଢିପ ଯୋଗୁଁ ସାମାନ୍ୟ ବର୍ଷାରେ ପାଣି ଜମିବା, ସଫା ସୁତୁରା ବ୍ୟବସ୍ଥାର ଅବ୍ୟବସ୍ଥା ଓ ଆଲୋକୀକରଣ ସମସ୍ୟା ସମ୍ପର୍କରେ



ବିଧାୟକଙ୍କୁ ଅବଗତ କରାଇଥିଲେ ।ମାନ୍ୟବର ବିଧାୟକ ମହୋଦୟ ଲୋକମାନଙ୍କ ସମସ୍ୟାକୁ ଗୁରୁତ୍ୱର ସହ ଶୁଣି ସମ୍ପୃକ୍ତ ଅଧିକାରୀମାନଙ୍କୁ ଶୀଘ୍ର ସମାଧାନ ପାଇଁ ନିର୍ଦ୍ଦେଶ ଦେଇଥିଲେ । ଏହି ଅବସରରେ ଡେପୁଟି କମିଶନର, କନିଷ୍ଠ ଯନ୍ତ୍ରୀ , ଉପଖଣ୍ଡ ଅଧିକାରୀ ଓ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଉପସ୍ଥିତ ଥିଲେ ।

## ଘରକୁ ଫେରିଲା ଭଗବାନ : ବିଶାଖପାଟଣାରୁ ଉଦ୍ଧାର କରି ଗାଁରେ ଛାଡ଼ିଲେ ସିମିଳିଗୁଡ଼ାର ଦୁଇ ଯୁବକ

ଜୟପୁର, (ହି.ସ.)- କୋରାପୁଟ ଜିଲ୍ଲା ବୋରିଗୁମ୍ମା ବ୍ଲକ ଚୌପାଢ଼ି ଗ୍ରାମର ରାମ ଘୋଷଙ୍କ ୨୩ ବର୍ଷର ପୁଅ ଭଗବାନ ଘୋଷ ତିନି ମାସ ହେବ ତେଲେଙ୍ଗାନାର ରାଜମ ପେଟ କୁ ଦାଦନ ଯାଇ ନିଖୋଜ ଥିଲା । ଏ ନେଇ ରଜମପେଟ ଥାନାରେ ଭଗବାନଙ୍କ ବାପା ଏତଲା ଦେଇ ବିଭିନ୍ନ ସ୍ଥାନରେ ଖୋଜା ଖୋଜି କରି ନ ପାଇ ଘରକୁ ଫେରିଥିଲେ । ଭଗବାନ ଦାଦନ ଯାଇ ବାହାର ରାଜ୍ୟରେ ନିଖୋଜ ହେବା ବୋରିଗୁମ୍ମା ବ୍ଲକରେ ଚର୍ଚ୍ଚାର ବିଷୟ ହୋଇଥିଲା । କିଭଳି ଆଦିବାସୀ ଯୁବକମାନେ ଗାଁ ରେ କାମ ଧନ୍ଦା ନପାଇ ବାହାର ରାଜ୍ୟକୁ କାମ କରିବାକୁ ଯାଇ ହଇରାଣ ହେଉଛନ୍ତି ତାକୁ ନେଇ ସାଧାରଣରେ ଉଦବେଗ ଦେଖା ଦେଇଥିଲା ଏବଂ ବିଭିନ୍ନ ଗଣମାଧ୍ୟମ ଓ ସାମାଜିକ ଗଣମାଧ୍ୟମରେ ଖବର ମଧ୍ୟ ପ୍ରସାରଣ କରାଯାଇଥିଲା । ଶ୍ରମ ବିଭାଗ ଓ ବ୍ଲକ ପ୍ରଶାସନ ଗ୍ରାମାଚଂଳରେ ଲୋକ ମାନଙ୍କୁ ରୋଜଗାର ଯୋଗାଇ ନଦେଇ ଦାଦନ ଦିନକୁ ଦିନ ବୃଦ୍ଧିକୁ ଗ୍ରାମବାସୀ ମଧ୍ୟ ଘୋର ନିନ୍ଦା କରିଥିଲେ । ଭାଗ୍ୟ ବଶତଃ ବାପା ପାଖକୁ ପୁଅ ଫେରିଛି । ସିମିଳିଗୁଡା ଅଂଚଳର କାଂଗ୍ରା ଗ୍ରାମର କୃଷ୍ଣ ନନ୍ଦୀ ବାଲି ଓ କିଶୋର ଖରାଙ୍କ ଦ୍ୱାରା ବିଶାଖାପାଟଣାରୁ ଉଦ୍ଧାର ହୋଇ । ଦୁଇ ଯୁବକଙ୍କ ସହିତ ଗାଆଁ କୁ ଗୁରୁବାର ସନ୍ଧ୍ୟାରେ ଫେରିଛନ୍ତି ଭଗବାନ । ଭଗବାନଙ୍କ ସହିତ ଦୁଇ ଯୁବକ କୃଷ୍ଣ ଓ କିଶୋରଙ୍କୁ ଗ୍ରାମବାସୀଙ୍କ ଦ୍ୱାରା ଫୁଲମାଳ ଦେଇ ସ୍ୱାଗତ କରାଯାଇଛି । ଭଗବାନ କିଭଳି ଦୁଇ ଯୁବକଙ୍କୁ ବିଶାଖାପାଟଣାରେ ଦେଖା ଦେଇ ମିଶି ଗାଁ କୁ ଫେରିଛି ତାହା ବଖାଣିଛନ୍ତି କୃଷ୍ଣ ଓ କିଶୋର । ଦୁଇ ଯୁବକଙ୍କ ସହାୟତାକୁ କେବେ ଭୁଲି ହେବନି କହିବା ସହିତ ଧନ୍ୟବାଦ୍ ଜଣାଇଛନ୍ତି ଭଗବାନଙ୍କ ବାପା ରାମ ଘୋଷ ।

## ବାପି ଓ ଜେପିଙ୍କୁ ଜାତୀୟ ନିରାପତା ଆଇନ୍ ଅଧୀନରେ ଅଟକ ରଖିବାକୁ ନିର୍ଦ୍ଦେଶ

କଟକ (ନି. ପ୍ର.)-ତା ୨୩ .୦୫ .୨୦୨୬ ରିଖ – ଜାତୀୟ ନିରାପତା ଆଇନ୍ ୧୯୮୦ର ଧାରା ୩ ଅନ୍ତର୍ଗତ ଉପଧାରା (୨) ଅନୁସାରେ ପ୍ରଦତ କ୍ଷମତା ବ୍ୟବହାର କରି କଟକ ଜିଲ୍ଲାପାଳ ଶ୍ରୀ ଦତାତ୍ରୟ ଭାଉସାହେବ ଶିନ୍ଦେ ବାପି ଓରଫ ଜ୍ୟୋତି ସମ୍ରାଟ ପ୍ରହରାଜ ପିତା–ସ୍ୱର୍ଗତ ଶିଶିର ପ୍ରହରାଜ, ଗାଁ–ଝାଡେଶ୍ୱରପୁର, ଥାନା –ଭଦ୍ରେଶ୍ୱର, ଜିଲ୍ଲା–କଟକ ଏବଂ ଜେପି ଓରଫ ଜ୍ୟୋତି ପ୍ରକାଶ ପ୍ରହରାଜ (୩୫) ପିତା–ଶିଶିର କୁମାର ପ୍ରହରାଜ ଗ୍ରାମ–ଝାଡେଶ୍ୱରପୁର ଥାନା–ଭଦ୍ରେଶ୍ୱର ଜିଲ୍ଲା–କଟକଙ୍କୁ ଅଟକ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି । ସର୍ବସାଧାରଣ ଶୃଙ୍ଖଳା ରକ୍ଷାରେ ବିଘ୍ନ ସୃଷ୍ଟି ହେବାର ଆଶଙ୍କା ଦୃଷ୍ଟିରୁ ଏହି ପଦକ୍ଷେପ ଗ୍ରହଣ କରାଯାଇଛି । ଏହାପୂର୍ବରୁ ଆରକ୍ଷୀ ଅଧିକ୍ଷକ, କଟକ ବାପି ଓ ଜେପିଙ୍କୁ ତା ୧୯ .୦୫ .୨୦୨୬ରେ ଜାତୀୟ ନିରାପତା ଆଇନ୍ ଅନୁଯାୟୀ ପଦକ୍ଷେପ ନେବାକୁ ପ୍ରସ୍ତାବ ଦେଇଥିଲେ । ପରେ ରାଜ୍ୟ ସରକାରଙ୍କ ଗୃହ ବିଭାଗର ଆଦେଶ ଅନୁସାରେ ଜାତୀୟ ନିରାପତା ଆଇନ୍ ଅଧୀନରେ ପୁନର୍ବାର ଅଟକ ରଖିବାକୁ ନିର୍ଦ୍ଦେଶ ଦିଆଗଲା । ବର୍ତମାନ ବାପି ଓ ଜେପି ୨୦୨୫ ମସିହାର ଏକ ମାମଲାରେ ଭଦ୍ରେଶ୍ୱର ଥାନା କେସ୍ ନଂ–୧୦୦, ତା–୩୦.୦୫.୨୦୨୫ ଧାରା–୧୧୫(୨)/ ୧୦୯(୧)/୨୯୬/୩୫୧(୩)/୩(୫) ଇଘଝ ସହିତ ଧାରା ୩(୧) (ସ) (କ୍ୱ) (ଖ୍ୱ) /୩(୨) (ଙବ) ଝଉ / ଝଞ (ଚଙଇ) ଇମଷ୍ଟ,ରେ ଣ୍ଡଳ କାରାଗାର , କଟକ , ଚୌଦ୍ୱାର ଠାରେ ନ୍ୟାୟୀକ ହେପାଜତରେ ଅଛନ୍ତି । ଅନ୍ୟାଦେଶ ପର୍ଯ୍ୟନ୍ତ ତାଙ୍କୁ ମଣ୍ଡଳ କାରାଗାର , କଟକ , ଚୌଦ୍ୱାର ଠାରେ ଅଟକ ରଖାଯିବାକୁ ନିର୍ଦ୍ଦେଶ ଦିଆଯାଇଛି ।

## ବାଡ଼ିଆଘାଟରୁ ବାଲି ମାଫିଆଙ୍କୁ ଧରିବାକୁ ଯାଇ ଆହତ ହେଲେ ଫାଣ୍ଡି ଅଧିକାରୀ

ନୀଳଗିରି,(ନି.ପ୍ର):ଶୁକ୍ରବାର ବିଳମ୍ବିତ ରାତିରେ ରେ ସୋନ ନଦୀର ବାଡ଼ିଆ ଦେଇ ଯାଇଥିବା ସନ ନଦୀ ଘାଟରେ ବାଲି ମାଫିଆ ମାନେ ବାଲି ଚୋରି କରୁଥିବା ର ଅତିରିକ୍ତ ଏସପି ପ୍ରମୋଦ କୁମାର ମଲ୍ଲିକ ବିଶେଷ ସୁତ୍ରେରୁ ଖବର ପାଇ ଥିଲେ ।ଶ୍ରୀଯୁକ୍ତ ମଲ୍ଲିକ ଙ୍କ ନିର୍ଦ୍ଦେଶ ରେ ଅଯୋଧ ଫାଣ୍ଡି ଅଧିକାରୀ ସୁମନ୍ତ କୁମାର ପାତ୍ର ଓ କନେଷ୍ଟବଳ ବଳ ରବୀନ୍ଦ୍ର କୁମାର ମଢେଇ ଏକ ମଟର ସାଇକେଲରେ ଯାଇଥିଲେ ।ଫାଣ୍ଡି ଅଧିକାରୀ ଶ୍ରୀ ପାତ୍ରଙ୍କଠାରେ ବନ୍ଧୁ ଦେଖି ବାଲି ମାଫିଆ ଛୁ ମାରିଥିଲେ ।ବାଲି ମାଫିଆ ମାନଙ୍କୁ ଧରିବାକୁ ଯାଇ ଫାଣ୍ଡି ଅଧିକାରୀ ଶ୍ରୀ ପାତ୍ର ଓ କନେଷ୍ଟବଳ ଆହତ ହୋଇଥିବା ଜଣାପଡିଛି ।

## ମିତ୍ରପୁର ଅଂଚଳରେ ଖଣି ବିଭାଗର ଅଚାନକ ଚଢ଼ାଉ,୨ଗାଡି ଜବତ

ନୀଳଗିରି,(ନି.ପ୍ର.)ଆଜି ଜୁନିୟର ମାଇଙ୍ଗିଅଧିକାରୀ ଜଗନ୍ନାଥ ବେହେରା ଓ ସମ୍ବିତ ମାଣିକ ଅଚାନକ ମିତ୍ରପୁର ଅଂଚଳରେ ଏକ ପଡ଼ିଆ ରେ ମୋରମ ଷ୍ଟକଥିବା ମାଲିକ ଉପରେ ୨୩,୪୫୦ଟଙ୍କା ଫାଇନ କରି ଥିବା ବେଳେ ମୋରମ ଷ୍ଟକ ନିକଟରେ ଥିବାଡଡଙ୧ଗ୪୪୫୧ ଏକ ପଥର ବୋଝେଇ ଟିପର ଗାଡ଼ି ଟିକୁ ସିଜ କରାଯାଇଛି । ଜଙ୍ଗଲରୁ ଆସୁଥିବା ଏକ ସ୍କଲିନି କୁ ଜବତ କରି ନୀଳଗିରି ଥାନରେ ଜିମା ଦେଇଛନ୍ତି ।ସୋମବାର ଦିନ ଅଫିସ ଖୋଲିଲେ ଗାଡି ଗୁଡିକ ରେ ଫାଇନ କରାଯିବା ସହ ଥାନାରେ ଅଭିଯୋଗ କରାଯିବବୋଲି ଜୁନିୟର ଖଣିଅଧିକାରୀ ଶ୍ରୀ ବେହେରା କହିଛନ୍ତି ।ଉକ୍ତ ଚଢ଼ାଉ ରେ ଅତିରିକ୍ତ ଏସପି ତଥା ଭାରପ୍ରାପ୍ତ ନୀଳଗିରି ଏସ୍ ଡିପିଓ ପ୍ରମୋଦ କୁମାର ମଲ୍ଲିକ, ନିଳଗିରିଆଇଆଇସି ଗୋବର୍ଦ୍ଧନ ନାୟକ, ନୀଳଗିରି ତହସିଲଦାର ସୋନମ ଦାସ ଓ ଏପିଆର ଫୋର୍ସ ସାମିଲ ଥିବା ଦେଖି ବାକୁ ମିଳିଛି ।

## ନୂଆପଡ଼ାରେ ମୃତିକା ସଂରକ୍ଷଣ ଓ ଜଳବିଭାଜିକା ଉନ୍ନୟନ ବିଭାଗର ମାସିକ ସମୀକ୍ଷା ବୈଠକ

ନୂଆପଡା,(ହି.ସ.)- ନୂଆପଡା ଜିଲ୍ଲାର ମୃତିକା ସଂରକ୍ଷଣ ଓ ଜଳବିଭାଜିକା ଉନ୍ନୟନ ବିଭାଗର ମାସିକ ସମୀକ୍ଷା ବୈଠକ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ମୁଖ୍ୟାଳୟ ସମ୍ମିଳନୀ କକ୍ଷରେ ଆଜି ଅନୁଷ୍ଠିତ ହୋଇଯାଇଛି । ବୈଠକର ପ୍ରାରମ୍ଭରେ ପ୍ରକଳ୍ପ ନିର୍ଦ୍ଦେଶକ, ଜଳବିଭାଜିକା ରଶ୍ମିରଞ୍ଜନ ପାତ୍ର ସମସ୍ତଙ୍କୁ ସ୍ୱାଗତ ଜଣାଇ ବିଭାଗ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ । ସହକାରୀ ନିର୍ଦ୍ଦେଶକ ମୃତିକା ସଂରକ୍ଷଣ ଅଧିକାରୀ ସ୍ୱୟଂ ପ୍ରଭା ସିଂହ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ପ୍ରଧାନମନ୍ତ୍ରୀ କୃଷି ସିଂଚାୟୀ ଯୋଜନା, ବୃଷ୍ଟିପୃଷ୍ଟ ଅଂଚଳ ବିକାଶ ଯୋଜନା, ଜଳଧାରା ଯୋଜନା, ମନରେଗା ଓ କୃଷିବନୀକରଣ ଯୋଜନାର ଅଗ୍ରଗତି ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ । କୃଷିବନୀକରଣ ଯୋଜନା ଅଧୀନରେ ୬୩ ହେକ୍ଟର ଜମିରେ ଚାରାରୋପଣ କାର୍ଯ୍ୟ ସମ୍ପନ୍ନ ହୋଇଥିବା ବେଳେ ସମସ୍ତ ଯୋଜନାର ବର୍ତମାନ ପ୍ରଗତି ସମ୍ପର୍କରେ ମଧ୍ୟ ସେ ଅବଗତ କରାଇଥିଲେ । ସମୀକ୍ଷା ବୈଠକରେ ଜିଲ୍ଲାପାଳ ଜଳଧାରା ଯୋଜନା ଅଧୀନରେ ଚାଲିଥିବା ୨୧୯ଟି ପୋଖରୀ ଖନନ କାର୍ଯ୍ୟକୁ ଆସନ୍ତା ଜୁନ ୧୫ ତାରିଖ ସୁଦ୍ଧା ସମ୍ପୂର୍ଣ୍ଣ କରିବାକୁ ଅଧିକାରୀମାନଙ୍କୁ କଡ଼ା ନିର୍ଦ୍ଦେଶ ଦେଇଥିଲେ । ସେହିପରି ମନରେଗା ଯୋଜନାରେ କାର୍ଯ୍ୟକାରୀ ହେଉଥିବା ସମସ୍ତ ପ୍ରକଳ୍ପକୁ ଆସନ୍ତା ସପ୍ତାହ ଶେଷ ସୁଦ୍ଧା ସମାପ୍ତ କରିବାକୁ ମଧ୍ୟ କହିଥିଲେ । ଏହି ଅବସରରେ ଜିଲ୍ଲାର ପାଂଚଟି ବ୍ଲକର ପାଂଚ ଜଣ ସଫଳ ଚାଷୀଙ୍କୁ ସମ୍ମାନିତ କରାଯାଇଥିଲା । ବୈଠକରେ ଦେବବ୍ରତ ବିଶ୍ୱାଳ, ସହକାରୀ ନିର୍ଦ୍ଦେଶକ ମୃତିକା ସଂରକ୍ଷଣ, ଦେବପ୍ରିୟ ପାଣିଗ୍ରାହୀ ଓ ଦେବେନ୍ଦ୍ର କୁମାର ନାୟକ, ସହକାରୀ ମୃତିକା ସଂରକ୍ଷଣ ଅଧିକାରୀଙ୍କ ସହ ବିଭାଗର ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ ।

## ଦେଓଗାଁ ଠାରେ ବ୍ଲକ ସ୍ତରୀୟ କ୍ୟାମ୍ପ କୋର୍ଟ

ବଲାଙ୍ଗିର,(ହି.ସ.)- ବଲାଙ୍ଗୀର ଜିଲ୍ଲା ଅନ୍ତର୍ଗତ ଦେଓଗାଁ ବ୍ଲକ ର ସମ୍ମିଳନୀ କକ୍ଷ ଠାରେ ବ୍ଲକ ସ୍ତରୀୟ କେମ୍ପ କୋର୍ଟ ୨୦୨୬ ଅନୁଷ୍ଠିତ ହୋଇଯାଇଛି ।୨୦୨୫ ରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ବଲାଙ୍ଗୀର ଦ୍ୱାରା ଓରଫାନ୍ ସର୍ଭେ ଅନୁସାରେ ପିତୃ- ମାତୃ ହିନ ଶିଶୁ ମାନଙ୍କୁ ଶିଶୁ ମଙ୍ଗଳ ସମିତିରେ ହାଜର କରି ଉପସ୍ଥାପନା କରାଗଲା । ଏହି ଅବସରରେ ଦେଓଗାଁ ବ୍ଲକ୍ ର ସି ଡି ପି ଓ କାର୍ଯ୍ୟାଳୟର ସୁପରଭାଇଜର ସୁଷମା ସାହୁ, ଅନିତା ଶତପଥୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଚିହ୍ନଟ ହୋଇଥିବା ଶିଶୁ ମାନଙ୍କର ଅଭିଭାବକ, ଅଭିଭାବିକା ମାନଙ୍କୁ ଏହି ପିତୃ ମାତୃ ହିନ ଶିଶୁଙ୍କ କର୍ମଶାଳାକୁ ଉପସ୍ଥାପନା କରାଯାଇଥିଲା । ଏହି ଅବସରରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ଓ ଚାଇଲ୍ଡ ହେଲପ୍ ଲାଇନ୍ ର ଡଲି ବେହେରା, ବସନ୍ତ ହରପାଲ ଉପସ୍ଥିତ ରହି କିଶୋର ନ୍ୟାୟ ଆଇନ୍ ଅଧିନସ୍ଥ ୧୭,୨୦ ଫର୍ମ ଗୁଡ଼ିକ ପୂରଣ କରିଥିଲେ ଓ ଅନଲାଇନ ଜରିଆରେ ଶିଶୁ ମଙ୍ଗଳ ସମିତିରେ ହାଜର କରିଥିଲେ ।

## ଜିଲାପାଳଙ୍କ କାର୍ଯ୍ୟାଳୟ ଘେରିଲା ଆଦିବାସୀ କଲ୍ୟାଣ ମହାସଂଘ

ନୂଆପଡ଼ା,ନି.ପ୍)ରାଜ୍ୟ ସରକାରଙ୍କ ଆବିଦାସୀ ମାରଣ ନୀତି ପ୍ରତିବାଦରେ ଶୁକ୍ରବାର ଆଦିବାସୀ କଲ୍ୟାଣ ମହାସଂଘ ଏବଂ ଜିଲା ଆଦିବାସୀ କଲ୍ୟାଣ ସଂଘ, ନୂଆପଡ଼ାର ମିଳିତ ଆନୁକୂଲ୍ୟରେ ଜିଲାପାଳ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା । ନୂଆପଡ଼ା ସଭାପତି ଭାନୁ ପ୍ରତାପ ସିଂ ମାଝୀଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଶତାଧିକ ଆଦିବାସୀ ବର୍ଗର ମହିଳା ଓ ପୁରୁଷ ଏକତ୍ରିତ ହୋଇ ପାରମ୍ପରିକ ବେଶଭୂଷା, ବାଦ୍ୟଯନ୍ତ୍ର ସହ ପୁଲିସ ପଡ଼ିଆରୁ ଏକ ଶୋଭାଯାତ୍ରାରେ ବାହାରି ପ୍ରଥମେ ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ଘାସିରାମ ମାଝୀଙ୍କ ପ୍ରତିମୂର୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ସହର ପରିକ୍ରମା କରି ଜିଲାପାଳ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଆସିଥିଲେ । ସେଠାରେ ଏକ ପ୍ରତିବାଦ ସଭା କରି ରାଜ୍ୟ ସରକାର ଓ ଜିଲା ପ୍ରଶାସନ ଉପରେ ବର୍ଷିଥିଲେ । ଦୀର୍ଘ ୩ଘଂଟା କାଳ ପ୍ରତିବାଦ କରି ମୁଖ୍ୟାଳୟ ଗେଟ ପାଖକୁ ଯାଇ ନାରାବାଜି କରିଥିଲେ । ଏହି ସମୟରେ ଉପଜିଲାପାଳ ସୁର୍ମା ସୋରେନ ପହଂଚି ଆଲୋଚନା କରିଥିଲେ । ହେଲେ ଆଦିବାସୀ ଜିଲାର ମୁଖିଆ ସହ ଆଲୋଚନା କରିବୁ ବୋଲି ଅଡି ବସିଥିଲେ । କିଛି ସମୟ ପରେ ପୁଲିସ ସହ ଏକ ପ୍ରତିନିଧି ମଣ୍ଡଳୀ ଜିଲାପାଳ ମଧୁସୂଦନ ଦାଶଙ୍କ ଚାମ୍ବରକୁ ଯାଇ ଆଲୋଚନା କରିବା ସହ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ୧୭ ଦଫା ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରିଥିଲେ । ଦାବି ଅନୁଯାୟୀ ଏମଜିଏନଆରଇଜିଏସ ଓ ପିଏମଏୱାଇ(ଆବାସ ଗୃହ) ଯୋଜନାରେ କାର୍ଯ୍ୟ କରି ଶ୍ରମିକ ୫ ମାସ ହେଲା ପାଉଣା ପାଇନାହାନ୍ତି । ଶ୍ରମିକଙ୍କୁ ଶୀଘ୍ର ପାଉଣା ଯୋଗାଇ ଦିଆଯାଉ, ଗତ ୮ତାରିଖ ଜିଲାପରିଷଦ ବୈଠକରେ ଜିଲାପରିଷଦ ଆଦିବାସୀ ସଭାନେତ୍ରୀ କଲି ମାଝୀଙ୍କୁ ଜିଲାପାଳଙ୍କ ଦ୍ୱାରା ଦୁବ୍ୟବହାର କରାଯାଇଥ?ିବା ଘଟଣାକୁ ଉଚ୍ଚସ୍ତରୀୟ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ, ଅପରିକୋଙ୍କ ଜଳସେଚନ ପ୍ରକଳ୍ପ ଦ୍ୱାରା ରବି ଚାଷ କରି କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ପ୍ରଦାନ କରାଯାଉ ଓ କୃତ୍ରିମ ମରୁଡି ପାଇଁ ଦାୟୀ ବିଭାଗୀୟ ଅଧିକାରୀ ଓ ସମ୍ପୃକ୍ତ କର୍ମଚାରୀ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ, ଜିଲା ମଙ୍ଗଳ ଅଧିକାରୀ ପଦ ଶୀଘ୍ର ପୂରଣ କରାଯାଉ, ତୁଲାଇଟ ପଂଚାୟତ ଇଏଷାବାଦର ଗାଁର କୁଷୁମକଟା ରାମେଶ୍ୱର ପ୍ରକଳ୍ପ ପୁନଃଉଦ୍ଧାର କରାଯାଉ ଓ ଘୋଡ଼ାଘାଟ ନାଲା ଉପରେ ପୋଲ ନିର୍ମାଣ କରାଯାଇ ଡିଖାଳି ଲୋୟର ଇନ୍ଦ୍ର ଜଳସେଚନ ପ୍ରକଳ୍ପରେ ୪୫ଜଣ ଯାଇ ବିସ୍ଥାପିତଙ୍କ ନାମରେ ଟଙ୍କା ଆତ୍ମସାତ କରିଥିବା ବ୍ୟକ୍ତି ଅଧିକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ, ଜିଲା ଶ୍ରମ କାର୍ଯ୍ୟାଳୟରେ ଚାଲିଥିବା ୫ପ୍ରତିଶତ ପିସି କାରବାର ଓ ଗରିବଙ୍କୁ ଶୋଷଣ କରୁଥିବା ଜିଲା ଶ୍ରମ ଅଧିକାରୀ, କର୍ମଚାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ଅନ୍ୱେଷା ଯୋଜନାରେ ଡିସୁରି ପାଇଥିବା ଅନ୍ୟ ଜିଲାର ୱାର୍ଡେନ, ମେଟ୍ରୋନ ଓ ସିସି ଏମାନଙ୍କୁ ତୁରନ୍ତ ବହିଷ୍କାର କରାଯାଇ ନୂଆପଡ଼ା ଜିଲାର ନିୟମିତ ସେବା ଯୋଗାଇ ଥୁଂଟା କର୍ମଚାରୀଙ୍କୁ ନିଯୁକ୍ତି ଦିଆଯାଉ, ନ ହେଲେ ଚାକିରି ଦେଉଥୁବା ବେସରକାରୀ ସଂସ୍ଥା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ଆଦି ଅନ୍ତର୍ଭୁକ୍ତ ରହିଛି । ଭକ୍ତବନ୍ଧୁ ଧରୁଆ ସଭା ପରିଚାଳନା କରିଥିଲେ । ପୂର୍ବତନ ରାଜ୍ୟସଭା ସାଂସଦ ନିରଞ୍ଜନ ବିଶି, ଜିଲାପରିଷଦ ଅଧ୍ୟକ୍ଷା ଡଲି ମାଝି, ଆଦିବାସୀ ସଂଘ ସଭାପତି ପଦ୍ମପୁର ରାଜେନ୍ଦ୍ର କୁମାର ରାଉତ, ଉପସଭାନେତ୍ରୀ ବଲାଙ୍ଗିର ମିଥ୍ ?ଲା ମାଝି, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଉପାଧ୍ୟକ୍ଷା ବଲାଙ୍ଗିର ନିରୂପମା ମାଝି, ମହିଳା ସଭାନେତ୍ରୀ କଳାହାଣ୍ଡି ରୁକ୍ମିଣୀ ମାଝୀ, ବୋଡେନ ବ୍ଲକ ସଭାପତି ମଝିଆ ମାଝି, ସିନାପାଲି ସଭାପତି ବିହାରୀଲାଲ ମାଝି ପ୍ରମୁଖ ସମେତ ଶତାକ ଆଦିବାସୀ ମହିଳା ଓ ପୁରୁଷ ଉପସ୍ଥିତ ଥିଲେ ।

## ପଡ଼ୋଶୀ ନାବାଳକଙ୍କୁ ଅସଦାଚରଣ ଅଭିଯୋଗ

ବଲାଙ୍ଗିର, (ହି.ସ.)- ଜଣେ ନାବାଳକଙ୍କୁ ଅସଦାଚରଣ ଅଭିଯୋଗରେ ପୁଇଁନ୍ତଲା ଥାନା ପୋଲିସ ଜଣେ ବ୍ୟକ୍ତିଙ୍କୁ ଥାନାକୁ ଆଣି ଅଟକ ରଖିଥିବା ଜଣାପଡିଛି । ବ୍ୟକ୍ତି ଜଣକ ହେଲେ ପାର୍ଥ ମୁଗ୍ରୀ (୪୦) । ପରିବାର ଲୋକେ ଥାନାରେ ଅଭିଯୋଗ କରିବା ପରେ ଅଭିଯୁକ୍ତଙ୍କୁ ପୋଲିସ ଥାନାକୁ ଆଣି ପଚରାଉଚରା କରିଛି । ମିଳିଥିବା ସୂଚନା ଅନୁଯାୟୀ, ଅଭିଯୁକ୍ତ ମୁଗ୍ରୀଙ୍କ ବିରୁଦ୍ଧରେ ଏହି ଥାନା ଅଂଚଳର ଜଣେ ନାବାଳକଙ୍କୁ ଅସଦାଚରଣ ଅଭିଯାଗ ହୋଇଛି । ପରିବାର ଲୋକେ ଘଟଣା ସମ୍ପର୍କରେ ଜାଣିବା ପରେ ଅଭିଯୁକ୍ତଙ୍କୁ କାବୁ କରି ଥାନାରେ ଜିମା ଦେଇଥିଲେ । କିଛିଦିନ ହେବ ବିଭିନ୍ନ ବାହାନାରେ ବ୍ୟକ୍ତି ଜଣକ ପଡୋଶୀ ଘରର ଜଣେ ନାବାଳକଙ୍କୁ ତାଙ୍କ ଘରକୁ ଡାକି ଅସଦାଚରଣ କରିଥିଲେ ।

## ବ୍ରହ୍ମପୁରରେ "ନାଇପର" ପ୍ରତିଷ୍ଠା ଦାବିରେ ବିଶାଳ ଶୋଭାଯାତ୍ରା ଓ ପଥପ୍ରାନ୍ତ ସଭା

ବ୍ରହ୍ମପୁର (ନି.ପ୍ର.): ଓଡ଼ିଶାରେ ୩ଟି ଜାତୀୟ ସ୍ତରୀୟ ବୈଷୟିକ ଶିକ୍ଷା ଅନୁଷ୍ଠାନ ଓ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରସ୍ତାବ ଆସିଥିବା ପରିପ୍ରେକ୍ଷୀରେ ବ୍ରହ୍ମପୁରରେ ଜାତୀୟ ଔଷଧ ଶିକ୍ଷା ଓ ଗବେଷଣା ସଂସ୍ଥା "ନାଇପର" (NIPER) ସ୍ଥାପନ ଦାବିରେ ଓଡିଶା ଡେଭେଲପମେଂଟ ଫୋରମ ଓ ବିଭିନ୍ନ ଗଣସଂଗଠନଙ୍କ ପକ୍ଷରୁ ଏକ ବିଶାଳ ଶୋଭାଯାତ୍ରା ଓ ପଥପ୍ରାନ୍ତ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି । ଏହି ଶୋଭାଯାତ୍ରା ଖଲ୍ଲିକୋଟ ୟୁନିଭର୍ସିଟି ଷ୍ଟାଡିଅମ୍ ଠାରୁ ଆରମ୍ଭ ହୋଇ ପୁରୁଣା ବସଷ୍ଟାଣ୍ଡ ପର୍ଯ୍ୟନ୍ତ ଯାଇଥିଲା । ଶୋଭାଯାତ୍ରା ଅବସରରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ପ୍ରତିମାରେ ପୁଷ୍ପାଞ୍ଜଳି ଅର୍ପଣ କରାଯାଇଥିଲା ଏବଂ ପରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା । ସୂଚନାଯୋଗ୍ୟ ଯେ, ବ୍ରହ୍ମପୁରରେ ରାଜ୍ୟ ତଥା ସମଗ୍ର ପୂର୍ବ ଭାରତର ସର୍ବପ୍ରାଚୀନ ଏବଂ ପ୍ରଥମ ଫାର୍ମାସି ପ୍ରତିଷ୍ଠାନ ଅବସ୍ଥିତ ଅଛି । ତେଣୁ ଏଠାରେ ଜାତୀୟ ସ୍ତରର ଫାର୍ମାସି ଶିକ୍ଷା ଓ ଗବେଷଣା ଅନୁଷ୍ଠାନ ସ୍ଥାପନ ପାଇଁ ଆବଶ୍ୟକ ଇକୋ-ସିଷ୍ଟମ୍ ପୂର୍ବରୁ ଉପଲବ୍ଧ ଅଛି । ଦକ୍ଷିଣ ଓଡ଼ିଶାବାସୀଙ୍କ ଦୀର୍ଘଦିନର ଦାବି ରୂପେ "ନାଇପର" ସ୍ଥାପନ ପ୍ରସଙ୍ଗ ସର୍ବଦା ଉଠିଆସୁଛି । ଗତ କିଛିଦିନ ପୂର୍ବରୁ ଗଞ୍ଜାମ ଜିଲ୍ଲାର ମନ୍ତ୍ରୀ, ସାଂସଦ ଓ ବିଧାୟକମାନେ ବ୍ରହ୍ମପୁରରେ ଘଓଚରଜ ପ୍ରତିଷ୍ଠା ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ପତ୍ର ଲେଖି ଅନୁରୋଧ କରିଥିଲେ, ଯାହାକୁ




ଲୋକେ ସ୍ୱାଗତଯୋଗ୍ୟ ପଦକ୍ଷେପ ଭାବେ ଦେଖୁଛନ୍ତି । ଏହା ସହିତ ଓଡ଼ିଶା ଡେଭେଲପ୍ମେଂଟ ଫୋରମ୍ ପକ୍ଷରୁ ଦକ୍ଷିଣାଂଚଳ ରାଜସ୍ୱ କମିଶନର ଓ ଜିଲ୍ଲାପାଳଙ୍କ ଜରିଆରେ କେନ୍ଦ୍ର ମନ୍ତ୍ରୀ ଜେ. ପି. ନଡ୍ଡା, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଏବଂ ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମାହାଲିଙ୍ଗଙ୍କୁ ବାରମ୍ବାର ସ୍ମାରକପତ୍ର ପ୍ରଦାନ କରାଯାଇଛି । ବର୍ତମାନ ଡବଲ୍ ? ଇଞ୍ଜିନ୍ ସରକାର ଆସିବା ପରେ ମୋହନ ମାଝୀଙ୍କ ନେତୃତ୍ୱାଧୀନ ସରକାର ଗୋପାଳପୁରକୁ ରାଜ୍ୟର ଫାର୍ମା କ୍ଲଷ୍ଟର ଭାବେ ବିକଶିତ କରିବାରେ ଗୁରୁତ୍ୱ ଦେଉଛନ୍ତି । ଅନେକ କମ୍ପାନୀ ଗୋପାଳପୁରରେ ଉତ୍ପାଦନ ୟୁନିଟ୍ ସ୍ଥାପନ ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି । ଏହି ପରିପ୍ରେକ୍ଷୀରେ ବ୍ରହ୍ମପୁରରେ "ନାଇପର" ସ୍ଥାପନ ହେଲେ ଫାର୍ମା ଇକୋସିଷ୍ଟମ୍ ଆହୁରି ସୁଦୃଢ଼ ହେବା ସହ ଛାତ୍ରଛାତ୍ରୀମାନେ ସିଧାସଳଖ ଲାଭାନ୍ୱିତ ହେବେ । ବ୍ରହ୍ମପୁରରୁ ପ୍ରତିବର୍ଷ ଶତାଧିକ ଛାତ୍ରଛାତ୍ରୀ ଫାର୍ମା କ୍ଷେତ୍ରରେ ଶିକ୍ଷାଲାଭ କରି ରାଜ୍ୟ ବାହାରର ବିଭିନ୍ନ କମ୍ପାନୀରେ ଉଚ୍ଚ ପଦବୀରେ କାର୍ଯ୍ୟରତ ଅଛନ୍ତି । ତେଣୁ ବ୍ରହ୍ମପୁରରେ "ନାଇପର" ସ୍ଥାପିତ ହେଲେ ସେମାନଙ୍କ ପାଇଁ ସ୍ଥାନୀୟ ସ୍ତରରେ ନିଯୁକ୍ତି ସହ ଗବେଷଣାର ବ୍ୟାପକ ସୁଯୋଗ ସୃଷ୍ଟି ହେବ । ଏହାଛଡ଼ା ବ୍ରହ୍ମପୁର ସହର ସଡ଼କ, ରେଳ ଓ ବିମାନ ସେବା ମାଧ୍ୟମରେ ଦେଶର ବିଭିନ୍ନ ଅଂଚଳ ସହ ସୁସଂଯୁକ୍ତ । ରଙ୍ଗେଇଲୁଣ୍ଡା ଏୟାରପୋର୍ଟରେ ବିମାନବନ୍ଦର ନିର୍ମାଣ କାର୍ଯ୍ୟ ମଧ୍ୟ ଶେଷ ପର୍ଯ୍ୟାୟରେ ଅଛି । ତେଣୁ ବ୍ରହ୍ମପୁରରେ "ନାଇପର" ପ୍ରତିଷ୍ଠା ହେଲେ ଦକ୍ଷିଣ ଓଡ଼ିଶା ପ୍ରତି ଦୀର୍ଘଦିନ ଧରି ଚାଲିଆସୁଥିବା ଆଂଚଳିକ ବୈଷମ୍ୟ କମିବ ଏବଂ ଏହି ଅଂଚଳର ଦୀର୍ଘଦିନର ଦାବି ପୂରଣ ହେବ । ବକ୍ତାମାନେ କହିଥିଲେ ଯେ ଓଡ଼ିଶା ସରକାର ପ୍ରାୟ ସମସ୍ତ କେନ୍ଦ୍ରୀୟ ଅନୁଷ୍ଠାନକୁ ଭୁବନେଶ୍ୱର କିମ୍ବା କଟକରେ କେନ୍ଦ୍ରୀଭୂତ କରୁଛନ୍ତି । ତେଣୁ ଦକ୍ଷିଣ ଓଡ଼ିଶା ପ୍ରତି ହେଉଥିବା ଅନ୍ୟାୟକୁ ଦୂର କରି ବ୍ରହ୍ମପୁରରେ "ନାଇପର" ସ୍ଥାପନ ପ୍ରକ୍ରିୟା ଶୀଘ୍ର ଆରମ୍ଭ କରିବାକୁ ସେମାନେ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଓଡିଶା ଡେଭେଲପମେଂଟ ଫୋରମ ସଚିବ ଭି. ସୋମେଶ୍ୱର ରାଓ, ପ୍ରିତିଶ ପାଣିଗ୍ରାହୀ, ଲକ୍ଷ୍ମୀ ନାରାୟଣ ପାଢ଼ୀ, ପ୍ରବୀଣ ପଟ୍ଟନାୟକ, ମାନସ ପାତ୍ର, ଦକ୍ଷିଣ ଓଡ଼ିଶା ଛାତ୍ର ସଂଘ (ସୋସା) ସଭାପତି ନରସିଂହ ନୀଳମାଧବ ପାତ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ସମର୍ଥନ କରି ଗଂଜାମ ଜିଲ୍ଲାର ବିଭିନ୍ନ ଶିକ୍ଷା ଅନୁଷ୍ଠାନର ଛାତ୍ର ଓ ଛାତ୍ରୀ, ବୁଦ୍ଧିଜୀବୀ, ଅନ୍ୟାନ୍ୟ ଫାର୍ମାସ୍ୟୁଟିକାଲ ସଂଘ ତରଫରୁ ବିପୁଳ ସମର୍ଥନ ଦେଖିବାକୁ ମିଳିଥିଲା ଏବଂ ଏଥିସହିତ ବିଭିନ୍ନ ଗଣସଂଗଠନର କାର୍ଯ୍ୟକର୍ତା ତଥା ସମାଜସେବୀ ଡ.ସଂଜୀବ କୁମାର ସୁବୁଦ୍ଧି, ପ୍ରକାଶ ଚନ୍ଦ୍ର ଭଜାନୀ, ଆଇନଜୀବୀ ସରୋଜ ରଞ୍ଜନ ପଟ୍ଟନାୟକ, ସନ୍ତୋଷ ସାହୁ, କିରଣ କୁମାର ପଣ୍ଡା, ଭି. ନେହାଲ, ରୋହନ କୁମାର, ସଂସାର ଅନୁଷ୍ଠାନର ରମେଶ ଚନ୍ଦ୍ର ସାହୁ, ରୟାଲ କଲେଜ ଅଫ୍ ଫାର୍ମାସୀର ପ୍ରାଧ୍ୟାପକ ଡ଼.ଅଞ୍ଜନ କୁମାର ମହାପାତ୍ର, ଡ଼.ମଧୁସ୍ମିତି ଖଣ୍ଡାଇ, ଓଡିଶା ଅଭିଭାବକ ମହାସଂଘର ପ୍ରମୁଖ ମଧୁସୂଦନ ସାହୁ, ରବୀନ୍ଦ୍ର କୁମାର ନାୟକ, ସ୍ୱରାଜ୍ୟ ସୁବୁଦ୍ଧି, ସମାଜସେବୀ ପ୍ରଶାନ୍ତ କୁମାର ପଣ୍ଡା, ସମାଜସେବୀ ଆଦିତ୍ୟ ରଥ, ସୋସା ସଦସ୍ୟ ସୁଭାଶିଷ ଦାସ, ପପୁନ ସାହୁ, ଶିକ୍ଷା ଗବେଷଣା କେନ୍ଦ୍ରର କେଦାର ନାଥ ପଣ୍ଡା, ଦେବଦତ ଦେଓ, ବାସୁଦେବ ପଣ୍ଡା, ଅରୁଣ ସାହୁ, ରମେଶ ଚନ୍ଦ୍ର ସାହୁ, ହୃଷିକେଶ ପାତ୍ର, ଅଶୋକ ଦଳାଇ, ଏ. ଗୋବିନ୍ଦ ରାଓ, ହରି ଲାଫିଙ୍ଗ ଯୋଗ କ୍ଲବର ସଦସ୍ୟମାନେ ଯଥା ଜେ. ସୂର୍ଯ୍ୟନାରାୟଣ, ବି. ୱେଙ୍କଟ, ଏସ୍. ସତ୍ୟନାରାୟଣ, ଏସ୍. ନାଗେଶ୍ୱର, ଭି. ପଦ୍ମନାଭ ରାଓ, ମନୋଜ ପାତ୍ର, ମୋହନ ରାଓ, ଅଙ୍କନେୟୁଲି, ଭାଗିତାଘି ପାତ୍ର, ପ୍ରଦୀପ ପାତ୍ର, ନ୍ୟାଚୁରାଲ ଭାଇ, କୋଟା ମାଧବ, ବଦ୍ରି ସୁବୁଦ୍ଧି, ସବ୍ୟସାଚୀ ପଣ୍ଡା, ଜେ ସୁରେଶ, ମହାରଣା ବାବୁ, ଭାସ୍କର ବାଙ୍ଗାରୀ, ଏସ୍. ସତ୍ୟବତୀ, ଗୌରୀ, ମୁଦ୍ରା, ଏ. ରମେଶ ପାତ୍ର, ଏଲ୍.ଏସ୍. ଧର୍ମା ରାଓ, କେ. ଚନ୍ଦ୍ର କୁମାର ପାତ୍ର, ଏସ. ଲକ୍ଷ୍ମୀ ନାରାୟଣ, ଲେଡିଜ୍ ୱାକର୍ ଗ୍ରୁପ୍, ମାରୱାଡ଼ି ଗ୍ରୁପ୍ ସହ ବହୁ କାର୍ଯ୍ୟକର୍ତା ଓ ସଂଗଠନ ଉପସ୍ଥିତ ଥିଲେ ।

# ପ୍ରଧାନମନ୍ତ୍ରୀଙ୍କୁ ଭେଟିଲେ ଆମେରିକା ବିଦେଶ ମନ୍ତ୍ରୀ



ନୂଆଦିଲ୍ଲୀ : ଆମେରିକା ବିଦେଶ ମନ୍ତ୍ରୀ ମାର୍କୋ ରୁବିଓ ଆଜି ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କୁ ସାକ୍ଷାତ କରିଛନ୍ତି । ବିଦେଶ ମନ୍ତ୍ରୀ ରୁବିଓ ପ୍ରଧାନମନ୍ତ୍ରୀଙ୍କୁ ପ୍ରତିରକ୍ଷା, ରଣନୀତିକ ପ୍ରଯୁକ୍ତି, ବ୍ୟବସାୟ ଓ ନିବେଶ, ଉର୍ଜା ସୁରକ୍ଷା, ଯୋଗାଯୋଗ, ଶିକ୍ଷା ଓ ନାଗରିକ ସମ୍ପର୍କ ସମେତ ବିଭିନ୍ନ କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗରେ ହୋଇଥିବା ନିରନ୍ତର ପ୍ରଗତି ବିଷୟରେ ସୂଚନା ଦେଇଥିଲେ । ବିଦେଶ ମନ୍ତ୍ରୀ ରୁବିଓ ପଶ୍ଚିମ ଏସିଆ ସ୍ଥିତି ସମେତ ବିଭିନ୍ନ କ୍ଷେତ୍ରୀୟ ଏବଂ ବିଶ୍ୱସ୍ତରୀୟ ପ୍ରସଙ୍ଗରେ ଆମେରିକାର ଦୃଷ୍ଟିକୋଣ ବ୍ୟକ୍ତ କରିଥିଲେ ।ପ୍ରଧାନମନ୍ତ୍ରୀ ଶାନ୍ତି ପ୍ରୟାସ ଲାଗି ଭାରତର ନିରନ୍ତର ସମର୍ଥନକୁ ଦୋହରାଇଥିଲେ । ଆପୋସ ଆଲୋଚନା ଏବଂ କୂଟନୀତି ମାଧ୍ୟମରେ ସଂଘର୍ଷର ଶାନ୍ତିପୂର୍ଣ୍ଣ ସମାଧାନ ଲାଗି ସେ ପୁଣିଥରେ ଆହ୍ୱାନ କରିଥିଲେ । ଆମେରିକା ରାଷ୍ଟ୍ରପତି ଟ୍ରମ୍ପଙ୍କୁ ହାର୍ଦ୍ଦିକ ଶୁଭକାମନା ଜଣାଇବା ଲାଗି ବିଦେଶ ମନ୍ତ୍ରୀ ରୁବିଓଙ୍କୁ ପ୍ରଧାନମନ୍ତ୍ରୀ ମୋଦୀ ଅନୁରୋଧ କରିଥିଲେ ଏବଂ କହିଥିଲେ ସେମାନଙ୍କ ମଧ୍ୟରେ ନିୟମିତ ଆଲୋଚନା ଜାରି ରହିବ ।

# ଆସନ୍ତା ଜୁନ୍ ୨ ପର୍ଯ୍ୟନ୍ତ ରହିବ ଗ୍ରୀଷ୍ମପ୍ରବାହ



ଭୁବନେଶ୍ୱର : ଓଡ଼ିଶାରେ ପ୍ରଚଣ୍ଡ ଗ୍ରୀଷ୍ମ ଜାରି ରହିଥିବାବେଳେ ଖରାତାତି ଓ ଗୁଳୁଗୁଳିରେ ଛଟପଟ ହେଉଛନ୍ତି ରାଜ୍ୟବାସୀ । ଶନିବାର ଭଦ୍ରକ, କେନ୍ଦ୍ରାପଡା, ସୁନ୍ଦରଗଡ, ବରଗଡ, ଅନୁଗୋଳ, ସୋନପୁର, ବୌଦ୍ଧ ଓ ନୟାଗଡରେ ପ୍ରବଳ ତାତି ଅନୁଭୂତ ହେବନେଇ ଏସବୁ ଜିଲ୍ଲାକୁ ହିଟ ୱେଭ୍ ସତର୍କ ସୂଚନା ଜାରି କରାଯାଇଛି । ଅନ୍ୟପଟେ, ଆସନ୍ତା ଜୁନ୍ ୨ ତାରିଖ ପର୍ଯ୍ୟନ୍ତ ଗ୍ରୀଷ୍ମପ୍ରବାହ ରହିବ । ଏହି ସମୟରେ ତାତିରୁ ସତର୍କ ରହିବା ପାଇଁ ଗାଇଡ ଲାଇନ ଜାରି ହୋଇଛି । ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ପରାମର୍ଶ ଦେଇଛନ୍ତି ଯେ, ଅତ୍ୟନ୍ତ ଜରୁରୀ କାମ ନଥିଲେ ଘରୁ ବାହରନ୍ତୁ ନାହିଁ । ଯଦି କୌଣସି କାର୍ଯ୍ୟରେ ଘରୁ ବାହାରିଛନ୍ତି, ତେବେ ସାଙ୍ଗରେ ପାଣି ବୋତଲ, ଛତା, ଜୋତା ନେଇ ବାହାରନ୍ତୁ । ଅନ୍ୟପକ୍ଷରେ ରାଜ୍ୟର ସମସ୍ତ ଏନଏସି ଏବଂ ମୁନିସିପାଲିଟି ପକ୍ଷରୁ ବିଭିନ୍ନ ସ୍ଥାନରେ ପିଇବା ପାଣି ବ୍ୟବସ୍ଥାା କରାଯାଇଛି । ଏଭଳି ସ୍ଥିତି ରାଜ୍ୟରେ ଜୁନ୍ ୨ତାରିଖ ପର୍ଯ୍ୟନ୍ତ ଜାରି ରହିବ ବୋଲି ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି । ତେବେ ବଲାଙ୍ଗୀର ପରି ପଶ୍ଚିମ ଓଡ଼ିଶାର ଜିଲ୍ଲା ଗୁଡିକରେ ରାତିରେ ଉଷ୍ମତା ଅନୁଭୂତ ହେବାର ସମ୍ଭାବନା ରହିଛି । ଏହା ସହିତ ବାଲେଶ୍ୱର, ଯାଜପୁର, ଜଗତସିଂହପୁର, କେନ୍ଦୁଝର, କଟକ, ଦେବଗଡ, ଢେଙ୍କାନାଳ, ମୟୂରଭଞ୍ଜ, ନୂଆପଡ଼ା, କଳାହାଣ୍ଡି, ମାଲକାନଗିରି, ଗଜପତି, ଗଞ୍ଜାମ, ପୁରୀ ଓ ଖୋର୍ଦ୍ଧାରେ ଉଷ୍ମ ଓ ଆର୍ଦ୍ର ପାଣିପାଗ ଅର୍ଥାତ ପ୍ରବଳ ଗୁଳୁଗୁଳି ଅନୁଭୂତ ହେବ ବୋଲି ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି ।



# ସାଇପ୍ରସ ରାଷ୍ଟ୍ରପତିଙ୍କ ଗସ୍ତ ସମ୍ପର୍କରେ ମିଳିତ ବିବୃତି ପ୍ରଦାନ କଲେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ : ସାଇପ୍ରସ୍ ଗଣରାଜ୍ୟର ରାଷ୍ଟ୍ରପତି ଶ୍ରୀ ନିକୋସ୍ କ୍ରିଷ୍ଟୋଡୋଲିଡେସ୍, ଭାରତର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ନିମନ୍ତ୍ରଣ କ୍ରମେ ୨୦ - ୨୩ ମେ' ୨୦୨୬ ପର୍ଯ୍ୟନ୍ତ ଭାରତ ଗସ୍ତରେ ଆସିଛନ୍ତି । ଏହା ସାଇପ୍ରସର ୟୁରୋପୀୟ ସଂଘ ପରିଷଦର ସଭାପତିତ୍ୱ ସମୟରେ ଅନୁଷ୍ଠିତ ହେଉଥିବାରୁ ଏହି ଗସ୍ତର ବିଶେଷ ଗୁରୁତ୍ୱ ରହିଛି । ଏହି ଗସ୍ତ ଜୁନ୍ ୨୦୨୫ରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ସାଇପ୍ରସ ଗସ୍ତ ସମୟରେ ସୃଷ୍ଟି ହୋଇଥିବା ଐତିହାସିକ ଗତିକୁ ତ୍ୱରାନ୍ୱିତ କରିଛି । ଏହା ଏକ ରଣନୈତିକ ସହଭାଗୀତାର ମୂଳଦୁଆ ସ୍ଥାପନ କରିଛି । ଭାରତ - ସାଇପ୍ରସ ସମ୍ପର୍କକୁ ଫଳାଫଳ-ମୁଖୀ କରିବା ଏବଂ କାର୍ଯ୍ୟାନ୍ୱୟନ-ଚାଳିତ ପର୍ଯ୍ୟାୟରେ ପ୍ରବେଶ କରିବାର ଏହା ହେଉଛି ପ୍ରତୀକ । ରାଜନୈତିକ ଆଲୋଚନାର ଅଗ୍ରଗତି, ବୃଦ୍ଧି ପାଉଥିବା ବ୍ୟବସାୟିକ ସମ୍ପୃକ୍ତି, ବର୍ଦ୍ଧିତ ପ୍ରତିରକ୍ଷା ସମ୍ପର୍କ ଏବଂ ନବସୃଜନ ଏବଂ ପ୍ରଯୁକ୍ତି ବିଦ୍ୟାରେ ସହଯୋଗର ଆରମ୍ଭ ସମେତ ୨୦୨୫ ରେ ଜାରି ହୋଇଥିବା ମିଳିତ ଘୋଷଣାପତ୍ରକୁ କାର୍ଯ୍ୟକାରୀ କରିବାରେ ହାସଲ ହୋଇଥିବା ଯଥେଷ୍ଟ ଅଗ୍ରଗତିକୁ ଦୁଇ ନେତା ସ୍ୱାଗତ କରିଥିଲେ । ବିକଶିତ ଭୂ ରାଜନୈତିକ ଦୃଶ୍ୟପଟ ଏବଂ ଭାରତ - ସାଇପ୍ରସ୍ ସହଭାଗୀତାର ଗଭୀରତାକୁ ସ୍ୱୀକାର କରି, ନୂତନ ବାସ୍ତବତା ଏବଂ ସୁଯୋଗକୁ ପ୍ରତିଫଳିତ କରିବା ପାଇଁ ଦ୍ୱିପାକ୍ଷିକ ବ୍ୟାପକ ସହଭାଗୀତାକୁ ଏକ ରଣନୈତିକ ସହଭାଗୀତାରେ ଉନ୍ନୀତ କରିବାକୁ ନେତାମାନେ ସହମତ ହୋଇଥିଲେ । ରାଷ୍ଟ୍ରପତି କ୍ରିଷ୍ଟୋଡୋଲିଡେସ୍‌ଙ୍କୁ ୨୨ ମେ' ୨୦୨୬ରେ ରାଷ୍ଟ୍ରପତି ଭବନରେ ଭାରତର ମାନ୍ୟବର ରାଷ୍ଟ୍ରପତି ମହାମହିମ ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ସ୍ୱାଗତ କରିଥିଲେ । ସେ ରାଜଘାଟରେ ଜାତିର ପିତା ମହାତ୍ମା ଗାନ୍ଧୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ମାନ୍ୟବର ରାଷ୍ଟ୍ରପତି ଗସ୍ତରେ ଥିବା ମହାମହିମଙ୍କ ସମ୍ମାନାର୍ଥେ ଏକ ରାଷ୍ଟ୍ର ଭୋଜିର ମଧ୍ୟ ଆୟୋଜନ କରିଥିଲେ । ଏହି ଗସ୍ତ ସମୟରେ, ପ୍ରଧାନମନ୍ତ୍ରୀ ମୋଦୀ ଏବଂ ରାଷ୍ଟ୍ରପତି କ୍ରିଷ୍ଟୋଡୋଲିଡେସ୍ ୨୨ ମଇ, ୨୦୨୬ରେ ନୂଆଦିଲ୍ଲୀରେ ଦ୍ୱିପାକ୍ଷିକ ଆଲୋଚନା କରିଥିଲେ । ଉଭୟ ନେତା ଦ୍ୱିପାକ୍ଷିକ ସମ୍ପର୍କ ଉପରେ ବ୍ୟାପକ ଆଲୋଚନା କରିବା ସହିତ ବିଭିନ୍ନ କ୍ଷେତ୍ରରେ ଦ୍ୱିପାକ୍ଷିକ ସମ୍ପର୍କର ନବୀକରଣର ଗତି ଉପରେ ସନ୍ତୋଷ ପ୍ରକାଶ କରିଥିଲେ । ସେମାନେ ଭାରତ ଏବଂ ସାଇପ୍ରସ ମଧ୍ୟରେ ଘନିଷ୍ଠ ଏବଂ ବିଶ୍ୱସ୍ତ ସହଭାଗୀତାକୁ ପୁନଃସ୍ଥାପିତ କରିଥିଲେ, ଯାହା ସମାନ ଗଣତାନ୍ତ୍ରିକ ମୂଲ୍ୟବୋଧ, ଆଇନର ଶାସନ ଏବଂ ପାରସ୍ପରିକ ସମ୍ମାନ ଉପରେ ପ୍ରତିଷ୍ଠିତ । ସେମାନେ ଭାରତ - ୟୁରୋପୀୟ ସଂଘ ସମ୍ପର୍କ, ଏବଂ ପାରସ୍ପରିକ ସ୍ୱାର୍ଥର ଆଂଚଳିକ ଏବଂ ବିଶ୍ୱବ୍ୟାପୀ ପ୍ରସଙ୍ଗ ଉପରେ ମଧ୍ୟ ମତ ଆଦାନପ୍ରଦାନ କରିଥିଲେ । ଭାରତ - ସାଇପ୍ରସ ବ୍ୟାପକ ସହଭାଗୀତାର ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ଭାବରେ ଉଚ୍ଚ ରାଜନୈତିକ ସ୍ତରରେ ନିୟମିତ ଯୋଗାଯୋଗକୁ ଦୁଇ ନେତା ସ୍ୱାଗତ କରିଥିଲେ । ପ୍ରଧାନମନ୍ତ୍ରୀ ମୋଦୀଙ୍କ ୨୦୨୫ ମସିହାରେ ଗସ୍ତ ସମୟରେ ଘୋଷଣା କରାଯାଇଥିବା ଭାରତ - ସାଇପ୍ରସ ମିଳିତ କାର୍ଯ୍ୟ ଯୋଜନା ୨୦୨୫ - ୨୦୨୯ କାର୍ଯ୍ୟକାରୀ କରିବାରେ ହୋଇଥିବା ଗୁରୁତ୍ୱପୂର୍ଣ୍ଣ ଅଗ୍ରଗତିକୁ ସେମାନେ ସ୍ୱାଗତ କରିଛନ୍ତି । ଉଭୟ ପକ୍ଷ ୨୦୨୭ ମସିହାରେ ଦୁଇ ଦେଶ ମଧ୍ୟରେ କୂଟନୈତିକ ସମ୍ପର୍କ ସ୍ଥାପନର ୬୫ତମ ବାର୍ଷିକୀକୁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ ମାଧ୍ୟମରେ ପାଳନ କରିବାକୁ ମଧ୍ୟ ସହମତ ହୋଇଛନ୍ତି । ରାଷ୍ଟ୍ରପତି କ୍ରିଷ୍ଟୋଡୋଲିଡେସ୍ ଏଆଇ ପ୍ରଭାବ ସମ୍ମିଳନୀ ୨୦୨୬ର ସଫଳ ଆୟୋଜନ ପାଇଁ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଅଭିନନ୍ଦନ ଜଣାଇଥିଲେ । ସାଇପ୍ରସର ଗବେଷଣା, ନବସୃଜନ ଏବଂ ଡିଜିଟାଲ ନୀତିର ଉପମନ୍ତ୍ରୀ ତାଙ୍କ ଦେଶର ପ୍ରତିନିଧିତ୍ୱ କରିଥିଲେ ଏବଂ ସମ୍ମିଳନୀର ଘୋଷଣାପତ୍ରକୁ ଅନୁମୋଦନ କରିଥିଲେ । ଉଭୟ ନେତା ଏଆଇର ନିରାପଦ, ବିଶ୍ୱସନୀୟ ଏବଂ ସମାବେଶୀ ବିକାଶ ଦିଗରେ କାର୍ଯ୍ୟ କରିବା ଉପରେ ସେମାନଙ୍କର ମତାମତ ବାଂଟିଥିଲେ । ସମାନ ମୂଲ୍ୟବୋଧ ଏବଂ ବହୁପାକ୍ଷିକ ସହଯୋଗ - ଦୁଇ ନେତା ଶାନ୍ତି, ଗଣତନ୍ତ୍ର, ଆଇନର ଶାସନ, ପ୍ରଭାବଶାଳୀ ବହୁପାକ୍ଷିକତା ଏବଂ ସ୍ଥାୟୀ ବିକାଶ ପ୍ରତି ସେମାନଙ୍କର ସମାନ ପ୍ରତିବଦ୍ଧତା ଉପରେ ଗୁରୁତ୍ୱାରୋପ କରିଥିଲେ । ସେମାନେ ଜାତିସଂଘ ଚାର୍ଟର ଏବଂ ଅନ୍ତର୍ଜାତୀୟ ଆଇନରେ ଆଧାରିତ ନିୟମ - ଆଧାରିତ ଅନ୍ତର୍ଜାତୀୟ ବ୍ୟବସ୍ଥା ପ୍ରତି ସେମାନଙ୍କର ସମର୍ଥନକୁ ପୁଣି ଥରେ ଦୋହରାଇଥିଲେ । ନୌଚାଳନା ଏବଂ ଉଡ଼ାଣର ସ୍ୱାଧୀନତା, ଅବାଧ ବାଣିଜ୍ୟ ଏବଂ ସାର୍ବଭୌମ ସାମୁଦ୍ରିକ ଅଧିକାର ସମ୍ପର୍କରେ ମିଳିତ ଜାତିସଂଘ ସମୁଦ୍ର ଆଇନ ଉପରେ ସମ୍ମିଳନୀ (ୟୁଏନସିଏଲଓଏସ୍) ଉପରେ ବିଶେଷ ଗୁରୁତ୍ୱ ଦେଇଥିଲେ । ଉଭୟ ନେତା ପ୍ରମୁଖ ବିଶ୍ୱ ଆହ୍ୱାନ ଗୁଡିକର ମୁକାବିଲା ଏବଂ ସଂସ୍କାରପୂର୍ଣ୍ଣ ଏବଂ ପ୍ରଭାବଶାଳୀ ବହୁପାକ୍ଷିକତା ମାଧ୍ୟମରେ ଉଦୀୟମାନ ବିକାଶ ପାଇଁ ବିଶ୍ୱକୁ ପ୍ରସ୍ତୁତ କରିବା ଲାଗି ସେମାନଙ୍କର ମତକୁ ଦୋହରାଇଥିଲେ । ଏହି ପରିପ୍ରେକ୍ଷୀରେ, ସେମାନେ ଜାତିସଂଘ ଏବଂ ରାଜ୍ୟଗୋଷ୍ଠୀ ସମେତ ଅନ୍ତର୍ଜାତୀୟ ସଂଗଠନ ମଧ୍ୟରେ ସମନ୍ୱୟକୁ ମଜବୁତ କରିବା ପାଇଁ ସେମାନଙ୍କର ଅଭିପ୍ରାୟ ପ୍ରକାଶ କରିଥିଲେ ।

# ବିଶ୍ୱ କଇଁଛ ଦିବସ ଅବସରରେ ସଂରକ୍ଷଣ ବାର୍ତ୍ତା ଦେଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର : ବିଶ୍ୱ କଇଁଛ ଦିବସ ଅବସରରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କଇଁଛ ସଂରକ୍ଷଣ ଓ ଜୀବ ବିବିଧତାର ସୁରକ୍ଷା ପ୍ରତି ସମୂହିକ ସଂକଳ୍ପକୁ ପୁନରୁଚ୍ଚାରଣ କରିବାକୁ ଆହ୍ୱାନ କରିଛନ୍ତି । ସୋସିଆଲ ମିଡିଆରେ ପ୍ରକାଶିତ ତାଙ୍କ ବାର୍ତ୍ତାରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, କଇଁଛ ପ୍ରକୃତିର ସବୁଠାରୁ ଶାନ୍ତ, ଧୈର୍ଯ୍ୟଶୀଳ ଓ ଦୀର୍ଘାୟୁ ପ୍ରାଣୀମାନଙ୍କ ମଧ୍ୟରୁ ଗୋଟିଏ । ଭାରତୀୟ ସଂସ୍କୃତିରେ କଇଁଛକୁ ଧୈର୍ଯ୍ୟ, ସହନଶୀଳତା ଓ ସୁରକ୍ଷାର ପ୍ରତୀକ ଭାବେ ମନାଯାଏ ଏବଂ ଭଗବାନ ବିଷ୍ଣୁଙ୍କ କୂର୍ମ ଅବତାର ଭାବେ ଏହାର ବିଶେଷ ଧାର୍ମିକ ଓ ସାଂସ୍କୃତିକ ମହତ୍ୱ ରହିଛି । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ପ୍ରତିବର୍ଷ ବହୁ ସଂଖ୍ୟାରେ ଆସୁଥିବା ଅଲିଭ ରିଡଲେ ସାମୁଦ୍ରିକ କଇଁଛ ମାନଙ୍କ କାରଣରୁ ଓଡ଼ିଶାର ପବିତ୍ର ସମୁଦ୍ରତଟ ବିଶ୍ୱବ୍ୟାପୀ ଏକ ବିଶିଷ୍ଟ ପରିଚୟ ହାସଲ କରିଛି । ଏହି ପ୍ରାକୃତିକ ଘଟଣା ପ୍ରକୃତି, ସଂସ୍କୃତି ଓ ଆଧାତ୍ମିକ ପରମ୍ପରା ସହ ରାଜ୍ୟର ଗଭୀର ଓ ଚିରସ୍ଥାୟୀ ସମ୍ପର୍କକୁ ପ୍ରତିଫଳିତ କରେ । ସେ କହିଛନ୍ତି ଯେ, ଅଲିଭ ରିଡଲେ କଇଁଛ ମାନଙ୍କର ଆଗମନ ଓଡ଼ିଶାର ସମୃଦ୍ଧ ପରିବେଶ ଐତିହ୍ୟର ପ୍ରତୀକ, ଯାହାର ସଂରକ୍ଷଣ ଆମ ସମସ୍ତଙ୍କର ଦାୟିତ୍ୱ । ମୁଖ୍ୟମନ୍ତ୍ରୀ ଲୋକମାନଙ୍କୁ ଏହି ଦୁର୍ଲଭ ସାମୁଦ୍ରିକ ପ୍ରାଣୀମାନଙ୍କର ସୁରକ୍ଷା କରିବା ସହିତ ଆଗାମୀ ପିଢ଼ି ପାଇଁ ରାଜ୍ୟର ଜୀବ ବିବିଧତା ଓ ପ୍ରାକୃତିକ ଐତିହ୍ୟକୁ ସୁରକ୍ଷିତ ରଖିବାକୁ ସଂକଳ୍ପ ନେବା ପାଇଁ ଆହ୍ୱାନ କରିଛନ୍ତି ।

# ଗୁଣ୍ଡିଚା ମନ୍ଦିର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ

## ରଥଯାତ୍ରା ପୂର୍ବରୁ ସାରିବାକୁ ପରାମର୍ଶ ଦେଲେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ



ପୁରୀ : ଜୁଲାଇ ୧୬ ରେ ମହାପ୍ରଭୁଙ୍କର ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା । ରତ୍ନବେଦୀ ଛାଡ଼ି ଜନ୍ମବେଦୀ ଗୁଣ୍ଡିଚା ଘରକୁ ଆସିବେ ମହାପ୍ରଭୁ । ଭାଇ ଭଉଣୀଙ୍କୁ ସାଙ୍ଗରେ ଧରି ନବଦିନାତ୍ମକ ଯାତ୍ରା କରିବେ ମହାପ୍ରଭୁ । ଗୁଣ୍ଡିଚା ଘରେ ଭକ୍ତଙ୍କ ଗହଣରେ ମହାପ୍ରଭୁ ଲୀଳା ଖେଳା କରିବାକୁ ଥିବାରୁ ଗୁଣ୍ଡିଚା ମନ୍ଦିରର ସୌନ୍ଦର୍ଯ୍ୟକରଣ ଓ ଉନ୍ନୟନମୂଳକ କାର୍ଯ୍ୟ ଜୋରସୋରରେ ଆଗେଇ ଚାଲିଛି । ରଥଯାତ୍ରାର ଯଥେଷ୍ଟ ପୂର୍ବରୁ ଗୁଣ୍ଡିଚା ଘରର ସୌନ୍ଦର୍ଯ୍ୟକରଣ ଓ ଉନ୍ନୟନମୂଳକ କାର୍ଯ୍ୟ ସାରିବା ପାଇଁ ଲକ୍ଷ୍ୟ ରଖିଛି ଶ୍ରୀମନ୍ଦିର ପ୍ରଶାସନ । ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢୀଙ୍କ ସୂଚନା ଅନୁଯାୟୀ ମହାପ୍ରଭୁଙ୍କ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ପାଖେଇ ଆସୁଥିବାରୁ ଗୁଣ୍ଡିଚା ମନ୍ଦିରର ସୌନ୍ଦର୍ଯ୍ୟକରଣ କାର୍ଯ୍ୟକୁ ଜୋରସୋରରେ ଆଗେଇ ନିଆଯାଉଛି । ପରିଚାଳନା କମିଟିର ନିଷ୍ପତି କ୍ରମେ ଏବଂ ସମସ୍ତଙ୍କ ସହଯୋଗରେ ମହାପ୍ରଭୁଙ୍କ ଜନ୍ମବେଦୀ ଗୁଣ୍ଡିଚା ମନ୍ଦିରର ସମସ୍ତ କାର୍ଯ୍ୟ ସୁରୁଖୁରୁରେ କରାଯାଉଛି । ତେବେ ଟୁଣିଆ ମହଲ, ବଲ୍ଲଭ ଘର ଏବଂ ରୋଷଶାଳାର କରାଯାଉଥିବା କାର୍ଯ୍ୟ ସନ୍ତୋଷଜନକ ବୋଲି କହିଛନ୍ତି ମୁଖ୍ୟ ପ୍ରଶାସକ । ଉତର ପାର୍ଶ୍ୱ ଗୁମୁଟର ନବୀକରଣ କରାଯାଇଛି । ଗୁଣ୍ଡିଚା ମନ୍ଦିର ଚତୁଃପାର୍ଶ୍ୱରେ ଥିବା ପ୍ରାଚୀରରେ ଖଣ୍ଡେ ଲାଇଟ୍ ପଥର ସ୍ଥାପନା କରାଯାଇଛି । ରଥଯାତ୍ରାର ଯଥେଷ୍ଟ ପୂର୍ବରୁ ସମସ୍ତ କାର୍ଯ୍ୟ ଶେଷ ହୋଇଯିବ ବୋଲି ଆଶା ରଖିଛନ୍ତି ମୁଖ୍ୟ ପ୍ରଶାସକ ।

# ଭିବି-ଜି ରାମ ଜି ଆଇନର ୨୦୨୫ କାର୍ଯ୍ୟାନ୍ୱୟନ ପାଇଁ ରାଜ୍ୟଗୁଡ଼ିକର ପ୍ରସ୍ତୁତି ସମୀକ୍ଷା କଲେ ଗ୍ରାମୀଣ ବିକାଶ ସଚିବ

ନୂଆଦିଲ୍ଲୀ : ଗ୍ରାମୀଣ ବିକାଶ ମନ୍ତ୍ରଣାଳୟର ଗ୍ରାମୀଣ ବିକାଶ ବିଭାଗ (ଡିଓଆରଡି) ସଚିବ ଶ୍ରୀ ରୋହିତ କାନସଲଙ୍କ ଅଧ୍ୟକ୍ଷତାରେ ଆଜି 'ଭିବି-ଜି ରାମ ଜି ଆଇନ, ୨୦୨୫' ର ପ୍ରସ୍ତୁତି ଏବଂ ଏହାର କାର୍ଯ୍ୟକାରିତା ସମୀକ୍ଷା ପାଇଁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀଙ୍କ ସମେତ ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳର ପ୍ରତିନିଧିମାନେ ଯୋଗ ଦେଇଥିଲେ । ବୈଠକ ସମୟରେ, ଡିଓଆରଡି ସଚିବ ମହାତ୍ମା ଗାନ୍ଧୀ ଏନଆରଇଜିଏସ୍ ରୁ ଭିବି-ଜି ରାମ ଜି ଆଇନ ଅଧୀନରେ ସଂଶୋଧିତ ଢାଂଚାକୁ ସୁଗମ ପରିବର୍ତନ ପାଇଁ ରାଜ୍ୟ/କେନ୍ଦ୍ରଶାସିତ ଅଂଚଳ ଦ୍ୱାରା କରାଯାଉଥିବା ପ୍ରସ୍ତୁତିମୂଳକ କାର୍ଯ୍ୟକଳାପର ସ୍ଥିତି ସମୀକ୍ଷା କରିଥିଲେ । ଆଇନ ଆରମ୍ଭ ହେବା ପରେ ଏହାର ସୁଗମ କାର୍ଯ୍ୟକ୍ଷମତା ସୁନିଶ୍ଚିତ କରିବା ପାଇଁ ସମସ୍ତ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତୁତିମୂଳକ ପଦକ୍ଷେପଗୁଡ଼ିକୁ ସମୟସୀମା ମଧ୍ୟରେ ସମାପ୍ତ କରିବାକୁ ରାଜ୍ୟ/କେନ୍ଦ୍ରଶାସିତ ପ୍ରଦେଶଗୁଡ଼ିକୁ ପରାମର୍ଶ ଦିଆଯାଇଥିଲା । ବୈଠକରେ ସମୀକ୍ଷା କରାଯାଇଥିବା ପ୍ରସ୍ତୁତିମୂଳକ କାର୍ଯ୍ୟକଳାପ ମଧ୍ୟରେ ସଂଶୋଧିତ ଢାଂଚାକୁ କାର୍ଯ୍ୟକାରୀ କରିବା ପାଇଁ ଆବଶ୍ୟକ ବିଭିନ୍ନ ରାଜ୍ୟସ୍ତରୀୟ ପ୍ରସ୍ତୁତିମୂଳକ ପଦକ୍ଷେପ ଅନ୍ତର୍ଭୁକ୍ତ, ଯେପରିକି ରାଜ୍ୟ ଭିବି-ଜି ରାମ ଜି ଯୋଜନାର ବିଜ୍ଞପ୍ତି ପାଇଁ ପ୍ରସ୍ତୁତି, ଆଇନ ଅନୁଯାୟୀ ରାଜ୍ୟ-ନିର୍ଦ୍ଦିଷ୍ଟ ନିୟମ ପ୍ରଣୟନ, ଡିବିଟି- ସ୍ୱର୍ଣ୍ଣ ଏବଂ ଏସଏନଏ- ସ୍ୱର୍ଣ୍ଣ ପାଇଁ ବୈଷୟିକ ସମନ୍ୱୟ, ଏବଂ ପୋର୍ଟାଲ୍ ମାଧ୍ୟମରେ ପର୍ଯ୍ୟାପ୍ତ କାର୍ଯ୍ୟ ସେଲ୍ଫ ପ୍ରସ୍ତୁତ, ଯାହା ଗ୍ରାମସଭା ଦ୍ୱାରା ଅଂଶଗ୍ରହଣକାରୀ ଯୋଜନା ପଦ୍ଧତି ମାଧ୍ୟମରେ ଉପଯୁକ୍ତ ଭାବରେ ଅନୁମୋଦିତ, ଏବଂ ଅନ୍ୟାନ୍ୟ ଆବଶ୍ୟକୀୟ ଆର୍ଥିକ, ବୈଷୟିକ ଏବଂ ପ୍ରଶାସନିକ ବ୍ୟବସ୍ଥା ସହିତ ସମନ୍ୱିତ ହେବ । ରାଜ୍ୟ/କେନ୍ଦ୍ରଶାସିତ ଅଂଚଳଗୁଡ଼ିକୁ ଆବଶ୍ୟକୀୟ ବଜେଟ ବ୍ୟବସ୍ଥା କରିବାକୁ ଏବଂ ୧ ଜୁଲାଇ ଠାରୁ ଭିବି-ଜି ରାମ ଜି କାର୍ଯ୍ୟାନ୍ୱୟନ ପାଇଁ ପର୍ଯ୍ୟାପ୍ତ ଆର୍ଥିକ ଆବଂଟନ ସୁନିଶ୍ଚିତ କରିବାକୁ ପରାମର୍ଶ ଦିଆଯାଇଥିଲା । ସଂଶୋଧିତ ଢାଂଚାକୁ ସୁଗମ ପରିବର୍ତନ ପାଇଁ ମହାତ୍ମା ଗାନ୍ଧୀ ଏନଆରଇଜିଏସ୍ ଅଧୀନରେ ପଡ଼ି ରହିଥିବା ଦାୟିତ୍ୱର ସମୟାନୁସାରେ ଏବଂ ସମାଧାନ ସୁନିଶ୍ଚିତ କରିବାକୁ ରାଜ୍ୟ/କେନ୍ଦ୍ରଶାସିତ ଅଂଚଳଗୁଡ଼ିକୁ ପରାମର୍ଶ ଦିଆଯାଇଥିଲା । ଶ୍ରୀ ରୋହିତ କାନସଲ ୧ ଜୁଲାଇ, ୨୦୨୬ ପୂର୍ବରୁ ସମସ୍ତ ପ୍ରସ୍ତୁତିମୂଳକ କାର୍ଯ୍ୟକଳାପକୁ ସମୟସୀମା ମଧ୍ୟରେ ସମାପ୍ତ କରିବା ପାଇଁ ରାଜ୍ୟ/କେନ୍ଦ୍ରଶାସିତ ଅଂଚଳ ଏବଂ ବୈଷୟିକ ଦଳ ସମେତ ସମସ୍ତ ଅଂଶୀଦାରଙ୍କ ମଧ୍ୟରେ ଘନିଷ୍ଠ ସମନ୍ୱୟର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ । ସେ ଉଲ୍ଲେଖ କରିଥିଲେ ଯେ ମହାତ୍ମା ଗାନ୍ଧୀ ଏନଆରଇଜିଏସ୍ ରୁ ଭିବି-ଜି ରାମ ଜି କୁ ପରିବର୍ତନ ଗ୍ରାମୀଣ ନିଯୁକ୍ତି ଏବଂ ଜୀବିକା ଢାଂଚାରେ ଏକ ପ୍ରମୁଖ ସଂସ୍କାରକୁ ପ୍ରତିନିଧିତ୍ୱ କରେ, ଏବଂ ତେଣୁ କେନ୍ଦ୍ର ଏବଂ ରାଜ୍ୟ ଉଭୟ ସ୍ତରରେ ସମନ୍ୱିତ ପ୍ରୟାସ ଆବଶ୍ୟକ । ସଚିବ, ଡିଓଆରଡି, ଭିବି-ଜି ରାମ ଜି ଆଇନ, ୨୦୨୫ କୁ କାର୍ଯ୍ୟକାରୀ କରିବା ପାଇଁ କେନ୍ଦ୍ର ସରକାରଙ୍କ ଦ୍ୱାରା ପୂର୍ବରୁ ଗ୍ରହଣ କରାଯାଇଥିବା ବିଭିନ୍ନ ପ୍ରସ୍ତୁତିମୂଳକ କାର୍ଯ୍ୟକଳାପ ବିଷୟରେ ମଧ୍ୟ ରାଜ୍ୟ/କେନ୍ଦ୍ରଶାସିତ ଅଂଚଳଗୁଡ଼ିକୁ ସୂଚନା ଦେଇଥିଲେ । ଏହି ପରିପ୍ରେକ୍ଷୀରେ, ଭିବି-ଜି ରାମ ଜି ଅଧୀନରେ ଅନୁମତିପ୍ରାପ୍ତ କାର୍ଯ୍ୟଗୁଡ଼ିକର ଏକ ମଧ୍ୟବର୍ତୀକାଳୀନ ତାଲିକା ମତାମତ ଏବଂ ପରାମର୍ଶ ପାଇଁ ସମସ୍ତ ରାଜ୍ୟ/କେନ୍ଦ୍ରଶାସିତ ଅଂଚଳ ସହିତ ସେୟାର କରାଯାଇଛି । ରାଜ୍ୟ/କେନ୍ଦ୍ରଶାସିତ ଅଂଚଳ ଗୁଡ଼ିକୁ ସ୍ଥାନୀୟ ଆବଶ୍ୟକତା ଉପରେ ଆଧାରିତ ଅତିରିକ୍ତ କାର୍ଯ୍ୟ ପ୍ରସ୍ତାବ ଦେବାକୁ ଅନୁରୋଧ କରାଯାଇଛି, ଯାହା ଭିବି-ଜି ରାମ ଜି ଆଇନ, ୨୦୨୫ ର ସୂଚୀ ଓ ଅନୁଯାୟୀ କେନ୍ଦ୍ର ସରକାରଙ୍କ ଦ୍ୱାରା ବିଚାର କରାଯାଇପାରେ । ମନ୍ତ୍ରଣାଳୟ ରାଜ୍ୟ/କେନ୍ଦ୍ରଶାସିତ ପ୍ରଦେଶଗୁଡ଼ିକୁ ଜଣାଇଛି ଯେ ଭିବି-ଜି ରାମ ଜି ଆଇନ, ୨୦୨୫ ଅନୁଯାୟୀ ବିଭିନ୍ନ ଡ୍ରାଫ୍ଟ ନିୟମ ୨୨/୦୫/୨୦୨୬ ରେ ଜାରି କରାଯାଇଛି ଏବଂ ଚୂଡ଼ାନ୍ତ ହେବା ପୂର୍ବରୁ ୩୦ ଦିନ ପାଇଁ ବ୍ୟାପକ ସାଧାରଣ ପରାମର୍ଶ ପାଇଁ ଇ-ଗେଜେଟରେ ପ୍ରକାଶିତ ହୋଇଛି । ସଂଶୋଧିତ ଢାଂଚା ଅନୁଯାୟୀ ଯୋଜନା ଏବଂ କାର୍ଯ୍ୟାନ୍ୱୟନକୁ ସହଜ କରିବା ପାଇଁ ଗ୍ରାମ ପଂଚାୟତଗୁଡ଼ିକୁ ଏ/ବି/ସି ବର୍ଗରେ ବର୍ଗୀକରଣ ପାଇଁ ଏକ ସୂଚକ ଢାଂଚା ମଧ୍ୟ ରାଜ୍ୟ/କେନ୍ଦ୍ରଶାସିତ ପ୍ରଦେଶ ସହିତ ସେୟାର କରାଯାଇଛି ।

# ପଞ୍ଜାବ ଆଗରେ ୧୯୭ ରନ୍‌ର ବିଜୟ ଲକ୍ଷ୍ୟ ରଖିଲା ଲକ୍ଷ୍ନୌ



ଲକ୍ଷ୍ନୌ: ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍) ୨୦୨୬ର ୬୮ତମ ମ୍ୟାଚ୍‌ରେ ଲକ୍ଷ୍ନୌ ସୁପର ଜାଏଂଟସ୍‌କୁ ପଞ୍ଜାବ କିଙ୍ଗ୍ସ ଭେଟିଛି । ଲକ୍ଷ୍ନୌସ୍ଥିତ ରତରନ୍ ଅଟଳ ବିହାରୀ ବାଜପେୟୀ ଏକନା ଷ୍ଟାଡିୟମରେ ଶନିବାର ଟସ୍ ଜିଣି ପଞ୍ଜାବ ପ୍ରଥମେ ବୋଲିଂ ନିଷ୍ପତତନେଇଥିଲା । ରଷଭ ପନ୍ତଙ୍କ ନେତୃତ୍ୱରେ ଘରୋଇ ଦଳ ବ୍ୟାଟିଂ କରିଥିଲା । ଲକ୍ଷ୍ନୌ ନିର୍ଦ୍ଧାରିତ ୨୦ ଓଭରରେ ୬ଟି ୱିକେଟ୍ ହରାଇ ୧୯୬ ରନ୍ ସଂଗ୍ରହ କରିଛି । ଏହି ମ୍ୟାଚ୍ ଜିତିବା ପାଇଁ ପଞ୍ଜାବକୁ ୧୯୭ ରନ୍‌ର ଲକ୍ଷ୍ୟ ମିଳିଛି । ଲକ୍ଷ୍ନୌ ପାଇଁ ପ୍ରାରମ୍ଭିକ ବ୍ୟାଟର ସର୍ବାଧିକ ବ୍ୟକ୍ତିଗତ ସ୍କୋର କରିଥିଲେ । ସେ ୪୪ଟି ବଲ୍ ଖେଳି ୯ଟି ଚୌକା ଏବଂ ୨ଟି ଛକା ବଳରେ ୭୨ ରନ୍ ସଂଗ୍ରହ କରିଥିଲେ । ସେହିପରି ଆୟୁଷ ବଦୋନି ଦ୍ୱିତୟ ସର୍ବାଧିକ ରନ୍ କରିଥିଲେ । ସେ ୧୮ଟି ବଲ୍ ?ର ସମ୍ମୁଖୀନ ହୋଇ ୫ଟି ଚୌକା ଏବଂ ୩ଟି ଛକା ବଳରେ ୪୩ ରନ୍ କରିଥିଲେ । ଅଧିନାୟକ ଋଷଭ ପନ୍ତଙ୍କ ବ୍ୟାଟରୁ ୨୬ ରନ୍ ଅମଳ ହୋଇଥିଲା । ସେ ୨୨ଟି ବଲ୍ ଖେଳି ୩ଟି ଚୌକା ମାରିଥିଲେ । ଅବଦୁଲ ସାମନ୍ଦ ଅପରାଜିତ ୩୭ ରନ୍ କରିଥିଲେ । ସେ ୨୦ଟି ବଲ୍ ଖେଳି ୩ଟି ଚୌକା ଏବଂ ୩ଟି ଛକା ମାରିଥିଲେ । ଆର୍ଶୀନ କୁଲକର୍ଣ୍ଣିଙ୍କ ଶୂନ ରନ୍, ବିସ୍ଫୋରକ ବ୍ୟାଟର ନିକୋଲାସ ପୁରନ ୨ ରନ୍, ମୁକୁଲ ରୟ ୧ ରନ୍ କରିଥିଲେ । ଅର୍ଜୁନ ତେନ୍ଦୁଲକର ଅପରାଜିତ ୫ ରନ୍ କରିଥିଲେ । ପଞ୍ଜାବ ପାଇଁ ମାର୍କୋ ଜେସନ ଏବଂ ଯୁଜବେନ୍ଦ୍ର ଚହଲ ୨-୨ ୱିକେଟ ଅକ୍ତିଆର କରିଥିଲେ ।

# ଟି-୨୦ କ୍ରିକେଟରେ ନମ୍ବର ୧ ବ୍ୟାଟର ହେଲେ କୋହଲି



ନୂଆଦିଲ୍ଲୀ : ଆଇପିଏଲ ୨୦୨୬ ସିଜିନରେ, ବିରାଟ କୋହଲି ଲିଗ୍ ପର୍ଯ୍ୟାୟରେ ବ୍ୟାଟ୍ ସହିତ ଜବରଦସ୍ତ ଫର୍ମରେ ଅଛନ୍ତି । ସେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଦଳକୁ ପ୍ଲେଅଫରେ ପହଂଚାଇବାରେ ସଫଳ ହୋଇଥିଲେ । ସନରାଇଜର୍ସ ହାଇଦ୍ରାବାଦ ବିପକ୍ଷରେ ଲିଗ୍ ପର୍ଯ୍ୟାୟର ଶେଷ ମ୍ୟାଚରେ ସମସ୍ତେ ବିରାଟ କୋହଲିଙ୍କଠାରୁ ଏକ ବଡ଼ ଇନିଂସ ଆଶା କରିଥିଲେ, କିନ୍ତୁ ସେ ମାତ୍ର ୧୫ ରନ କରି ପ୍ୟାଭିଲିୟନ ଫେରିଥିଲେ । ଏହା ପୂର୍ବରୁ କୋହଲି ଏକ ଏପରି କୃତିତ୍ୱ ହାସଲ କରିଥିଲେ ଯାହା ତାଙ୍କୁ ଟି-ଟ୍ୱେଂଟି କ୍ରିକେଟରେ ଏକ ବଡ଼ ରେକର୍ଡ କରିବାରେ ସହାୟକ ହୋଇଛି । ଏବେ ବିରାଟ କୋହଲି ଟି-୨୦ ଫର୍ମାଟରେ ସର୍ବାଧିକ ୫୦ କିମ୍ବା ତା'ଠାରୁ ଅଧିକ ରନର ପାର୍ଟନରସିପ୍ ମାମଲାରେ ନମ୍ବର ୱାନ୍ ବ୍ୟାଟର ହୋଇଛନ୍ତି । ଆଲେକ୍ସ ହେଲ୍ସଙ୍କ ରେକର୍ଡ ଭାଙ୍ଗିଲେ ବିରାଟ- ଟି-୨୦ କ୍ରିକେଟରେ ଏପର୍ଯ୍ୟନ୍ତ ଅନେକ ରେକର୍ଡ ହୋଇଛି । ଅନେକ ରେକର୍ଡ ଭାଙ୍ଗିଛି ମଧ୍ୟ । କୋହଲିଙ୍କ ନାମରେ ମଧ୍ୟ ଅନେକ ରେକର୍ଡ ରହିଛି । ସନରାଇଜର୍ସ ହାଇଦ୍ରାବାଦ ବିପକ୍ଷ ମ୍ୟାଚ୍‌ରେ ଭେଙ୍କଟେଶ ଆୟରଙ୍କ ସହିତ ପ୍ରଥମ ୱିକେଟ୍ ପାଇଁ ୫୦ ରନର ପାର୍ଟନରସିପ୍ ପୂରଣ କରିବା ମାତ୍ରେ ବିରାଟ କୋହଲି ଟି-୨୦ ଫର୍ମାଟରେ ସର୍ବାଧିକ ୫୦ରୁ ଅଧିକ ରନର ପାର୍ଟନରସିପର ଅଂଶୀଦାର ହୋଇଥିବା ଖେଳାଳି ହୋଇଛନ୍ତି । ଏହା ଟି-୨୦ କ୍ରିକେଟ୍‌ରେ ବିରାଟ କୋହଲିଙ୍କର ୨୧୧ତମ ୫୦ରୁ ଅଧିକ ରନର ପାର୍ଟନରସିପ୍ ଥିଲା ।

# ଟି-୨୦ ବିଶ୍ୱକପ ଖେଳିବା ପାଇଁ ଲଣ୍ଡନ ଗଲେ ଭାରତୀୟ ମହିଳା ଟିମ୍



ନୂଆଦିଲ୍ଲୀ: ଭାରତୀୟ ମହିଳା କ୍ରିକେଟ ଟିମ ଶନିବାର ଟି୨୦ ବିଶ୍ୱକପ ଖେଳିବା ପାଇଁ ମୁମ୍ବାଇରୁ ଇଂଲଣ୍ଡ ଅଭିମୁଖେ ଯାତ୍ରା କରିଛନ୍ତି । ପ୍ରଶଂସକମାନେ ବାଜା ବଜାଇବା ସହ ତିଳକ ଲଗାଇ ସେମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ । ହରମନପ୍ରୀତ କୌରଙ୍କ ନେତୃତ୍ୱରେ ଭାରତୀୟ ଟିମ ଗତ ବର୍ଷ ପ୍ରଥମ ଥର ପାଇଁ ଦିନିକିଆ ବିଶ୍ୱକପ ଟାଇଟଲ ହାସଲ କରିଥିଲା । ବିଶ୍ୱକପ ପୂର୍ବରୁ ଭାରତୀୟ ଟିମ ଇଂଲଣ୍ଡ ବିପକ୍ଷରେ ୩ ମ୍ୟାଚ ବିଶିଷ୍ଟ ଟି୨୦ ସିରିଜ ଖେଳିବ । ମାର୍ଚ୍ଚ ୨୮ରୁ ଏହି ସିରିଜ ଆରମ୍ଭ ହେବ । ବିଶ୍ୱକପରେ ଭାରତ ପାରମ୍ପାରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ୧୪ ଜୁନରେ ଭେଟିବ । ଏହି ମ୍ୟାଚ ଏଜବେଷ୍ଟନରେ ଖେଳାଯିବ । ୧୨ ଟିମକୁ ୨ଟି ଗ୍ରୁପରେ ଭାଗ କରାଯାଇଛି । ପ୍ରତ୍ୟେକ ଗ୍ରୁପରୁ ୨ଟି ଲେଖାଏଁ ଟିମ ସେମି ଫାଇନାଲରେ ପ୍ରବେଶ କରିବ । ଅଷ୍ଟ୍ରେଲିଆ ସର୍ବାଧିକ ୬ ଥର ଟାଇଟଲ ହାସଲ କରିଛି । ଭାରତୀୟ ଟିମ: ହରମନପ୍ରୀତ କୌର(ଅଧିନାୟିକା), ସ୍ମୃତି ମାନ୍ଧନା, ଶେଫାଳୀ ବର୍ମା, ଜେମିମା ରୋଡ୍ରିଗ୍ସ, ଦୀପ୍ତି ଶର୍ମା, ରିଚା ଘୋଷ, ଭାରତୀ ଫୁଲମାଳି, ଶ୍ରୀଚରଣୀ, ଯାଷ୍ଟିକା ଭାଟିଆ, ନନ୍ଦନୀ ଶର୍ମା, ଅରୁନ୍ଧତୀ ରେଡ୍ଡୀ, କ୍ରାନ୍ତି ଗୌଡ, ରେଣୁକା ସିଂ ଠାକୁର, ଶ୍ରେୟାଙ୍କ ପାଟିଲ ଓ ରାଧା ଯାଦବ ।

Printed & Published by **Kishore Das**, Owner & Editor **Nirmalya Mohanty** & Printed at **Nirmalya Offset Press**, Neliabag, Balasore & Published at Balasore, Gopalgaon, Balasore, Odisha, Pin-756001, Telefax-262694, Phone-(R)269427, 266035,
Managing Editor- **Laxminarayan Mohanty,** ପରିଚାଳନା ସମ୍ପାଦକ- ଲକ୍ଷ୍ମୀନାରାୟଣ ମହାନ୍ତି BBSR (Office) Telefax- 0674-2395135, Editor- **Nirmalya Mohanty,** ସମ୍ପାଦକ- **ନିର୍ମାଲ୍ୟ ମହାନ୍ତି**